R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୦
ତିଥି : ଚତୁର୍ଥୀ
୧୩ ଫେବୃଆରୀ ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 130
13 Feb 2024, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ରାସନ କାର୍ଡଧାରୀଙ୍କୁ ମିଳିବ ୧୦୦୦ ଟଙ୍କା



ଭୁବନେଶ୍ୱର, ୧୨।୨ (ସବ୍ୟୁ) : ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ସେମାନଙ୍କ ସୁଗମ ଜିବିକା ନିର୍ବାହ ନିମନ୍ତେ ପ୍ରତ୍ୟେକ ପରିବାର ଲାଗି ଦୁଇଟି ଲେଖାଏଁ ଝୋଟ ତିଆରି ବ୍ୟାଗ୍ ଓ ହଜାରେ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ । ରାଜ୍ୟର ୯୫.୯୦ ଲକ୍ଷ ହିତାଧିକାରୀ ଏହି ସୁବିଧା ପାଇବେ । ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ସାମଗ୍ରୀ ନେବା, ଆଣିବା ବଜାରର ଦରଦାମ ବୃଦ୍ଧି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବାରେ ଏହା ସାହାଯ୍ୟ କରିବ । ୯୫.୯୦ ଲକ୍ଷ ପରିବାରଙ୍କୁ ବ୍ୟାଗ୍ ବଣ୍ଟନ ପାଇଁ ଖର୍ଚ୍ଚ ବାବଦରେ ୨୭୮.୬୯ କୋଟି ଟଙ୍କା ବ୍ୟୟ ହେବ । ସେହିଭଳି ହଜାରେ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଖର୍ଚ୍ଚ ବାବଦକୁ ୯୫୯.୦୫ କୋଟି ଟଙ୍କା ବ୍ୟୟ ହେବ । ସର୍ବମୋଟ୍ ୧୨୩୭.୭୪ କୋଟି ଟଙ୍କା ବ୍ୟୟ କରାଯିବ । ଏହାକୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରିବେ । ଉପରୋକ୍ତ ପ୍ରସ୍ତାବ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୨୬ ପ୍ରସ୍ତାବ ପାରିତ ହୋଇଛି

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟ ସଚିବ ପଦୀପ କୁମାର ଜେନା ସୂଚନା ଦେଇଥିଲେ । ସେମାନେ କହିଥିଲେ ଯେ ଓଡ଼ିଶା ମୋବାଇଲ ଟାୱାର ଏବଂ ଟେଲିଗ୍ରାଫ୍ ଲାଇନ୍, ଓଏଫ୍‌ସି ଲାଇନ୍ ଓ ରିଲେଟେଡ୍ ଇନ୍ଫ୍ରାଷ୍ଟ୍ରକ୍ଚର ପଲିସି ୨୦୧୭ର କିଛି ଅଂଶକୁ ସଂଶୋଧନ କରାଯାଇଛି । ଦୂରସଞ୍ଚାର ଭିତ୍ତିଭୂମିକୁ ସୁଦୃଢ଼ ଓ ସୁଗମ କରିବା, ରାଜ୍ୟରେ ୫-ଜି ଇଣ୍ଟରନେଟ୍ ସେବାର ତ୍ୱରିତ ପ୍ରସାର ଲାଗି ଏହା କରାଯାଇଛି । ଜୀବାଂଶ ଉତ୍ସରୁ ୫୦% ବିଦ୍ୟୁତ୍ ଉତ୍ପାଦନ ମାଧ୍ୟମରେ ନିଜର ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ବିତରଣକାରୀ ସଂସ୍ଥା, ଓପେନ୍ ଆସେସ୍ ଉପଭୋକ୍ତାଙ୍କ ପାଇଁ ଆର୍‌ପିଓ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପ୍ରଗତିଶୀଳ ଓଡ଼ିଶା, ଅକ୍ଷୟଶକ୍ତି ନୀତି ପ୍ରଣୟନ କରାଯାଇଛି । ଯାହା ମାଧ୍ୟମରେ ୨୦୩୦ ସୁଦ୍ଧା ୧୧୦୦୦ ମେଗାୱାଟ୍ ସବୁଜ ଶକ୍ତି ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାର ଆନୁମାନିକ ମୂଲ୍ୟ ୧୩୪୫ କୋଟି ଟଙ୍କା । ଏହା ମଧ୍ୟରୁ ୬୪୧.୫ କୋଟି ଟଙ୍କା ସରକାରୀ ଅଂଶଧନ ରହିବ ଓ ଅବଶିଷ୍ଟ ୭୦୩.୫% କୋଟି ଟଙ୍କା ଓପିଟିସିଏଲ୍ ଦ୍ୱାରା ଋଣ ଆକାରରେ ସଂଗ୍ରହ କରାଯିବ । ଏହାକୁ ଆଜି ଅନୁମୋଦନ ମିଳିଛି । ସେହିଭଳି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶା ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣ ଯୋଜନା ପ୍ରଥମ ପର୍ଯ୍ୟାୟରେ ଓପିଟିସିଏଲ୍ ଦ୍ୱାରା ସରକାରଙ୍କ ଶତ ପ୍ରତିଶତ ଅଂଶଧନ ସହାୟତାରେ ୩ ବର୍ଷ ମଧ୍ୟରେ ୮ ଅତିଉଚ୍ଚ କ୍ଷମତାସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେସନ୍ ତଥା ଆନୁଷଙ୍ଗିକ ଲାଇନ୍ ନିମନ୍ତେ ଅନୁମୋଦନ ମିଳିଛି । ସେହିଭଳି ରିଜର୍ଭ ପୋଲିସ୍ ଲାଇନ୍ ମସ୍‌ଜିସ ଭୁବନେଶ୍ୱରକୁ ମକତାବ-ତଥା-ମସ୍‌ଜିତ୍ ଉଦ୍ଦେଶ୍ୟରେ ଆବଣ୍ଟିତ ୨୦୮ ଡିସିମିଲ୍ ଭୂମିର ଅଧିମୂଲ୍ୟକୁ ଛାଡ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ କରି ଗ୍ରାମାଞ୍ଚଳୱାରୀ ଧାନଚାଷୀ ହୋଇଥିବା ଜମିର ବିଶ୍ଳେଷଣ ପ୍ରକଳ୍ପ ଆଗାମୀ ୯ଟି ଧାନ ସଂଗ୍ରହ ଋତୁରେ ବ୍ୟବହାର ପାଇଁ ଯୋଜନାକୁ ଅନୁମୋଦନ ମିଳିଛି । ଏହି ବ୍ୟବସ୍ଥା ଦ୍ୱାରା ଚାଷ ଜମିର ଚିହ୍ନଟ ଓ ଉତ୍ପାଦିତ ହେଉଥିବା ଫସଲର ବାସ୍ତବତା ପ୍ରତିପାଦିତ ହେବ । ଏହି (୯ ପୃଷ୍ଠାରେ)

**ଉପକୃତ ହେବେ ୯୫.୯୦ ଲକ୍ଷ ହିତାଧିକାରୀ**
**ଦୁଇଟି ଝୋଟ ବ୍ୟାଗ୍ ପ୍ରଦାନ ଲାଗି ନିଷ୍ପତ୍ତି**
**ଖର୍ଚ୍ଚ ହେବ ୧୨୩୭.୭୪ କୋଟି**
**୨୬ ପ୍ରସ୍ତାବକୁ କ୍ୟାବିନେଟ୍‌ର ମଞ୍ଜୁରୀ**
**ବିଭିନ୍ନ ସମାଜ ଓ ସଂସ୍ଥାକୁ ମାଗଣାରେ ଜମି**
**ଇଣ୍ଡିଆନ ଟେଲିଗ୍ରାଫ୍ ରାଇଟ୍ ଅଫ୍ ୱେ ନିୟମରେ ସଂଶୋଧନ**
**ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ ଅନୁମୋଦନ**
**୩ ବର୍ଷରେ ୮ ଅତିଉଚ୍ଚ କ୍ଷମତାସମ୍ପନ୍ନ ଗ୍ରିଡ୍ ସବ୍‌ଷ୍ଟେସନ୍ ପ୍ରତିଷ୍ଠା**

# ପଞ୍ଚଭୂତରେ ଲୀନ ହେଲେ ବିଶିଷ୍ଟ ସାହିତ୍ୟିକ ସାତକଡି ହୋତା

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ



**ଶ୍ରଦ୍ଧାଞ୍ଜଳି ଦେଲେ ଜିଲ୍ଲାପାଳ**
**ଶେଷକୃତ୍ୟରେ ସାମିଲ ହେଲେ ବହୁ ବିଶିଷ୍ଟ ବ୍ୟକ୍ତି**

ପୁରୀ, ୧୨।୨ (ସବ୍ୟୁ): ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ, ଦୈନିକ ସମ୍ବାଦପତ୍ର ସମୟର ସଂପାଦକ ତଥା ସମାଜ ସଂସ୍କାରକ ସାତକଡି ହୋତାଙ୍କ ଅନ୍ତେଷ୍ଟିକ୍ରିୟା ପୁରୀ ସ୍ୱର୍ଗଦ୍ୱାର ଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସଂପନ୍ନ ହୋଇଛି । ସାତକଡି ହୋତା ଅମର ରହେ ଧ୍ୱନି ଓ ତୋପ ସଲାମୀ ମଧ୍ୟରେ ବଡ଼ପୁଅ ସଂଜୀବ ହୋତା ମୁଖାଗ୍ନି ଦେଇଥିଲେ । ସ୍ୱର୍ଗଦ୍ୱାର ଠାରେ ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାଶ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସି ବିଚ୍ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର, ସମାଜସେବୀ ବଦ୍ରି ମିଶ୍ର, ଅନ୍ୟାନ୍ୟ ବରିଷ୍ଠ ନାଗରିକ, ସାହିତ୍ୟିକଙ୍କ ସମେତ ପୁରୀ ର ଅନେକ ସାମ୍ବାଦିକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷକୃତ୍ୟ ସମୟରେ ସ୍ୱର୍ଗତ ହୋତା ଙ୍କ ପରିବାର ର ସଦସ୍ୟଙ୍କ ସମେତ ସମୟ ଅନୁଷ୍ଠାନ ପକ୍ଷରୁ ଜେନେରାଲ ମ୍ୟାନେଜର ପ୍ରଦୀପ୍ତ ଲେଙ୍କା, ଡିଜିଏମ୍ ଆକାଉଣ୍ଟସ୍ ବିଜନ ପାଢ଼ି, ମ୍ୟାନେଜର ଏଚ୍‌ଆର ସତ୍ୟନାରାୟଣ ମହାନ୍ତି, ଆଡଭରଟାଇଜ୍‌ମେଣ୍ଟ ମ୍ୟାନେଜର ସମୀର ସାମଲ, ଅସୀମ ଶାହାଣୀ, ସମୟର ପୁରୀ ପ୍ରତିନିଧି ବିଶ୍ୱଜିତ୍ ପଟ୍ଟନାୟକ, ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ସମାଜ ପାଇଁ ନୂଆ ଯୋଜନା 'ସ୍ୱୟମ୍'

ଭୁବନେଶ୍ୱର, ୧୨।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କ୍ୟାବିନେଟ ବୈଠକରେ ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବର୍ତ୍ତମାନ ଆସିଥିବା ନୂଆ ଜାଗରଣରେ ଓଡିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଯୁବ ସମାଜକୁ ସାମିଲ କରିବା ପାଇଁ ଆଜି ରାଜ୍ୟ କ୍ୟାବିନେଟ 'ସ୍ୱୟମ' ନାମରେ ଏକ ନୂତନ ଯୋଜନାକୁ ଅନୁମତି ଦେଇଛନ୍ତି । ଏହା ଦ୍ୱାରା ରାଜ୍ୟର ବ୍ୟବସାୟିକ ବାତାବରଣ ଆହୁରି ଉଜ୍ଜ୍ୱଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

'ସ୍ୱୟମ' ହେଉଛି ସ୍ୱତନ୍ତ୍ର ଯୁବ ଉଦ୍ୟମୀ । ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର ଯୁବକ ଯୁବତୀମାନଙ୍କୁ ବ୍ୟବସାୟ କରିବା ପାଇଁ ୧ ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ବିନା ସୁଧରେ ପ୍ରଦାନ କରାଯିବ । ଏହି ଯୋଜନାରେ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୧ ଲକ୍ଷ ଯୋଗ୍ୟ ଯୁବକ ଯୁବତୀମାନଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥି ପାଇଁ ରାଜ୍ୟ ସରକାର ତାଙ୍କ ନିଜ ବଜେଟରୁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରିବେ ।

ସୂଚନାଯୋଗ୍ୟ ଯେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଯୁବକ ଯୁବତୀମାନେ ବ୍ୟବସାୟ ବାଣିଜ୍ୟ ପାଇଁ ସରକାରଙ୍କ ସ୍ୱତନ୍ତ୍ର ସହାୟତା ପାଇଁ ପ୍ରସ୍ତାବ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆସିବା ପରେ ଏ ସଂପର୍କିତ ପ୍ରସ୍ତାବ କ୍ୟାବିନେଟର ଅନୁମୋଦନ ପାଇଁ ଯାଇଥିଲା ଏବଂ ଆଜି ଏହା ଅନୁମୋଦନ ଲାଭ କରିଛି ।

ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର ଯୁବକ ଯୁବତୀମାନେ ସାମିଲ ହୋଇପାରିବେ । ଅନୁସୂଚିତ ଜାତି ଜନଜାତି ଓ ଭିନ୍ନକ୍ଷମ ବର୍ଗର ପିଲାଙ୍କ ପାଇଁ ଏହି ବୟସ ସୀମା ୧୮ ରୁ ୪୦ ବର୍ଷ । ଆବେଦନକାରୀଙ୍କ ପରିବାର କାଳିଆ କିମ୍ବା ଇଗରଙ୍ଗ ଯୋଜନାରେ ସାମିଲ ହୋଇଥିବେ କିମ୍ବା ସେମାନଙ୍କ ବାର୍ଷିକ ପାରିବାରିକ ରୋଜଗାର ୨ ଲକ୍ଷରୁ କମ ହେବା ଆବଶ୍ୟକ । ପରିବାରର ଅର୍ଥ ଏଠାରେ ହେଉଛି ଆବେଦନକାରୀ ଓ ତାଙ୍କ ପତି ବା ପତ୍ନୀ । ଆବେଦନକାରୀଙ୍କର ଉଦ୍ୟମୀ ପଞ୍ଜିକୃତ କିମ୍ବା ଉଦ୍ୟମୀ ସହାୟତା ନମ୍ବର ରହିବା ଆବଶ୍ୟକ ।

ବ୍ୟାଙ୍କ କିମ୍ବା ଅନ୍ୟ କୌଣସି ଆର୍ଥିକ ଅନୁଷ୍ଠାନରୁ ଋଣ ନେଇ ଖିଲାପି (୯ ପୃଷ୍ଠାରେ)

**ଯୁବକ-ଯୁବତୀଙ୍କୁ ବିନା ସୁଧରେ ମିଳିବ ୧ ଲକ୍ଷ ଯାଏ ଋଣ**
**୧୮ ରୁ ୩୫ ବର୍ଷ ବୟସ୍କଙ୍କୁ ମିଳିବ ସୁଯୋଗ**
**ସରକାର ଖର୍ଚ୍ଚ କରିବେ ୪୪୮ କୋଟି**

## ବଲାଙ୍ଗିର, ବରଗଡ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ 'ଲକ୍ଷ୍ମୀ' ଯୋଜନା ଆରମ୍ଭ

# ଲୋକଙ୍କୁ ସମ୍ମାନ ଦେଇ ଆମେ ଯୋଜନା କରୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ବଲାଙ୍ଗିର, ବରଗଡ, କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋ ସରକାର ହେଉଛି ଲୋକଙ୍କ ସରକାର । ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡିଶା ସରକାର ଯୋଜନା କରନ୍ତି । ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ ଯେ ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲ୍ଲାବାସୀ ଲକ୍ଷ୍ମୀ ବସ୍ ସେବା ପାଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ଟି ଜିଲ୍ଲା ଯୋଡି ହେଇଥିଲା । ଆଜି ଆଉ ୫ଟି ଜିଲ୍ଲା ଯଥା ବଲାଙ୍ଗିର, ବରଗଡ, କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ ଲକ୍ଷ୍ମୀ ଯୋଜନାରେ ସାମିଲ ହେଲା । ବର୍ତ୍ତମାନ ସୁଦ୍ଧା ୧୪ଟି ଜିଲ୍ଲା ସାମିଲ ।

ଆଜିର ଶୁଭାରମ୍ଭ ପରେ ୫ଟି ଜିଲ୍ଲାର ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିଲା । ଏହା ଦ୍ୱାରା ୮୩ ଲକ୍ଷରୁ ଅଧିକ ଲୋକ ଉପକାର ପାଇଲେ । ବଲାଙ୍ଗିରର ୩୧୩ଟି ପଞ୍ଚାୟତରେ ୪୪ଟି ବସ୍ ଚାଲିଲା ଏବଂ ୧୬.୫୦ ଲକ୍ଷ ଲୋକ ଉପକୃତ ହେଲେ । ବରଗଡର ୨୪୩ଟି ପଞ୍ଚାୟତରେ ୬୦ଟି ବସ୍ ଚାଲିଲା ଏବଂ ୧୪ ଲକ୍ଷ ୨୨ ହଜାର ଲୋକ ଉପକୃତ ହେଲେ । କେନ୍ଦୁଝରର ୧୫୮ଟି ପଞ୍ଚାୟତରେ ୨୫ଟି ବସ୍ ଚାଲିଲା ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହେଲେ । ମୟୁରଭଞ୍ଜର ୩୮୬ଟି ପଞ୍ଚାୟତରେ ୧୦୭ଟି ବସ୍ ଚାଲିଲା ୨୪ ଲକ୍ଷ ୨୦ ହଜାର ଲୋକ ଉପକୃତ ହେଲେଛ ସୁନ୍ଦରଗଡର ୨୪୦ଟି ପଞ୍ଚାୟତରେ ୬୫ଟି ବସ୍ ଚାଲିଲା ୧୭ ଲକ୍ଷ ୨୦ ହଜାର ଲୋକ ଉପକୃତ ହେଲେ ।

ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି । ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ ।୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି ।

ଏହି ଅବସରରେ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି । ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

ସେ ପୁଣି (୯ ପୃଷ୍ଠାରେ)

**୫-ଟି ଉପକ୍ରମରେ ଚାଲିଛି ଲକ୍ଷ୍ମୀ ବସ୍**
**ବସ୍ ଆପଣଙ୍କ ସମ୍ପତ୍ତି, ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର : ୫-ଟି ଅଧ୍ୟକ୍ଷ**

# ଦେବାଶିଷ୍-ଶୁଭାଶିଷ୍ ବିଜେଡିର ରାଜ୍ୟସଭା ପ୍ରାର୍ଥୀ





ଭୁବନେଶ୍ୱର, ୧୨।୨ (ସବ୍ୟୁ) : ବିଜେଡି ପକ୍ଷରୁ ରାଜ୍ୟସଭାର ଦୁଇଟି ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇଛି । ପୂର୍ବତନ ବିଧାୟକ ଦେବାଶିସ୍ ସାମନ୍ତରାୟ ଓ ଯୁବ ବିଜେଡି ଉପସଭାପତି ତଥା ପୁରୀର ଜଣାଶୁଣା ଯୁବନେତା ଶୁଭାଶିଷ୍ ଖୁଣ୍ଟିଆଙ୍କୁ ଦଳ ରାଜ୍ୟସଭା ପ୍ରାର୍ଥୀ ଭାବେ ଦଳ ମନୋନୀତ କରିଛି । ତେବେ ତୃତୀୟ ପ୍ରାର୍ଥୀ କିଏ ହେବ ସେ ନେଇ ସସ୍‌ପେନ୍ସ ଲାଗି ରହିଛି । ଆସନ୍ତାକାଲି ହୁଏତ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୃତୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇପାରନ୍ତି । ୧୫ ତାରିଖ ସୁଦ୍ଧା ରାଜ୍ୟସଭା ସଦସ୍ୟ ଲାଗି ପ୍ରାର୍ଥିପତ୍ର ଦାଖଲକରାଯିବ । ୨୭ ତାରିଖରେ ଭୋଟ୍ ଗ୍ରହଣ ହେବ ।

ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ଓ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଶେଷ ହେଉଛି । ତାଙ୍କ ସ୍ଥାନରେ ୩ ଜଣ ପ୍ରାର୍ଥୀ ଓଡ଼ିଶାରୁ ରାଜ୍ୟସଭାକୁ ଯିବାକଥା । ସଂଖ୍ୟା ଦୃଷ୍ଟିକୋଣରୁ ବିଜେଡି ୩ ପ୍ରାର୍ଥୀ ପଠାଇବାରେ କୌଣସି ଅସୁବିଧା ନାହିଁ । ବିଧାନସଭାରେ ବିଜେଡିର ୧୦୯ ବିଧାୟକ ଥିବାବେଳେ ବିଜେପିର ୨୨, କଂଗ୍ରେସର ୯, ସିପିଏମ୍‌ର ଜଣେ ବିଧାୟକ ଅଛନ୍ତି । ଏହାବାଦ୍ ୫ ଜଣ ସ୍ୱାଧୀନ ବିଧାୟକ ଅଛନ୍ତି । ଯେଉଁମାନଙ୍କ ମଧ୍ୟରୁ ୪ ଜଣ ବିଜେଡିରୁ ବହିସ୍କୃତ ହୋଇଛନ୍ତି ।

**ତୃତୀୟ ପ୍ରାର୍ଥୀଙ୍କୁ ନେଇ ସସ୍‌ପେନ୍ସ ଜାରି**

ତେବେ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପରଲୋକ ପରେ ଗୋଟିଏ ଆସନ ବି ଖାଲି ରହିଛି । ପ୍ରାର୍ଥୀ ହୋଇଥିବା ଦେବାଶିଷ୍ ସାମନ୍ତରାୟ ୨୦୦୦-୦୪ ପର୍ଯ୍ୟନ୍ତ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ଜିତିଥିଲେ । ୨୦୦୯ ରୁ ୨୦୧୪ (୯ ପୃଷ୍ଠାରେ)

# ଚାଷୀଙ୍କୁ ଦିଲ୍ଲୀ ଆସିବାକୁ ବାରଣ

ନୂଆଦିଲ୍ଲୀ, ୧୨।୨ : ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କିଷାନ ମଜଦୂର ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୩ରେ ଦିଲ୍ଲୀରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ହେବାକୁ ସ୍ଥିର କରାଯାଇଛି । ସେଥିମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟର ଗ୍ୟାରେଣ୍ଟି କଥା ରହିଛି । ମାତ୍ର ଏମାନଙ୍କ ରାଲି ପୂର୍ବରୁ ଦିଲ୍ଲୀ ସୀମାକୁ ସିଲ୍ କରିଦିଆଯାଇଛି । ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି । ଏହା ବିରୋଧରେ ସମ୍ପୃକ୍ତ ମୋର୍ଚ୍ଚା ପକ୍ଷରୁ ଉଦୟ ପ୍ରତାପ ସିଂ କୋର୍ଟରେ ମାମଲା ଦାଏର କରିଛନ୍ତି । ହରିୟାଣା ଓ ପଞ୍ଜାବ ଓ କେନ୍ଦ୍ର ସରକାରଙ୍କୁ ପକ୍ଷ ରଖାଯାଇଛି । ସେମାନେ ଉଲ୍ଲେଖ କରିଛନ୍ତି ଯେ ଏହା ହେଉଛି ମୌଳିକ ଅଧିକାରର ଉଲ୍ଲଂଘନ ଓ ଅସମ୍ବିଧାନିକ । ଆଶା କରାଯାଉଛି ଆସନ୍ତାକାଲି ଏହି ମାମଲାର ଶୁଣାଣି ହୋଇପାରେ ।

ଯାଚିକାରେ ଉଲ୍ଲେଖ କରାଯାଇଛି ଯେ ହରିୟାଣାର ପଞ୍ଚକୂଳାରେ ବେଆଇନ୍ ଭାବେ ସୀମାକୁ ସିଲ୍ କରିବାକୁ ଆସିଛନ୍ତି । ଧାରଣାକାରୀ ଉଲ୍ଲେଖ କରିଛନ୍ତି ଯେ ମୋବାଇଲ୍ ଇଣ୍ଟିରନେଟ୍ ସେବାକୁ ବନ୍ଦ କରି ଦିଆଯାଇଥିବାବେଳେ ଅମ୍ବଲା, କୁରୁକ୍ଷେତ୍ର, କୈଥାଲ, ଜିନ୍ଦ, ଫିସାର, ଶୀର୍ଷା, ଫତେବାଦରେ ଏସ୍‌ଏମ୍‌ଏସ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। ଏହା କରିଦିଆଯାଇଛି । ଏହା ହେଉଛି ହରିୟାଣା ଓ ପଞ୍ଜାବର ସୀମା । ହରିୟାଣା ପ୍ରଶାସନ ଚାଷୀମାନଙ୍କୁ ରୋକିବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି । ମାତ୍ର ସେମାନେ ଶାନ୍ତିପୂର୍ଣ୍ଣ ଭାବେ ସାମ୍ବିଧାନିକ ଅଧିକାର ଅନୁଯାୟୀ ଧାରଣା ନାଗରିକର ଅଧିକାରକୁ ଉଲ୍ଲଂଘନ କରୁଛି । ସୂଚନା ଓ ଯୋଗାଯୋଗ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ରାସ୍ତାକୁ ବନ୍ଦ କରିଦିଆଯାଇଥିବାରୁ ଆମ୍ବୁଲାନ୍ସ, ସ୍କୁଲବସ୍ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି । (୯ ପୃଷ୍ଠାରେ)

**ରାସ୍ତାରେ ବ୍ୟାରିକେଡ୍, ଇଣ୍ଟରନେଟ୍ ସେବା ବନ୍ଦ**
**ଅଦାଲତର ଦ୍ୱାରସ୍ଥ ହେଲା ଚାଷୀ ସଂଗଠନ, ତେଜୁଛି ଚାଷୀ ଆନ୍ଦୋଳନ**



## ଇତିହାସ

୧୬୮୯– ୱିଲିୟମ୍ ଓ ମେରୀ ଇଂଲଣ୍ଡର ସଂଯୁକ୍ତ ଶାସକ ଘୋଷିତ ହେଲେ ।
୧୭୯୫– ଆମେରିକାରେ ପ୍ରଥମ ଷ୍ଟେଟ୍ ୟୁନିଭର୍ସିଟି ଉତ୍ତର କାରୋଲିନାରେ ଖୋଲିଲା ।
୧୮୭୯– ଭାରତୀୟ କୋକିଳ କୁହାଯାଉଥିବା ଦେଶର ପ୍ରଥମ ମହିଳା ରାଜ୍ୟପାଳ ଓ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ ସରୋଜିନୀ ନାଇଡୁଙ୍କ ଜନ୍ମ ।
୧୯୨୦– ଆମେରିକାରେ ବେସ୍‌ବଲ୍‌ର ନିଗ୍ରୋ ନାସନାଲ୍ ଲିଗ୍ ସ୍ଥାପିତ ହେଲା ।
୧୯୩୧– ଆଜିର ଦିନରେ ନୂଆଦିଲ୍ଲୀ ଭାରତର ରାଜଧାନୀ ରୂପେ ଘୋଷିତ ହେଲା ।
୧୯୪୮– ଜାତିର ପିତା ମହାତ୍ମା ଗାନ୍ଧୀ ଆମରଣ ଅନଶନ ଆରମ୍ଭ କଲେ ।
୧୯୫୯– ପିଲାଙ୍କ ପସନ୍ଦୀୟ ବାର୍ବି ଡଲ୍ ବିକ୍ରି ଆରମ୍ଭ ହେଲା ।
୨୦୦୩– ୟଶ୍ ଚୋପ୍ରାଙ୍କୁ ଦାଦାସାହେବ ଫାଲକେ ପୁରସ୍କାର ପ୍ରଦାନ କରାଗଲା ।
୨୦୦୭– ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ଉପରେ ଉତ୍ତର କୋରିଆର ସହମତି ।

## ସୋସିଆଲ କୋଟ୍ସ



'ଲାଲ୍ ସିଂ ଚଢା' ଆମିରଙ୍କର ଡ୍ରିମ୍ ପ୍ରୋଜେକ୍ଟ ଥିଲା । ଏଥିପାଇଁ ସେ ୧୦ ବର୍ଷ ଷ୍ଟ୍ରଗଲ କରିଛନ୍ତି । ତେଣୁ ଏହା ଫ୍ଲପ ହେବା ପରେ ତାଙ୍କୁ ଖୁବ ବାଧିଥିଲା । ଅନେକ ଦିନ ସେ ସକ୍‌ରେ ଥିଲେ ।
କିରଣ ରାଓ, ଫିଲ୍ମ ମେକର



ମୁଁ ଏବେ ନିକଟରେ ଗୋଟିଏ ଫିଲ୍ମ କରିଛି 'ଏମରଜେନ୍ସି' । ଯାହାକୁ ଦେଖିବା ପରେ ଆପଣ ମୋତେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହିଁବେନି ।
କଙ୍ଗନା ରାଣାୱତ, ଅଭିନେତ୍ରୀ



ଯୋଧା ଆକବରରେ ସବୁଠାରୁ ଖରାପ ଏକ୍ସପିରିଏନ୍ସ ରହିଛି । ଚେନ୍ନାଇ ଏକ୍ସପ୍ରେସ ସବୁଠାରୁ ଭଲ ଫିଲ୍ମ । ରୋହିତ ସେଟ୍ଟୀଙ୍କ ବିନା ମୋ କ୍ୟାରିୟର ଅଧୁରା ।
ନିକତିନ୍ ଧୀର, ଅଭିନେତା

## ବିଶ୍ୱ ରେଡିଓ ଦିବସ



ବାର୍ତ୍ତା ପ୍ରେରଣର ଦୁନିଆର ସବୁଠାରୁ ପୁରାତନ ମାଧ୍ୟମ ଭାବେ ରେଡିଓ ପରିଗଣିତ । ଏହାର ଗୁରୁତ୍ୱତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଫେବୃଆରୀ ୧୩ ତାରିଖକୁ ଅନ୍ତର୍ଜାତୀୟ ରେଡିଓ ଦିବସ ଭାବେ ପାଳନ କରାଯାଇଥାଏ । ୨୦୧୧ ମସିହା ନଭେମ୍ବର ୩ ତାରିଖରେ ୟୁନେସ୍କୋର ୩୬ତମ ସମ୍ମିଳନୀରେ ଏହି ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ୨୦୧୦ରେ ସ୍ପାନିସ୍ ରେଡିଓ ଏକାଡେମୀ ପକ୍ଷରୁ ୟୁନିସ୍କୋ ନିକଟରେ ଏହି ଦିବସ ପାଳନର ପ୍ରସ୍ତାବ ଦିଆଯାଇଥିଲା । ଏହାପରେ ୨୦୧୨ରେ ଏହି ପ୍ରସ୍ତାବକୁ ଅନ୍ତର୍ଜାତୀୟ ସ୍ତରରେ ପାରିତ କରାଗଲା । ରେଡିଓର ମହତ୍ତ୍ୱକୁ ଘରେ ଘରେ ପହଞ୍ଚାଇବା ସହିତ କିଭଳି ଏହାର ବ୍ୟବହାର ବଢ଼ିବ, ସେହି ଉଦ୍ଦେଶ୍ୟ ନେଇ ବିଶ୍ୱ ରେଡିଓ ଦିବସ ପାଳନ କରାଯାଉଛି । ଭାରତରେ ୧୯୨୦ ମସିହାରେ ପ୍ରଥମ ରେଡିଓ ବ୍ରଡ୍‌କାଷ୍ଟ କରାଯାଇଥିଲା । ଏହାର ତିନିବର୍ଷ ପରେ ରେଡିଓ କ୍ଲବ୍ ଅଫ୍ ବମ୍ବେ ତରଫରୁ ପ୍ରଥମଥର ପାଇଁ ରେଡିଓ କାର୍ଯ୍ୟକ୍ରମ ଟେଲିକାଷ୍ଟ କରାଯାଇଥିଲା ।

## ଇସ୍‌କେମିକ୍ ଷ୍ଟ୍ରୋକ୍

ବିଭିନ୍ନ ପ୍ରକାରର ବ୍ରେନ୍ ଷ୍ଟ୍ରୋକ୍ ରହିଛି, ସେଥିମଧ୍ୟରୁ ଗୋଟିଏ ହେଲା ଇସକେମିକ୍ ଷ୍ଟ୍ରୋକ । ଏହି ସମସ୍ୟାରେ ଆମ ବ୍ରେନ୍‌କୁ ରକ୍ତ ପ୍ରବାହ ବନ୍ଦ ହୋଇଥାଏ । ଏହି ସମସ୍ୟା ହେଲେ ବ୍ରେନ୍ ଟିସୁକୁ ଅମ୍ଳଜାନ ଏବଂ ବିଭିନ୍ନ ପୋଷଣ ମିଳିବା ବନ୍ଦ ହୋଇଯାଇଥାଏ । ଯେତେବେଳେ କୌଣସି ବ୍ଲଡ୍ ଭେସେଲ୍ ବ୍ରେନ୍‌ରେ ଲିକ୍ କିମ୍ବା ଭ୍ରଷ୍ଟ ହୋଇଯାଏ, ସେହି ସମୟରେ ବ୍ରେନ୍‌ରେ ବ୍ଲିଡିଂ ହେବା ଆରମ୍ଭ ହୋଇଥାଏ । ଯାହାକୁ ଇସ୍‌କେମିକ୍ ଷ୍ଟ୍ରୋକ୍ କହିଥାଆନ୍ତି । ଯେଉଁମାନଙ୍କୁ ପୂର୍ବରୁ ଥରେ ଷ୍ଟ୍ରୋକ ହୋଇସାରିଛି ସେମାନଙ୍କୁ ଏଥିପାଇଁ ସତର୍କ ହେବାର ଆବଶ୍ୟକତା ରହିଛି । ଏହା ହେବାର କେତେକ ଲକ୍ଷଣ ରହିଛି, ସେଗୁଡ଼ିକ ହେଲା କଥା କହିବା ସମୟରେ ପାଟି ଲାଗିବା । ଅନ୍ୟମାନଙ୍କ କଥା ବୁଝିନପାରିବା, ଦୃଷ୍ଟିଶକ୍ତି କମିବା, ହାତ ଗୋଡ ଠିକ୍‌ରେ ନଚାଲିବା, ଚାଲିବାରେ ସମସ୍ୟା, ମୁଣ୍ଡବିନ୍ଧା ଆଦି । ତେଣୁ ଯଦି ଏଭଳି ଲକ୍ଷଣ କୌଣସି ବ୍ୟକ୍ତିଙ୍କ ନିକଟରେ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ଜେଲ୍‌ରେ ପ୍ରେମ ଦିବସ

ବର୍ତ୍ତମାନ ଚାଲିଛି ପ୍ରେମର ଋତୁ । ରୋଜ୍ ଡେ' ଓ ପ୍ରପୋଜ୍ ଡେ' ଠାରୁ ଆରମ୍ଭ ହୋଇଥିବା ଏହି ଦିବସଗୁଡ଼ା ଶେଷରେ ଭାଲେଣ୍ଟାଇନ୍ ଡେ'ରେ ଶେଷ ହେବ । ତେଣୁ ପ୍ରେମୀଯୁଗଳଙ୍କ ମଧ୍ୟରେ ଏହି ଦିନଗୁଡ଼ିକୁ ନେଇ ବେଶ୍ ଉତ୍ସୁକତା ଦେଖିବାକୁ ମିଳୁଛି । ପ୍ରେମୀମାନେ ନିଜନିଜର ପାର୍ଟନରଙ୍କୁ ଏହି ଦିନଗୁଡ଼ିକର ଥିମ୍ ଅନୁସାରେ ବିଭିନ୍ନ ପ୍ରକାରର ଉପହାର ଦେଉଛନ୍ତି । ଅପରପକ୍ଷେ ଏହି ଅବସରରେ କେତେକ କମ୍ପାନୀ ତରଫରୁ ମଧ୍ୟ ଆକର୍ଷଣୀୟ ଅଫର୍ ଯୋଗାଇ ଦିଆଯାଉଛି । ସେହିଭଳି ବର୍ତ୍ତମାନ ଏକ ଅଜବ ଅଫର୍ ସମ୍ବନ୍ଧରେ ଜଣାପଡ଼ିଛି । ଏହା ଅନ୍ତର୍ଗତ ୟୁକେର ଏକ ଜେଲ୍‌ରେ ଭାଲେଣ୍ଟାଇନ୍ ଡେ' ପାଳନ କରିବା ଲାଗି ଅଫର୍ ଦିଆଯାଉଛି । ୧୦୦୦ ବର୍ଷର ପ୍ରାଚୀନ ଜେଲ୍‌ରେ ପ୍ରେମର ଏହି ଦିବସରେ ପ୍ରେମୀଯୁଗଳଙ୍କ ପାଇଁ ସ୍ୱତନ୍ତ୍ର ଡାଇନିଂ ଅଫର୍ କରାଯାଉଛି । ୨୧୫ ଡଲାର ବା ପ୍ରାୟ ୧୭ ହଜାର ଟଙ୍କା ମୂଲ୍ୟରେ ଏଠାରେ ଥିବା ଏକ ଛୋଟ ସେଲ୍‌ରେ ରାତ୍ରଭୋଜନ କରିହେବ । ୟୁକେର ଅକ୍ସଫୋର୍ଡ ନାମକ ଏହି ଜେଲ୍ ପ୍ରାୟ ୧୦୦୦ ବର୍ଷ ପୁରୁଣା ହୋଇଥିବାବେଳେ ଏହା ଇତିହାସରେ ଲିପିବଦ୍ଧ ହୋଇଥିବା କେତେକ କୁଖ୍ୟାତ ଅପରାଧୀଙ୍କ ସେଲ୍‌ରେ ସ୍ପେଶାଲ୍ ଡିନର୍ କରିବା ଲାଗି ସୁଯୋଗ ଦେଉଛି । ଏହି ସେଲ୍‌ରେ ମାରୀ ବ୍ଲାଣ୍ଡି ଓ ଆନୀ ଗ୍ରୀନ୍‌ଙ୍କ ଭଳି ଅନେକ ଅନ୍ତର୍ଜାତୀୟ ସ୍ତରୀୟ କୁଖ୍ୟାତ ଅପରାଧୀ ଏହି ସେଲ୍‌ରେ ସେମାନଙ୍କର ବନ୍ଦୀ ଜୀବନ ବିତାଇଥିଲେ । ସୂଚନାନୁଯାୟୀ, ଏହି ବିଲ୍ଡିଂକୁ ମେଡିକାଲ୍ ଫୋର୍ଟ ରୂପେ ୧୦୭୩ରେ ନିର୍ମାଣ କରାଯାଇଥିଲା । ୧୬୪୨ରୁ ୧୬୫୧ ମଧ୍ୟରେ ବ୍ରିଟିଶ ସିଭିଲ୍ ୱାର୍ କାରଣରୁ ଏହି ବିଲ୍ଡିଂକୁ ଖୁବ୍ କ୍ଷତି ସହିବାକୁ ପଡ଼ିଥିଲା । ଯାହାଫଳରେ ୧୭୫୮ରେ ଏହି ବିଲ୍ଡିଂକୁ ଜେଲ୍‌ରେ ରୂପାନ୍ତର କରାଗଲା ଏବଂ ୧୯୯୬ ମସିହା ପର୍ଯ୍ୟନ୍ତ ଏହି ଜେଲ୍‌ରେ ଅପରାଧୀମାନଙ୍କୁ ରଖାଯାଇଥିଲା । ତେବେ ବର୍ତ୍ତମାନର ଏହି ସ୍ପେଶାଲ ଅଫର୍ ଅନ୍ତର୍ଗତ ଜେଲ୍‌ରେ କ୍ୟାଣ୍ଡେଲ୍ ଓ ଫୁଲରେ ସୁସଜ୍ଜିତ ହୋଇଥିବା ଡିନର ଟେବଲ୍‌ରେ ଥ୍ରି କୋର୍ସ ମିଲ୍ ପରଷାଯିବ ।



## ପ୍ରୋସ୍ଥେଟିକ୍ ଲିମ୍ବ୍

ଆଜିକାଲି ବିଜ୍ଞାନ ଖୁବ ଉନ୍ନତି କରିଛି । ବୈଜ୍ଞାନିକମାନେ ଏଭଳି ସାମଗ୍ରୀ ସବୁର ଉଦ୍ଭାବନ କରୁଛନ୍ତି, ଯାହା ବିଜ୍ଞାନର ବିଭିନ୍ନ ନୂଆ ଦିଗକୁ ଲୋକଙ୍କ ସାମନାକୁ ଆଣୁଛି । ସେହିଭଳି ଏକ ଉଦ୍ଭାବନ ସୁଇଜରଲାଣ୍ଡ ଓ ଇଟାଲୀର ବୈଜ୍ଞାନିକମାନେ କରିଛନ୍ତି । ଏହି ବୈଜ୍ଞାନିକମାନେ ଏକ ପ୍ରକାରର ପ୍ରୋସ୍ଥେଟିକ୍ ଲିମ୍ବ୍‌ର ଉଦ୍ଭାବନ କରିଛନ୍ତି, ଯାହା ମଣିଷକୁ ଅନ୍ୟ ଜଣେ ମଣିଷର ଶରୀରର ତାପମାତ୍ରାକୁ ଅନୁଭବ କରିବାରେ ସହାୟତା କରିବ । ଏହାର ପରୀକ୍ଷା ଜଣେ ଇଟାଲୀର ବ୍ୟକ୍ତିଙ୍କ ଉପରେ କରାଯାଇଛି, ଯିଏ ଅନେକ ଦିନ ଧରି ଥଣ୍ଡା ଓ ଗରମ ଭିତରେ ଥିବା ଫରକକୁ ଅନୁଭବ କରିପାରୁନଥିଲେ । ଏହି ଲିମ୍ବ୍ ବେଶ୍ ରିଅଲିଷ୍ଟିକ୍ ଥର୍ମାଲ ସେନ୍ସ ପ୍ରଦାନ କରୁଥିବା ବୈଜ୍ଞାନିକ ପ୍ରକାଶ କରିଛନ୍ତି । ଯେଉଁ ରୋଗୀମାନେ କୌଣସି କାରଣରୁ ନିଜର ଲିମ୍ବ୍ ହରାଇ ଥାଆନ୍ତି, ସେମାନଙ୍କ ପାଇଁ ଏହା ବିଶେଷଭାବେ ଡିଜାଇନ କରାଯାଇଥିବା ନିର୍ମାଣକାରୀ ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ଇଟାଲୀର ସେହି ବ୍ୟକ୍ତିଜଣଙ୍କ ପାଖାପାଖି ୩୭ ବର୍ଷ ପରେ ଥଣ୍ଡା ଗରମର ଅନୁଭବ ପାଇଥିଲେ । ଏହା ଚିକିତ୍ସା ଦୁନିଆରେ ଏକ ବଡ ଉପଲବ୍ଧି ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



## ହସ ଦେଲା ନୂଆ ଜୀବନ




କୁହାଯାଏ ହସିବା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ମିଳିଯାଏ । ଏମିତିକି ହସିବାକୁ ବିଶ୍ୱର ସବୁଠୁ ଭଲ ଔଷଧ ବୋଲି ମଧ୍ୟ ଡାକ୍ତରମାନେ କୁହନ୍ତି । ଆମେରିକାରେ ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଏଠାରେ ୨୦୧୭ ମସିହାରୁ କୋମାରେ ଥିବା ଜଣେ ଯୁବତୀଙ୍କୁ ହସକଥା କାରଣରୁ ନୂଆ ଜୀବନ ମିଳିଛି । ପରିବାର ଲୋକେ ତାଙ୍କୁ ପୁନଶ୍ଚ କଥା କହିବା ଓ ହସିବା ଦେଖି ଖୁବ୍ ଖୁସି ହୋଇଯାଇଛନ୍ତି । ଆମେରିକାର ମିଶିଗନ୍‌ରେ ରହୁଥିବା ଜେନିଫର୍ ଫ୍ଲେଭେଲେନ୍‌ଙ୍କର ୨୦୧୭ ସେପ୍ଟେମ୍ବରରେ ଏକ କାର୍ ଦୁର୍ଘଟଣା ହୋଇଥିଲା । ଯାହାଫଳରେ ସେ କୋମାକୁ ପଳାଇଥିଲେ । ଏବେ କୋମାରେ ଥିବା ଅବସ୍ଥାରେ ତାଙ୍କ ମା' ତାଙ୍କୁ ଜୋକ୍ସ ଶୁଣାଇଥିଲେ, ଯାହା ଶୁଣି ସେ ଅକସ୍ମାତ ହସିଥିଲେ । ଦୀର୍ଘ ବର୍ଷ ପରେ ଝିଅକୁ କୋମାରୁ ଉଠିବା ଦେଖି ତାଙ୍କ ମା' ଖୁବ୍ ଖୁସି ହୋଇଯାଇଥିବାବେଳେ ପରିବାରର ସମସ୍ତ ସଦସ୍ୟ ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି ।



## ଫେରିଲେ ସାମନ୍ଥା

ଖୁବ କେତେଦିନ ଧରି ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ସାମନ୍ଥା ଫିଲ୍ମରୁ ବ୍ରେକ ନେଇଥିଲେ । ସାମନ୍ଥା ନିଜର କମ୍‌ବ୍ୟାକ୍‌କୁ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଜାରି କରିଛନ୍ତି । ସେ ବର୍ତ୍ତମାନ ସୁସ୍ଥ ହୋଇ ସେଟ୍‌କୁ ଫେରିଥିବା ଏହି ଭିଡିଓରେ ସୂଚନା ଦେଇଛନ୍ତି । ବର୍ତ୍ତମାନ ସେ ନିଜ ବନ୍ଧୁଙ୍କ ସହିତ କିଛି ସୁଟିଂ କରିବାକୁ ଯାଉଥିବା ଜଣାଇଛନ୍ତି । ତାଙ୍କର ଆଗକୁ ଗୋଟିଏ ହେଲ୍‌ଥ ପଡ୍‌କାଷ୍ଟ ଆସିବାକୁ ଯାଉଛି । ପଡ୍‌କାଷ୍ଟ ମାନେ ଆପଣ ଏହି ସିରିଜ୍‌କୁ ଡାଉନ୍‌ଲୋଡ କରି ଯେଉଁ ସମୟରେ ପାରିବେ ଶୁଣିପାରିବେ । ଏହି ପ୍ରୋଜେକ୍ଟକୁ ନେଇ ସାମନ୍ଥା ଖୁବ ଏକ୍ସସାଇଟେଡ୍ ଅଛନ୍ତି । କିଛିଦିନର ବ୍ୟବଧାନ ପରେ ଏତେ ଏକ୍ସସାଇଟିଂ ପ୍ରୋଜେକ୍ଟ ମିଳିଥିବାରୁ ସେ ଖୁବ ଖୁସି ଥିବା ତାଙ୍କ ଭିଡିଓରୁ ଜଣାପଡୁଛି । ୨୦୨୨ରୁ ସାମନ୍ଥା ଅଟୋ ଇମ୍ୟୁନ୍ ସମସ୍ୟାରେ ପୀଡିତ ହୋଇ ଚିକିତ୍ସା ହେଉଛନ୍ତି । ସାମନ୍ଥା ତାଙ୍କ ଶେଷ ରିଲିଜ୍ ଫିଲ୍ମ 'କୁସି'ରେ ବିଜୟ ଦେବରକୋଣ୍ଡାଙ୍କ ସହିତ ସ୍କ୍ରିନ ସେୟାର କରିଥିଲେ । ଏହାପରେ ସେ ଆକ୍ଟିଂରୁ ବ୍ରେକ୍ ନେଇଥିଲେ । ଅନ୍ୟ ପ୍ରୋଜେକ୍ଟ ମଧ୍ୟରେ ଆଗକୁ ସେ ବରୁଣ ଧୱନଙ୍କ ସହିତ 'ସିଟାଡେଲ' ସିରିଜରେ ନଜର ଆସିବେ ।



# ଶେଷ ଯାତ୍ରାର ଶେଷ ଦୃଶ୍ୟ...








## ମାଷ୍ଟର ଆଥଲେଟିକରେ ବରଗଡ଼ର ଦୁଇ ଭଉଣୀଙ୍କ କମାଲ

ବରଗଡ଼,(ସବ୍ୟୁ) :ବରଗଡ଼ର ଦୁଇ ଭଉଣୀ ଗତ ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ଗୋଆରେ ଚାଲିଥିବା ଷଷ୍ଠ ଜାତୀୟ ମାଷ୍ଟର ଗେମ୍ସରେ ବରଗଡ଼ର ଉପେନ୍ଦ୍ର ଘିବିଲା ଓ ଲୟା ଘିବେଲାଙ୍କ ଦୁଇ ଝିଅ ଅନୁପମା ଓ ଅରୁଣା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି କାନ୍ସ ଓ ରୌପ୍ୟ ପଦକ ହାସଲ କରି ବରଗଡ଼କୁ ଗୌରବାନ୍ୱିତ କରିଛନ୍ତି ।ଏହା ପୂର୍ବରୁ ଉଭୟେ ବନାରସ, ଦେହେରାଡୁନ, କେରଳ,ଗୁଜୁରାଟ ରେ ହୋଇଥିବା ମାଷ୍ଟର ଗେମ ରେ ମଧ ପଦକ ହାସଲ କରି ବରଗଡ଼ର ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ । କୌଣସି ସରକାରୀ ସହାୟତା ମିଳିଲେ ଭଉଣୀ ଦ୍ୱୟ ଆହୁରି ଉନ୍ନତ ପ୍ରଦର୍ଶନ କରିବେ ବୋଲି କହିଛନ୍ତି ।

### ଭୁବନେଶ୍ୱରରେ ୩୮୪ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

## ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛନ୍ତି ସାମର୍ଥ୍ୟବାନ ଯୁବଶକ୍ତି

ଭୁବନେଶ୍ୱର (ସବ୍ୟୁ): ସାମର୍ଥ୍ୟବାନ ଯୁବଶକ୍ତି ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛନ୍ତି ବୋଲି ସୋମବାର ଭୁବନେଶ୍ୱରରେ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ୩୮୪ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ କଠିନ ପରିଶ୍ରମ ପରେ ସଫଳତା ପାଇଥିବା କର୍ମଯୋଗୀ ବନ୍ଧୁ ମାନଙ୍କୁ ଶୁଭେଚ୍ଛା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ରୋଜଗାର ମେଳା ଯୁବକ ଯୁବତୀ ମାନଙ୍କୁ ସଶକ୍ତୀକରଣ ଏବଂ ବିକଶିତ ଭାରତରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ପାଇଁ ସୁଯୋଗ ଦେଉଛି । ନିଯୁକ୍ତ ପାଇଥିବା ଯୁବଶକ୍ତିଙ୍କ ପରିଶ୍ରମ ହିଁ ଦେଶକୁ ବିକଶିତ କରିବ । ଏହି ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ନିଯୁକ୍ତ ପାଇଥିବା ପ୍ରାର୍ଥୀଙ୍କୁ ପରାମର୍ଶ ଦେବା ସହ ଧନ୍ୟବାଦ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ମଜଭୁ ସ୍ଥିତିରେ ପହଞ୍ଚିଛି । ଦେଶ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଆଗାମୀ ତିନି ବର୍ଷ ମଧ୍ୟରେ ୩ ନମ୍ବର ଅର୍ଥନୀତି ହେବ । ବର୍ତ୍ତମାନ ସମୟରେ ସ୍କିଲିଂ, ରି- ସ୍କିଲିଂ ଓ ଅପ୍ - ସ୍କିଲିଂ ନିତିଦିନିଆ କାର୍ଯ୍ୟରେ ପରିଣତ ହେଲାଣି । ସମୟ ସହ ନୂଆ ନୂଆ ।




ଟେକ୍ନୋଲୋଜି ଆସୁଛି ଛ ଡିଜିଟାଲ ଦୁନିଆ ଭାରତକୁ ଆଗକୁ ନେଉଛି । ଆମେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ଅଗ୍ରସର ହେଉଥିବା ବେଳେ ଆଜି ନିଯୁକ୍ତି ପାଇଥିବା ପ୍ରାର୍ଥୀ ମାନେ ଆଗାମୀ ୨୫ ବର୍ଷ ଭିତରେ ଦକ୍ଷତାକୁ ବହୁ ଗୁଣିତ କରିବା ପାଇଁ ଏବେ ଠାରୁ ପ୍ରୟାସ କରିବାର ଆବଶ୍ୟକତା ଅଛି ।

ପାଠ ପଢି ଯେଉଁମାନେ ସରକାରୀ ଦାୟିତ୍ୱରେ ଅଛନ୍ତି ସେମାନେ ହିଁ ଦେଶକୁ ଆଗକୁ ନେବେ । ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବ । ଓଡ଼ିଶା ବିକଶିତ ହେଲେ ହିଁ ଭାରତ ବିକଶିତ ହେବ । ପ୍ରଧାନମନ୍ତ୍ରୀ ଏକ ଭାରତ ଶ୍ରେଷ୍ଠ ଭାରତର ନାରା ଦେଇଛନ୍ତି । ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ବେଳେ ଦେଖାଗଲା କି ସମସ୍ତଙ୍କର ଗୋଟିଏ ଭାବଧାରା ଅଛି । ଭାଷା, ସ୍ଥାନ, ପୋଷାକ, ଖାଦ୍ୟ ଏବଂ ରୁଚି ଆମ ପାଇଁ ଅଲଗା ହୋଇପାରେ । କିନ୍ତୁ ଆମେ ବିବିଧତାରେ ଏକ । ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' କଳ୍ପନାରେ ଭାରତୀୟ ଭାବେ ଆମ ଦେଶକୁ ବିଶ୍ୱରେ ଅଗ୍ରଣୀ କରିବା ପାଇଁ, ଓଡ଼ିଶାର ସ୍ୱାଭିମାନକୁ ବଢାଇବା ପାଇଁ ଏବଂ ମାନବ ସମାଜକୁ ଆଗେଇ ନେବା ପାଇଁ ତପସ୍ୟା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଯୁବ ସମାଜକୁ ଆହ୍ୱାନ କରିଛନ୍ତି । ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାରେ ସିଆଇଏସଏଫରେ ୧୦୦ ଜଣ, ପୂର୍ବତଟ ରେଳ ବିଭାଗରେ ୭୪, ଏମ୍ସରେ ୫୬, ସିବିଆଇସିରେ ୪୦, ଏଫସିଆଇରେ ୨୯, ବିଏସଏଫରେ ୨୪, ଇପିଏଫଓରେ ୧୭, ଇନକମ ଟ୍ୟାକ୍ସରେ ୧୦, ଭାରତୀୟ ଡାକ ବିଭାଗରେ ୯, ଜନଜାତି ବ୍ୟାପାର ମନ୍ତ୍ରଣାଳୟରେ ୯, ସିଡବ୍ଲୁସିରେ ୭, ସିଆରପିଏଫରେ ୬ ଏବଂ ସିପିଡବ୍ଲ୍ୟୁଡିରେ ୦୩ ଜଣ ସର୍ବମୋଟ ୩୮୪ ଜଣଙ୍କୁ ନିଯୁକ୍ତି ପତ୍ର ବିତରଣ କରାଯାଇଥିଲା ।

## ପୂର୍ବତନ ବିଧାୟକ ନିହାର ମହାନନ୍ଦଙ୍କ କଂଗ୍ରେସ ଦଳରୁ ଇସ୍ତଫା

ବରଗଡ଼,(ସବ୍ୟୁ): ପୂର୍ବତନ ବିଧାୟକ ତଥା ବରଗଡ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ନିହାର ରଞ୍ଜନ ମହାନନ୍ଦ କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି । କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ନେଇ ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେଙ୍କୁ ଚିଠି ଲେଖିଛନ୍ତି । ନିହାର ମହାନନ୍ଦ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଅତାବିରା ସଂରକ୍ଷିତ ଆସନରୁ କଂଗ୍ରେସ ଦଳରୁ ବିଧାୟକ ଥିଲେ । ରବିବାର ଜିଲ୍ଲା କଂଗ୍ରେସ ସଭାପତି ଚୟନ ନେଇ,ନିହାର ଅସନ୍ତୋଷ ଥିବା କୁହାଯାଉଛି । ହେଲେ ଏ ସଂପର୍କରେ ନିହାର ମହାନନ୍ଦଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସେହିପରି ରାଉରକେଲା ମହିଳା କଂଗ୍ରେସ ସଭାପତି ନିରୁପମା ବଳିୟାର ସିଂହ କଂଗ୍ରେସ ଛାଡ଼ିଛନ୍ତି । ରାଉଲକେଲା ସାଂଗଠନିକ ଜିଲ୍ଲା



ମହିଳା କଂଗ୍ରେସ ସଭାନେତ୍ରୀ ପଦରୁ ଓ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ନିଜ ଇସ୍ତଫା ପତ୍ର ପ୍ରଦେଶ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡ ଷ୍ଟକ ବିଭାଜନ ଏବଂ ୧:୧ ବୋନସ ସମ୍ପର୍କରେ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ଏମଏସଏମଇ, ସୁଲଭ ବାସଗୃହ, ନିର୍ମାଣ କ୍ଷେତ୍ରକୁ ଅର୍ଥଲଗାଣ ଆଦି ବିବିଧ କ୍ଷେତ୍ରରେ ଉପସ୍ଥିତି ରହିଥିବା ଏକ ବିବିଧକୃତ ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍‌ଓ କମ୍ପାନୀ (ଏନବିଏଫସି) କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡ (ସିଜିସିଏଲ) ଷ୍ଟକ ବିଭାଜନ (ସ୍ଲିଟ) ଏବଂ ୧:୧ ବୋନସ ଇସ୍ୟୁକୁ ଅନୁମୋଦନ କରିଛି। କମ୍ପାନୀ ବୋର୍ଡ ମଧ୍ୟ ପର୍ଯ୍ୟାୟକ୍ରମେ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପବ୍ଲିକ ଇସ୍ୟୁ/ପ୍ରାଇଭେଟ ପ୍ଲେସମେ ଜରିଆରେ ନନ -କନଭର୍ଟିବଲ ଡିବେଞ୍ଚର ଇସ୍ୟୁକୁ ଅନୁମୋଦନ କରିଛି।

ଗତ ଜାନୁଆରୀ ୨୭ ତାରିଖରେ ଅନୁଷ୍ଠିତ ବୈଠକରେ ବୋର୍ଡ ଅଫ ଡାଇରେକ୍ଟର୍ସ ଫୁଲି ପେଡ ଅପ ପ୍ରତ୍ୟେକ ୨ ଟଙ୍କା ଫେସ ଭାଲ୍ୟୁର ଗୋଟିଏ ଇକ୍ୱିଟି ସେୟାରକୁ ଫୁଲି ପେଡ ଅପ ପ୍ରତ୍ୟେକ ୧ ଟଙ୍କା ମୂଲ୍ୟର ଦୁଇଟି ଇକ୍ୱିଟି ସେୟାରରେ ବିଭାଜନ କରିବାକୁ ଅନୁମୋଦନ କରିଥିଲେ। କମ୍ପାନୀ ବୋର୍ଡ ମଧ ୧:୧ ବୋନସ ଇସ୍ୟୁ, ଯଥା ଫୁଲି ପେଡ୍ ଅପ ପ୍ରତ୍ୟେକ ୧ ଟଙ୍କା ଫେସ ଭାଲ୍ୟୁ ବିଶିଷ୍ଟ ଇକ୍ୱିଟି ସେୟାର ପାଇଁ ପ୍ରତ୍ୟେକ ୧ ଟଙ୍କା ଫେସ ଭାଲ୍ୟୁର ଗୋଟିଏ ଲେଖାଏଁ ନୂଆ ଫୁଲି ପେଡ ଅପ ବୋନସ ଇକ୍ୱିଟି ସେୟାର ଇସ୍ୟୁକୁ ଅନୁମୋଦନ କରିଛି। କମ୍ପାନୀ ଷ୍ଟକ ବିଭାଜନ ଓ ବୋନସ ନିମନ୍ତେ ୨୦୨୪ ମାର୍ଚ୍ଚ ୫କୁ ରେକର୍ଡ ତାରିଖ ଭାବରେ ସ୍ଥିର କରିଛନ୍ତି, ଯାହା ୨୦୨୪ ଫେବୃଆରୀ ୨୨ ତାରିଖରେ ନିର୍ଦ୍ଧାରିତ କମ୍ପାନୀର ସ୍ୱତନ୍ତ୍ର ସାଧାରଣ ବୈଠକରେ ଅଂଶୀଦାରଙ୍କ ଅନୁମୋଦନ ଉପରେ ନିର୍ଭର କରୁଛି। ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ନିମନ୍ତେ କମ୍ପାନୀ ୬୮ କୋଟି ଟଙ୍କା ନେଟ ଲାଭ ଉପାର୍ଜନ କରିଛି, ଯାହା ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ହୋଇଥିବା ନେଟ ଲାଭ ୩୭.୪ କୋଟି ଟଙ୍କା ତୁଳନାରେ ୮୧.୭% ଅଧିକ। ୨୦୨୩-୨୪ ତୃତୀୟ ତ୍ରୈମାସିକ ସୁଦ୍ଧା କମ୍ପାନୀର ଆସେଟନ୍ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ) ୫୪.୪% ବୃଦ୍ଧିପାଇ ୧୩,୩୬୨.୧ କୋଟି ଟଙ୍କା ହୋଇଛି, ଯାହା ୨୦୨୨୦୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଥିବା ଏୟୁଏମ ୮,୬୫୪.୫ କୋଟି ଟଙ୍କା ତୁଳନାରେ ୫୪.୪% ଅଧିକ। କମ୍ପାନୀ ଏଲ ଭି ପ୍ରଭାକର, ଶିଶିର ପ୍ରିୟଦର୍ଶୀ ଏବଂ ଶ୍ରୀମତୀ ନୁପୁର ମୁଖାର୍ଜୀଙ୍କୁ ତାହାର ବୋର୍ଡ ଅଫ ଡାଇରେକ୍ଟର୍ସରେ ଅତିରିକ୍ତ ସ୍ୱାଧୀନ ଡାଇରେକ୍ଟର ଭାବରେ ସାମିଲ କରିଛି, ଯାହା ଅଂଶୀଦାରଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେବ।



# ମୟୂରଭଞ୍ଜ ଦୁଇ ସାଙ୍ଗଠନିକ ଜିଲ୍ଲା ପାଇଁ କଂଗ୍ରେସ ସଭାପତି ନିଯୁକ୍ତ



ବାରିପଦା, (ସବ୍ୟୁ) : କଂଗ୍ରେସ ଦଳ ତାର ସଂଗଠନକୁ ମଜଭୁତ କରିବା ପାଇଁ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାକୁ ଦୁଇଟି ସାଂଗଠନିକ ଜିଲ୍ଲା ଘୋଷଣା କରିଥିଲା। ରବିବାର ଦୁଇଟି ସାଂଗଠନିକ ଜିଲ୍ଲା ପାଇଁ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ। ମୟୂରଭଞ୍ଜ ପୂର୍ବ ଜିଲ୍ଲା ପାଇଁ ନିରୋଜ ଲୋଚନ ଦାଶଙ୍କୁ ନିଯୁକ୍ତି କରିଛନ୍ତି। ନିରୋଜ ଦାଶ ପୂର୍ବରୁ ଛାତ୍ର କଂଗ୍ରେସ ସଭାପତି, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ, ଯୁବ କଂଗ୍ରେସ ସଭାପତି, ରାଜ୍ୟ ସମ୍ପାଦକ ସହିତ କଂଗ୍ରେସ ଦଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦନ କରିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଅଭିଜ୍ଞତା ସମ୍ପର୍ଣ ନେତାଙ୍କୁ ଦଳ ଦାୟିତ୍ୱ ଦେଇଥିବାରୁ ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀମାନଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଛି। ଶ୍ରୀ ଦାସ ତାଙ୍କୁ ଏ ଗୁରୁ ଦାୟିତ୍ୱ ନିଯୁକ୍ତି ପାଇଁ, ପିସିସି ସଭାପତି ଶରତ ପଟ୍ଟନାୟକ, ଓଡିଶା ପ୍ରଭାରୀ ଅଜୟ କୁମାର ଜୀ ଓ ରାଷ୍ଟ୍ରିୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଧନ୍ୟବାଦ ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ କଂଗ୍ରେସ ଦଳ ସୁଦୃଢ କରିବା ପାଇଁ ଖସଡା ପ୍ରସ୍ତୁତ କରି ସଂଗଠନକୁ ସୁଦୃଢ କରିବା ପାଇଁ ପ୍ରସ୍ତୁତ କରାଯିବ ବୋଲି ନୂତନ ସଭାପତି ନିରୋଜ ଦାଶ ସୂଚନା ଦେଇଛନ୍ତି।

# ମୟୂରଭଞ୍ଜରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ୩୮୬ଟି ପଞ୍ଚାୟତରେ ୧୦୭ ବସ୍, ଉପକୃତ ହେବେ ୨୪. ୨୦ଲକ୍ଷ ଲୋକ

ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କର ଅନ୍ୟତମ ଲୋକାଭିମୁଖୀ ଯୋଜନା ଲକ୍ଷ୍ମୀ ବସ୍ ସେବାରେ ଯୋଡ଼ି ହୋଇଛି ଆଉ ୫ଟି ଜିଲ୍ଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ମୟୂରଭଞ୍ଜ ସମେତ ବରଗଡ, ଭଦ୍ରକ, ବଲାଙ୍ଗୀର ଓ ସୁନ୍ଦରଗଡ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ବାରିପଦା ସ୍ଥିତ ସ୍ଥାନୀୟ ଛଉ ପଡିଆ ଠାରେ ଏହି ଯୋଜନାର ଲୋକାର୍ପଣ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ଆୟୋଜନ କରିଥିଲେ। ଇତ୍ୟବସରରେ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ତଥା ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିବାବେଳେ, ସମ୍ମାନିତ ଅତିଥି ଭାବେ ବିଧାୟକ ରାଜକିଶୋର ଦାସ, ବିଧାୟକ ଭାସ୍କର ମଢେଇ, ଏସ୍‌ଡିସି ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି ଏବଂ ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା, ପରିଚାଳନା ତଥା କାର୍ଯ୍ୟକାରିତା ଜିଲ୍ଲାପାଳ ଆଶିଷ ଠାକରେ, ଏସପି ଏସ. ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଏବଂ ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିସହିତ ଜିଲ୍ଲାର ବଡ଼ସାହି ବ୍ଲକ ଅନ୍ତର୍ଗତ ଟାଙ୍ଗାଶୋଳ ଠାରେ ଏକ ନୂତନ ବସଷ୍ଟାଣ୍ଡ ଉଦଘାଟିତ ହୋଇଥିଲା। ବିଧାୟକ ରାଜକିଶୋର ଦାସ ଏବଂ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ପ୍ରମୁଖ ଏହି ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡିଶା ସରକାର ଯୋଜନା କରନ୍ତି। ୫ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲ୍ଲାବାସୀ ଲକ୍ଷ୍ମୀ ବସ୍ ସେବା ପାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ଟି ଜିଲ୍ଲା ଯୋଡି ହେଇଥିଲା। ଆଜି ଆଉ ୫ଟି ଜିଲ୍ଲା ଯଥା ବଲାଙ୍ଗିର, ବରଗଡ, ଭଦ୍ରକ, ମୟୂରଭଞ୍ଜ ଓ ସୁନ୍ଦରଗଡ ଲକ୍ଷ୍ମୀ ଯୋଜନାରେ ସାମିଲ ହେଲା। ଆଜିର ଶୁଭାରମ୍ଭ ପରେ ୫ଟି ଜିଲ୍ଲାର ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିବ। ମୟୂରଭଞ୍ଜର ୩୮୬ଟି ପଞ୍ଚାୟତରେ ୧୦୭ଟି ବସ୍ ଚାଲିଲାବାକୁ ଥିବାବେଳେ ଆଜି ପ୍ରଥମ ପର୍ଯ୍ୟାୟରେ ୬୨ଟି ବସ ଚାଲିଲା। ଏଥିରେ ଜିଲ୍ଲାରେ ୨୪ଲକ୍ଷ ୨୦ହଜାର ଲୋକ ଉପକୃତ ହେଲେ। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ୫ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମାଆ ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ମାଆ ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯିବା ଆସିବା କରିପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି. କାର୍ତ୍ତିକେନ୍ ପାଣ୍ଡିଆନ ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ କହିଥିଲେ ଯେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥଳୀର ବିକାଶ କାର୍ଯ୍ୟ ଜାରି ରହିଛି ଏବଂ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟ କରାଯିବ। ଲକ୍ଷ୍ମୀ ବସ୍ ହେଉଛି ଓଡିଶାବାସୀଙ୍କ ସମ୍ପତ୍ତି। ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ। ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ ଜିଲ୍ଲାରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା।



# ଏମ୍‌ପିସି କଲେଜ ଏନ୍‌ଏସ୍‌ଏସ୍ ମହିଳା ସ୍ୱେଚ୍ଛାସେବୀଙ୍କ ସଫଳତା

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ମୟୂରଭଞ୍ଜ ଜିଲ୍ଲାର ୨୭ଜଣ ସ୍ୱେଚ୍ଛାସେବୀଙ୍କ ସହ ୩ ଜଣ କାର୍ଯ୍ୟକ୍ରମ ଅଧିକାରୀ ଓ କେନ୍ଦୁଝର ଜିଲ୍ଲାର ୧୮ଜଣ ସ୍ୱେଚ୍ଛାସେବୀଙ୍କ ସହ ଜଣେ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦାନ କରି ଏମ୍ସ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସମାନତା ଉପରେ ସଶକ୍ତ କରିବା ତାଲିମ ଶିବିରରେ ଯୋଗଦେବା ପାଇଁ ଏନ୍‌ଏସଏସ ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ, ଜିଲ୍ଲାଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଓ ସ୍ୱେଚ୍ଛାସେବୀ ଆଦର୍ଶ କୁମାର ରାଉତ, ରିଙ୍କୁ ଦାସଙ୍କ ଉପସ୍ଥିତିରେ ଏହି ଟିମ୍ ୫ତାରିଖ ଦିନ ଏମ୍ସ ଗସ୍ତ କରିଥିଲେ। ଏହି ତାଲିମ ଶିବିର ତିନିଦିନ ଚାଲିଥିଲା ଏଠାରେ ୧୦ ଆକାଂକ୍ଷୀ ଜିଲ୍ଲାରୁ ୨୦୦ ରୁ ଉର୍ଦ୍ଧ୍ୱ ମହିଳା ଏନ୍‌ଏସଏସ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ହୃଦଘାତରୁ ବଞ୍ଚିବା ପାଇଁ ସିପିଆର କେତେ ଶୀଘ୍ର ଆରମ୍ଭ ହୁଏ ଏବଂ ଏହାର ସଠିକତା ଉପରେ ନିର୍ଭର କରେ। ଦେଶର ୯୮ପ୍ରତିଶତ ବାସିନ୍ଦା ଏହି ସମ୍ପର୍କରେ ତାଲିମ ପ୍ରାପ୍ତ ନୁହନ୍ତି କହିଲେ ଚଳେ। ତେଣୁ ଆମ ବ୍ୟକ୍ତିଗତ ଜୀବନରେ ସିପିଆର୍‌ର ମଧ୍ୟ ଭୂମିକା ରହିଛି। ତାସହିତ ଏମ୍ସ ପକ୍ଷରୁ ଆୟୋଜିତ ଏହି ତାଲିମ ଶିବିରରେ ସୁସ୍ଥ ଜୀବନଶୈଳୀ, ମାସିକ ରତୁସ୍ରାବ ଜନିତ ସମସ୍ୟା, ଉଚ୍ଚ ରକ୍ତଚାପ, ମଧୁମେହ, ଫାୟାର ସେଫଟି ଓ ଅସନ୍ତୁଳିତ ଜୀବନଶୈଳୀ ଜନିତ ସମସ୍ୟା ଆଦି ଉପରେ ମଧ୍ୟ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. ଆଶୁତୋଷ ବିଶ୍ୱାସ ଏବଂ ମୁଖ୍ୟଅତିଥି ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଉଦ୍ଘାଟନ କରିଥିଲେ। ଅନ୍ୟଅତିଥି ରୂପେ ଏନ୍‌ଏସଏସ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ଶରିତା ପଟେଲ, ସ୍ୱତନ୍ତ୍ର ସଚିବ ଉଚ୍ଚଶିକ୍ଷା ବିଭାଗ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟାନ୍ୟ ସମ୍ମାନିତ ଅତିଥିଗଣ ଯୋଗଦାନ କରିଥିଲେ। ଏମ୍ସ ପକ୍ଷରୁ ଆୟୋଜିତ ଏହି ଶିବିରର ଶେଷ ଦିନରେ ୧୦ଜିଲ୍ଲା ରୁ ଆସିଥିବା ଏନ୍‌ଏସଏସ ମହିଳା ସେଚ୍ଛାସେବୀ ମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା ଏଥିରେ ମୟୂରଭଞ୍ଜରୁ ୨୭ଜଣ ମହିଳା ଯାଇଥିବାବେଳେ ଏମପିସି କଲେଜର ମହିଳା ସେଚ୍ଛାସେବୀ ମୋନାଲିସା ବେଜ ଗ୍ରୁପ ଡେନ୍ସରେ ଦ୍ୱିତୀୟ ସ୍ଥାନ, ଦକ୍ଷଜା ମିଶ୍ର ଡୁଏଟ୍ ଡେନ୍ସରେ ଦ୍ୱିତୀୟ ସ୍ଥାନ ଓ ରତୁପର୍ଣ୍ଣା ସାହୁ ଏକାକୀ ନୃତ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୩ଜଣ ମହିଳା ସେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପୁରସ୍କାର ଜିତିଥିବା ପାଇଁ ସେମାନେ ଏମପିସି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା, କୁମାରୀ ରଞ୍ଜନା ରାଣୀ ସିଂ ଓ ଏନ୍‌ଏସଏସ ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ, ଜିଲ୍ଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପଦ୍ମପୁର, ଲଉଡ଼ି ଗାଁ ପଞ୍ଚାୟତରେ ଗ୍ରାମାଞ୍ଚଳ ଭିତ୍ତିଭୂମି ଓ ବିକାଶ ସଚେତନତା



ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଦ୍ମପୁର ଏବଂ ଲଉଡ଼ି ଗାଁ ପଞ୍ଚାୟତରେ ସୋମବାର ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଆୟୋଜନ ହୋଇଯାଇଛି। ପଦ୍ମପୁର ସରପଞ୍ଚ ସସ୍ମିତା ବେହେରା ଏବଂ ତାଙ୍କ ପ୍ରତିନିଧି ବରିଷ୍ଠ ଓକିଲ ପ୍ରକାଶ ସେଠିଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଟିର ସଫଳ ଆୟୋଜନ ହୋଇଥିଲା। ରାଜ୍ୟ ସରକାର ଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କ ରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ବିଧାୟକ କହିବା ସହ ଆଗାମୀ ବର୍ଷ ଗୁଡିକରେ ହେବାକୁଥିବା ଯୋଜନା ସମ୍ପର୍କରେ ବି ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏତେ ସଂଖ୍ୟାରେ ଯୁବକ ମହିଳାଙ୍କୁ ଦେଖି ଅତିଥି ମାନେ ଅଭିଭୂତ ହୋଇ ଯାଇଥିଲେ। ଉକ୍ତ ସଭାରେ ଅଙ୍ଗନବାଡି କର୍ମୀ, ରଙ୍ଗେଇଲୁଣ୍ଡା ବ୍ଲକ ସାମ୍ବାଦିକ ମାନଙ୍କ ସହ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା।

# ଏମ୍‌କେସିଜି ମେଡ଼ିକାଲ କଲେଜରେ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ ଅଭିଯୋଗ

ବ୍ରହ୍ମପୁର, (ସବ୍ୟୁ): ଏମକେସିଜି ମେଡ଼ିକାଲ କଲେଜରେ ଏମବିବିଏସର ଦ୍ୱିତୀୟ ବର୍ଷର ଛାତ୍ର ରୁଦ୍ର ରାଉତଙ୍କୁ ରେଗିଂ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ରୁଦ୍ରଙ୍କ ବାପା ସୁଜୟ ରାଉତ ଟୁଇଟ କରିଛନ୍ତି। ଟୁଇଟରେ ଏମକେସିଜି ମେଡ଼ିକାଲ କଲେଜର ଡ଼ିନ, ବ୍ରହ୍ମପୁର ଏସପି, ଗଞ୍ଜାମ ଜିଲ୍ଲାପାଳ ସହ ମୁଖ୍ୟମନ୍ତ୍ରୀ, ୫ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ୫ଟି ମୋ ସରକାରକୁ ମଧ୍ୟ ଟେଗ କରି ଘଟଣା ସମ୍ପର୍କରେ ଜଣାଇବା ସହ ତାଙ୍କ ପୁଅକୁ ମାଡ଼ ହୋଇଥିବାର ଫୋଟ ମଧ୍ୟ ପୋଷ୍ଟ କରିଛନ୍ତି। ତେବେ ରୁଦ୍ର ଦ୍ୱିତୀୟ ବର୍ଷ ଏମବିବିଏସ ପାଠ ପଢୁଥିବା ବେଳେ ଶୁକ୍ରବାର କଲେଜରୁ ନିଜର କାର୍ଯ୍ୟ ସାରି ମେଡ଼ିକାଲ କଲେଜ ପରିସରରେ ରହିଥିବା ଦ୍ୱିତୀୟ ହଟେଲକୁ ଫେରୁଥିଲେ। ସେହି ସମୟରେ ଏମବିବିଏସ ଚତୁର୍ଥ ବର୍ଷର ଦୁଇ ଜଣ ଛାତ୍ର ତାଙ୍କୁ ଅଟକାଇ କୌଣସି କାରଣକୁ ନେଇ ମାଡ଼ ମାରିଥିଲେ। ଯାହାଫଳରେ ରୁଦ୍ରଙ୍କ ମୁହଁ, ଆଖି ଓ ବେକରେ ମଧ୍ୟ ଗଭୀର ମାଡ଼ ହୋଇଥିଲା। ଏନେଇ ଶନିବାର ରୁଦ୍ର ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ତେବେ ରୁଦ୍ରଙ୍କ ବାପା କରିଥିବା ଟୁଇଟ ଦ୍ୱାରା ଦିଲ୍ଲୀର ଏଣ୍ଟି ରେଗିଂ ସେଲ୍ ଏମକେସିଜି ମେଡ଼ିକାଲରେ ରହିଥିବା ଏଣ୍ଟି ରେଗିଂ ସେଲକୁ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ତଦନ୍ତ ଆରମ୍ଭ ହୋଇଛି। ଘଟଣାକୁ ନେଇ ରୁଦ୍ର ଓ ତାଙ୍କୁ ମାଡ଼ ମାରିଥିବା ଦୁଇ ଛାତ୍ରକୁ ପଚରା ଉଚୁରା କରାଯାଇ ଏଣ୍ଟି ରେଗିଂ ସେଲ୍ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି କହିଛନ୍ତି ମେଡ଼ିକାଲ କଲେଜର ଡ଼ିନ୍। ସେପଟେ ରୁଦ୍ରଙ୍କ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ବୈଦ୍ୟନାଥପୁର ଥାନା ପୋଲିସ। ପୋଲିସ ଟିମ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ରୁଦ୍ରଙ୍କ ବୟାନ ରେକର୍ଡ଼ କରାଯାଇଛି। ରୁଦ୍ରଙ୍କ ମେଡ଼ିକାଲ ଟେଷ୍ଟ କରାଯିବା ସହିତ ରୁଦ୍ରଙ୍କୁ ମାଡ଼ ମାରିଥିବା ଦୁଇ ଜଣ ଷ୍ଟାଲିନ ମହାପାତ୍ର ଓ ଜ୍ୟୋତି ପ୍ରକାଶ ରାଉତ ରୁଦ୍ରଙ୍କୁ ବୈଦ୍ୟନାଥପୁର ଥାନାରେ ହାଜର ହେବା ନେଇ ନୋଟିସ ଜାରୀ କରାଯାଇଛି। ଏହାସହ ରୁଦ୍ରଙ୍କ ବୟାନକୁ ଭିତ୍ତି କରି ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ବର୍ତ୍ତମାନ ତଦନ୍ତ ଜାରୀ ରହିଥିବା ବେଳେ ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଏସପି।

# ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଫୁଲବାଣୀ/ବାଲିଗୁଡା, (ସବ୍ୟୁ): ଆଜି ସକାଳ ପ୍ରାୟ ୮ଟା ସମୟରେ ଫୁଲବାଣୀ ଏନଏଚ ୧୫୭ ସ୍ଥିତ ହାଟପଦା ସାହି ଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଏକ କଣ୍ଟେନେର ବାଇକ୍ କୁ ଧକ୍କା ଦେବା ଫଳରେ ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ବ୍ୟକ୍ତି ଜଣକ ହେଲେ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ହରଭଙ୍ଗା ଥାନା ଅନ୍ତର୍ଗତ ତଳିଗାଁ ପଞ୍ଚାୟତର ଗୁରେଙ୍ଗ ମୁଣ୍ଡା ଗ୍ରାମର ମୋହନ ନାୟକଙ୍କ ପୁଅ ଶେଷଦେବ ନାୟକ ବୋଲି ଜଣାପଡିଛି। ସେ ନିର୍ମାଣଧୀନ ଫୁଲବାଣୀ ମେଡିକାଲ କଲେଜରେ ଲିଫ୍ଟ ଡ୍ରାଇଭର ଭାବେ କାମ କରୁଥିବା ଜଣା ପଡ଼ିଛି। ପ୍ରତ୍ୟେକ ଦିନ ଭଳି ମୃତ ବ୍ୟକ୍ତି ଶେଷଦେବ ନିଜ ହିରୋହୋଣ୍ଡା ବାଇକ୍ ନଂ ଓଡି ୩୩ କେ ୦୦୯୫ ନିଜ କାମକୁ ଗଲାବେଳେ ସହ ଧକ୍କା ଦେଇଥିଲା। ଯାହାଫଳରେ ଶେଷ ଦେବ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ। କଣ୍ଟେନର ନଂ ଓଡି ୨୩ କ୍ୟୁ ୦୧୯୭ ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଅଗ୍ନିଶମ ବିଭାଗ ଓ ଟିମ ହ୍ୟୁମାନିଟି ଘଟଣା ସ୍ଥଳରେ ପହଞ୍ଚି ମୃତକକୁ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଫୁଲବାଣୀ ଟାଉନ ଥାନା ଅଧିକାରୀ ବିରେଶନ ଶବର ପଞ୍ଚନାମା କରିବା ସହ ଘଟଣା ସ୍ଥଳରେ ପହଂଚି କଣ୍ଟେନର ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ଝୋଟ ତିଆରି ବ୍ୟାଗ ପ୍ରଦାନ

ହିଞ୍ଜିଳିକାଟୁ, (ସବ୍ୟୁ): ଗତ ୯ ତାରିଖରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ହିଞ୍ଜିଳିକାଟୁ ବ୍ଲକରେ ଗଞ୍ଜାମ ଜିଲ୍ଲା ସ୍ତରୀୟ ଝୋଟ ତିଆରି ବ୍ୟାଗ ପ୍ରଦାନର ଶୁଭାରମ୍ଭ ହୋଇଥିଲା। ଏହି କ୍ରମରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ରାଳବ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖାଦ୍ୟ ସୁରକ୍ଷା ହିତାଧୀକାରୀଙ୍କୁ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ରଶ୍ମିତା ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷି ବିପଣନ ମଣ୍ଡଳୀ ଉପଦେଷ୍ଟା ସୁରେନ୍ଦ୍ର ନାଥ ପ୍ରଧାନ, ସମ୍ମାନିତ ଅତିଥି ରୂପେ ରୀନା ପୋଲେଇ, ଜିଲ୍ଲା ପରିଷଦ ସଭ୍ୟ ଓ କୃଷି ସୂଚନା ଓ ତାଲିମ ଉପଦେଷ୍ଟା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ହ୍ରାସ କରିବା ସହ ପରିବେଶର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପକୁ ଏକ ହୋଇ କାମ କରିବା ପାଇଁ ମୁଖ୍ୟ ଡିଥି ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ୧୦ଏବଂ ୨୦ କେଜି ଓଜନ ବିଶିଷ୍ଟ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ର ସଂଯୋଜନା କରିଥିଲେ। ଜିଆରଏସ୍ ସନ୍ତୋଷ କୁମାର ନାୟକ, କାଳୀ ଦଳାଇ, ଶୁଭ୍ରକେଶ ଦଳେଇ ଯୋଗାଣ ସହାୟକ ସୁବାସ ଚନ୍ଦ୍ର ରାଉତ ସହଯୋଗ କରିଥିଲେ।

# ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

ଛତ୍ରପୁର, (ସବ୍ୟୁ) ଛତ୍ରପୁରର ସର୍ବ ପୁରାତନ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଅନ୍ତଃ ହାଉସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଆଶୋସିଏଟ ପ୍ରଫେସର ଡ଼. ଶରତ କୁମାର କଣ୍ଟ, ମୁଖ୍ୟବକ୍ତା ଭାବେ ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଇଓ ସୀତାରାମ ପାତ୍ର, ବେଗୁନିଆପଡା ବିଇଓ ରୁଦ୍ର ନାରାୟଣ ସାହୁ, କଞ୍ଚୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀ, ଛତ୍ରପୁର ଏବିଇଓ ସଂଯୁକ୍ତା ରଥ, ଛତ୍ରପୁର ଇଣ୍ଡିଆନ ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ଓ ଅନସ୍ଲୋ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୀୟ ଅମିତାଭ ଧଳ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବା ନିମନ୍ତେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନ୍ୟବାଦ ଦେଇଥିଲେ। କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା

ହିଞ୍ଜିଳିକାଟୁ, (ସବ୍ୟୁ): ପୂର୍ବତନ ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ହିଞ୍ଜିଳିକାଟୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ହିଞ୍ଜିଳିକାଟୁ ତହସିଲଦାର ଭାବେ ଓଡ଼ିଶା ପ୍ରଶାସନିକ ସେବାର କନିଷ୍ଠ ବର୍ଗ ଅଧିକାରୀ ଭିକାରୀ ସାହୁଙ୍କୁ ଏଠାରେ ଅବସ୍ଥାପିତ କରାଯାଇଛି। ସୋମବାର ନୂତନ ତହସିଲଦାର ଭାବେ ଶ୍ରୀ ସାହୁ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଭବ୍ୟ ପରିବେଶରେ ନୂତନ ତହସିଲଦାର ଭିକାରୀ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଏଂ ପୂର୍ବତନ ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ବେଳେ ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା, ମୁଖ୍ୟ କିରାଣୀ ପ୍ରଫୁଲ୍ଲ କୁମାର ସାହୁ, ସୁପର ଭାଇଜର ଜ୍ୟୋର୍ତିମୟ ଚନ୍ଦ୍ର ଓ ନିରାକାର ସ୍ୱାଇଁ ଏବଂ ସହାୟକ ଏଂ ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉଭୟ ପ୍ରଶାସନିକ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଡିଭାଇନ ଗ୍ରୁପର ବାର୍ଷିକ ଉତ୍ସବ ଯୁଫୋନି ଉଦ୍‌ଯାପିତ




ବାରିପଦା, (ସବ୍ୟୁ) : ଡିଭାଇନ୍ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଡିଭାଇନ୍ ଇଞ୍ଜିନିୟରିଂ ଏବଂ ଡିଭାଇନ୍ ନର୍ସିଙ୍ଗର ଚଳିତ ଫେବ୍ରୁୟାରୀ ୧୦ ଏବଂ ୧୧ ତାରିଖରେ ମହାସମାରୋହରେ ପାଳିତ ହୋଇଯାଇଛି ତାର ୧୬ତମ ବାର୍ଷିକ ଉତ୍ସବ ଯୁଫୋନି ୨୦୨୪। ଉଦଘାଟନୀ ଉତ୍ସବର ପ୍ରାରମ୍ଭରେ ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ କୃଷି ଶିଳ୍ପ ନିଗମ ବିଭାଗର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓଡିଶା ସରକାରଙ୍କ ଆଦିବାସୀ ଓ ଜନଜାତି ମାନଙ୍କର ପରାମର୍ଶଦାତା ସରୋଜିନୀ ହେମ୍ବ୍ରମ, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମନ୍ୟମ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଏବଂ ପୂର୍ବତ୍ତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଗଣ ଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାରଣ୍ଡୀ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦା ଏବଂ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଦୁଇଦିନ ଧରି ଚାଲିଥିବା ଏହି ବାର୍ଷିକ ମହୋତ୍ସବରେ ଅତିଥି ମାନେ ତାଙ୍କ ସମ୍ଭାଷଣ ମାଧ୍ୟମରେ ନିଜର ନିଷ୍ଠା ଓ ଉଦ୍ୟମକୁ ବଳବତ୍ତର ରଖିବା ସହ ଯୁବସମାଜ ପାଇଁ ଶିକ୍ଷା ସହ ସଂସ୍କୃତି ଓ ପରମ୍ପରାର ଉଚିତ ସମନ୍ୱୟ ହିଁ ଉଚ୍ଚ ଅଭିଳାଷକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି ପରାମର୍ଶ ଦେଇଥିଲେ। ତତ୍‌ସହିତ କଠିନ ପରିଶ୍ରମ ଏବଂ ସୃଜନ ଶୀଳତା ଯେବେ ଉତ୍ତମ ଚରିତ୍ର ସହ ସମ୍ମିଳିତ ହୋଇ ଚାଲିବେ, ସଫଳତା ପାଦ ଚୁମିବ-ନିଃସନ୍ଦେହ। ସଭାଦ୍ୱୟରେ ପୌରହିତ୍ୟ କରିଥିଲେ ଡିଭାଇନର ମ୍ୟାନଜିଙ୍ଗ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଏବଂ ସଭାରେ ଉପସ୍ଥିତ ଥିଲେ ଡିଭାଇନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ଟ୍ରଷ୍ଟି ଇଂ ଧରମବୀର ବୁଗୁଡେଇ, ଏକାଡେମିକ ନିର୍ଦ୍ଦେଶକ ଇଂ ସନତୃପ୍ତ ପାଢୀ ଏବଂ ପ୍ରିନ୍ସିପାଲ୍ ଇଂ ଅଭିନ୍ନ ଦାସ। ଏହି ଦୁଇଦିନ ମଧ୍ୟରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଯୋଗୀତା ସମୂହ ଅନୁଷ୍ଠିତ ହୋଇଥିଲା। ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା ରାମ୍ପ ଶୋ, ମିଷ୍ଟର ଓ ମିସ ଡିଭାଇନ, ମିଷ୍ଟର ଓ ମିସ ଡିମସାର – ୨୦୨୪। ମିଷ୍ଟର ଡିଭାଇନ ହୋଇଥିଲେ ହରିଶ ପ୍ରଧାନ ଏବଂ ମିସ ଡିଭାଇନ ସନମ କର ହୋଇଥିବାବେଳେ ମିଷ୍ଟର ଡିମସାର ସତ୍ୟଶୁଭମ ମହାପାତ୍ର ଓ ମିସ ଡିମସାର ଦେବସ୍ମିତା ମହାପାତ୍ର ହୋଇଥିଲେ। ବିଭିନ୍ନ ବ୍ରାଞ୍ଚ ରେ ସର୍ବୋଚ୍ଚ ନମ୍ବର ରଖିଥିବା, ସର୍ବୋଚ୍ଚ ଉପସ୍ଥାନ ଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ସ୍ୱରୂପ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଷ୍ଟୁଡେଣ୍ଟ ଅଫ ଦି ଇୟର ଆଖ୍ୟା ପାଇଥିଲେ ଷଷ୍ଠ ସେମିଷ୍ଟାର ମେକନିକାଲ ବିଭାଗରେ ପଢୁଥିବା ନାରାୟଣ ଚନ୍ଦ୍ର ମୁର୍ମୁ ଓ ବେଷ୍ଟ ଅଲ ରାଉଣ୍ଡର ଆଖ୍ୟା ପାଇଥିଲେ ଷଷ୍ଠ ସେମିଷ୍ଟାର ସିଭିଲ ବ୍ରାଞ୍ଚର ପ୍ରଜ୍ଞାବଳା ବିଶ୍ୱାଳ। ଓଲିଉଡର ଖ୍ୟାତନାମା କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, କୌଶିକ ଶତପଥି ଏବଂ ଅଲିଉଡ କମେଡିଆନ ରବି କୁମାର। ତାସହିତ କୋଲକାତାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶୁଭ୍ର, ସେକ୍ସଫୋନ କୁଇନ ଝୁମୁର ଜ୍ୟାଶ୍ୱାଲ ଓ ପ୍ରିୟାଅଶି ଘୋଷ ଏବଂ ଭାରତ ବର୍ଷରେ ଚହଳ ପକାଇଥିବା ଫାୟାର ବଲ ଓ ୱେଷ୍ଟର୍ନ ଡାନ୍ସଗ୍ରୁପର ଚିତ୍ତାକର୍ଷକ ପରିବେଷଣ ଉପସ୍ଥିତ ସମସ୍ତ ଦର୍ଶକଙ୍କ ମନ ମୋହିଥିଲା। ଏହି ଶୁଭ ଅବସରରେ ଅନୁଷ୍ଠାନର ମୁଖପତ୍ର ସେଭୋୟର – ଫେୟାର ଉନ୍ମୋଚିତ ହୋଇଥିଲା।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ




ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଶୁଣାଣୀ କାର୍ଯ୍ୟକ୍ରମ ରହିଥିବା ବେଳେ ଏଥିରେ ଏପିଡି ପ୍ରତାପ ଚନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ଭାବତୋଷ ମଲ୍ଲିକ, ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ଓ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱାମିତ୍ର ହରପାଲ୍, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଅବିଦା ପରବିନଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ପଞ୍ଜିକୃତ ୯୬ଟି ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ ନିମନ୍ତେ ଅଧିକାଂଶ ଅଭିଯୋଗ ସହ କୋଭିଡରେ ମୃତ୍ୟୁ ବରଣ କରିଥିବା ବୁଗୁଡ଼ା ବ୍ଲକ ଡାକରଡ଼ା ଗ୍ରାମର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ ରବୀନ୍ଦ୍ରନାଥ ସେନାପତିଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ କୌଣସି ସହାୟତା ମିଳିନଥିବା ନେଇ ତାଙ୍କର ବିଧବା ପତ୍ନୀ ଧରିତ୍ରୀ ସେନାପତି ଆଜି ଫେରାଦ ହୋଇ ତାଙ୍କର ଦୁଃଖ ବଖାଣି ଥିଲେ। ସେହିପରି ବୁଗୁଡ଼ା ପିପୁଲ୍ସ କଲେଜ ପାଚେରୀ ନିର୍ମାଣରେ ୩ଥର ମିଥ୍ୟା ବିଲ ହୋଇଥିବା, ମୋ ବଗିଚା ଯୋଜନାରେ ମହିଳା ହିତାଧିକାରୀଙ୍କ ଅର୍ଥ ଲୁଟ କରାଯାଇଥିବା ଭଳି ସଙ୍ଗୀନ୍ ଅଭିଯୋଗମାନ ହୋଇଥିଲା। ଅଭିଯୋଗ ଗୁଡିକୁ ଗୁରୁତ୍ୱ ଦେଇ ତୁରନ୍ତ ତଦନ୍ତ ନିମନ୍ତେ ଏପିଡି ସ୍ଥାନୀୟ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। କାର୍ଯ୍ୟକ୍ରମକୁ ବିଡିଓ ସନ୍ତୋଷ କୁମାର ଜେନା ପରିଚାଳନା କରିଥିବା ବେଳେ ଜିପିଇଓ ମନୋଜ କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ରାସ୍ତା ନିର୍ମାଣ ବିଳମ୍ବ ପ୍ରତିବାଦରେ ରାସ୍ତାରୋକ



ଜମନକିରା,(ସବ୍ୟୁ): ଦୀର୍ଘ ବର୍ଷ ହେବ ଜମନକିରା ବ୍ଲକ ଅନ୍ତର୍ଗତ ଟିକିବା ଗ୍ରାମପଞ୍ଚାୟତରୁ କ୍ରୀମାଲୋଇକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ପଡି ରହିଛି । ଫଳରେ ଖଇରଡ଼ିହି, କ୍ରୀମାଲୋଇ, ବନ୍ଧମାଳ, ରାଙ୍କୀବାହାଲ ଏବଂ ବାଦୀବାହାଲ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବହୁବାର ଲିଖିତ ଅଭିଯୋଗ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ପରେ ରାସ୍ତା ତିଆରି ପାଇଁ ଟେଣ୍ଡର ହୋଇଥିଲା । ଟେଣ୍ଡର କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ଜୈନେକ ଠିକାଦାର ଆଜି ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ନକରିବାରୁ ସୋମବାର ରାଙ୍କୀବାହାଲ ଗ୍ରାମବାସୀ ନିଜ ଗାଁରେ ସକାଳ ୭ଟାରୁ ରାସ୍ତା ଅବରୋଧ କରିଥିଲେ । ଫଳରେ ଟିକିବା ଗ୍ରାମ ପଂଚାୟତରେ ହେଉଥିବା ଆମ ଓଡିଶା ନବୀନ ଓଡିଶା ପିଠା କାର୍ଯ୍ୟକ୍ରମକୁ ପଞ୍ଚାୟତର ବିଭିନ୍ନ ଗାଁରୁ କାର୍ଯ୍ୟକ୍ରମରେ ଲୋକେ ସାମିଲ ହୋଇ ପାରିନଥିଲେ । ଖବର ପାଇ ଟିକିବା ସରପଞ୍ଚ ମମତା ଭେଙ୍ଗ୍ରା, ସମିତି ସଭ୍ୟ ସ୍ନିଗ୍ଧା ପଟେଲ, ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ ଏବଂ ଜମନକିରା ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ଗ୍ରାମବାସୀ କେବେଠୁ ରାସ୍ତା କାମ ଆରମ୍ଭ ହେବ ତାହାର ସଠିକ ପ୍ରତିଶୃତି ନଦେଲେ ରାସ୍ତାରୁ ଉଠିବେନି ବୋଲି ରୋକ ଠୋକ ମନା କରିଥିଲେ । ଫଳରେ ଥାନା ଅଧିକାରୀ ଶ୍ରୀମତୀ ସାହୁ ସମ୍ପୃକ୍ତ ଠିକାଦାରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିବା ବେଳେ ଠିକାଦାର ୧୦ଦିନ ମଧ୍ୟରେ କାମ ଆରମ୍ଭ ହୋଇଯିବ ବୋଲି ପ୍ରତିଶୃତି ଦେବାରୁ ଧାରଣାରତ ଗ୍ରାମବାସୀ ରାସ୍ତାରୁ ଉଠିଥିଲେଛ ମାତ୍ର ୧୦ଦିନ ମଧ୍ୟରେ କାମ ଆରମ୍ଭ ନକଲେ ପୁଣି ରାସ୍ତା ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରାୟ ଅପରାହ୍ନ ୧ଟାରେ ରାସ୍ତା ଛାଡିବାରୁ ପଂଚାୟତରେ ହେଉଥିବା ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇ ସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା ।

# ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ଦେଢ଼ ଲକ୍ଷ ଟଙ୍କା ଲୁଟ୍



ମୁରିବାହାଲ,(ସବ୍ୟୁ): ରାୟପୁର- ଗୋପାଳପୁର ୫୯ନମ୍ବର ଜାତୀୟ ରାଜପଥ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁରୁଣ୍ଡା ଗ୍ରାମ ନିକଟରେ ୪ଜଣ ବାଇକ୍ ଆରୋହୀ ମୁଖାପିନ୍ଧା ଦୃର୍ବୃତ୍ତ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରଛନ୍ତି । ଦୁର୍ବୃତ୍ତ ମାନେ ଦେଢ଼ ଲକ୍ଷ ଟଙ୍କା ସହ ଏକ ଦାମୀ ମୋବାଇଲ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ରାଜଆଗଲପୁର ଗ୍ରାମର ଟ୍ରକ ଡ୍ରାଇଭର ତଥା ମାଲିକ ଭରତ ମେହେର(୩୦) କନ୍ଧମାଳ ଜିଲ୍ଲା ଗଣ୍ଡାପିପିଲିରୁ ନିଜର ଟ୍ରକ୍ ନମ୍ବର ଓଡ଼ି ୧୫ ଡବ୍ଲ୍ୟୁ -୮୭୧ରେ କପା ବୋଝେଇ କରି ଟିଟିଲାଗଡ ରାସ୍ତାରେ ପାଟଣାଗଡ ଯାଉଥିଲେ । ବଡି ଭୋର ସାଢେ ଚାରିଟା ସମୟରେ ସେ ମୁରିବାହାଲ ଥାନା ଗୁରୁଣ୍ଡା ଗ୍ରାମ ରାସ୍ତା ପାର୍ଶ୍ୱରେ ନିଜ ଟ୍ରକ୍ ଭିତରେ ବିଶ୍ରାମ ନେଇଥିଲେ । ଏହି ସମୟରେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ୨ଟି ବାଇକରେ ଟ୍ରକ୍ ନିକଟକୁ ଆସି ନିଜକୁ ପୋଲିସ ପରିଚୟ ଦେଇ ଭରତଙ୍କୁ ଡାକିଥିଲେ । ଭରତ ଟ୍ରକ୍ ଗେଟ ଖୋଲିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ମୁହଁରେ ଲଙ୍କା ଗୁଣ୍ଡ ପକାଇ ଦେଇଥିଲେ । ଭରତକୁ ଭୁଜାଲି ଓ ଅନ୍ୟ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ପରେ ନଗଦ ଦେଢ଼ ଲକ୍ଷ ଟଙ୍କା ଓ ଏକ ଦାମୀ ମୋବାଇଲ ଲୁଟି ନେଇ ଦ୍ରୁତ ଗତିରେ ବାଇକରେ ବଙ୍ଗୋମୁଣ୍ଡା ପଟକୁ ଫେରାର ମାରିଥିଲେ । ଗୁରୁତର ଭରତ ଏହା ପରେ ସେମାନଙ୍କ ପିଛା କରି ନିକଟସ୍ଥ ବଙ୍ଗୋମୁଣ୍ଡା ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ ଘଟଣାସ୍ଥଳଟି ମୁରିବାହାଲ ଥାନା ଅନ୍ତର୍ଗତ ହୋଇଥିବାରୁ ତାଙ୍କୁ ମୁରିବାହାଲ ଥାନାରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଭରତ ସେଠାରେ ଏକ ଘରୋଇ କ୍ଲିନିକକୁ ଯାଇ ଚିକିତ୍ସିତ ହୋଇଥିଲେ। ସକାଳୁ ସେ ମୁରିବାହାଲ ଥାନାକୁ ଆସି ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ଭରତଙ୍କ ଏତଲା ଆଧାରରେ ପୁଲିସ ଥାନା କେଶ ନ ୫୫/୨୦୨୪ରେ ଡକାୟତି ସହ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ଦିଗକୁ ନେଇ ତନାଘନା ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

# ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ



ବଲାଙ୍ଗିର,(ସବ୍ୟୁ): ନିର୍ବାଚନ ଆଗରୁ ୱାରେଣ୍ଟି ମାନଙ୍କୁ ଗିରଫ କରୁଛି ବଲାଙ୍ଗିର ଟାଉନ ପୋଲିସ ଏହି କ୍ରମରେ ଟାଉନ ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ସୋମବାର ବଲାଙ୍ଗିର ସହର ରାମେଶ୍ୱର ନଗରର ଦୁର୍ଦ୍ଦାନ୍ତ ଅପରାଧୀ ପ୍ରଦୀପ ପଟ୍ଟନାୟକଙ୍କୁ ଗିରଫ କରିବା ପାଇଁ ଚଢ଼ଉ କରିଥିଲା । ପୋଲିସକୁ ଦେଶୀ ପିସ୍ତଲ ଦେଖାଇ ଭୟଭୀତ କରିବାକୁ ଚେଷ୍ଟା କରିଥିଲା ପ୍ରଦୀପ । ପୋଲିସ ପାଲଟା ଏନକାଉଣ୍ଟର କରିବାକୁ ଉଦ୍ୟମ କରିବାରୁ ଭୟରେ ପୋଲିସ ଉପରକୁ ପିସ୍ତଲ ଫିଙ୍ଗି ଫେରାର ମାରିବାକୁ ଚେଷ୍ଟା କରିଥିଲା କିନ୍ତୁ ପୋଲିସ ଟିମ ମାଡି ବାସି ତାପାଖରୁ ଦେଶୀ ପିସ୍ତଲ, ଦେଢ଼ ଲକ୍ଷ ଟଙ୍କା ଏବଂ ସୁନା ଅଳଙ୍କାର ଜବତ କରିଛି । ଫିଲ୍ମ ଷ୍ଟାଇଲରେ ଦୁର୍ଦ୍ଦାନ୍ତ ଅପରାଧୀକୁ ଗିରଫ କରିଥିଲା ପୋଲିସ । ଏହା ସହିତ ଅପରାଧି ପାଖରୁ ଦେଶୀ ରନ୍ଧା ମଦ ମଧ୍ୟ ଜବତ କରିଛି ପୋଲିସ । ଗିରଫ ପ୍ରଦୀପକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ସଦର ଏସଡିପିଓ ।

# ଡ୍ୟାମକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ରାୟଗଡା,(ସବ୍ୟୁ): ରବିବାର ଅପରାହ୍ନରେ ଭାଲୁରଗୁଡ଼ା ନିକଟସ୍ଥ ସିଲିଟିଗୁଡା ଡ୍ୟାମକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଜଣେ ବାଳକ ନିଖୋଜ ହୋଇଛନ୍ତି । ବାଳକ ଜଣକ ହେଲେ ସାଇପ୍ରୀୟା ନଗର ବାସିନ୍ଦା ଜି ଆପଲ ନାଇଡୁଙ୍କ ପୁଅ ଜି.ଚୈତନ୍ୟ କୁମାର(୧୭)। ଘଟଣାରୁ ପ୍ରକାଶ ଯେ ଚୈତନ୍ୟ ନିଜ ସାଙ୍ଗମାନଙ୍କ ସହିତ ଗତକାଲି ଅପରାହ୍ନରେ ଭାଲୁରଗୁଡା ସ୍ଥିତ ସିଲଟିଗୁଡା ଚେକ୍ ଡେମକୁ ବୁଲିବାକୁ ଯାଇଥିଲେ। ତେବେ ପାଣିରେ ଗାଧୋଇବା ବେଳେ ଚୈତନ୍ୟ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ପ୍ରଥମେ ସାଙ୍ଗ ସାଥୀ ଖୋଜିବା ପରେ ନମିଳିବା ଯୋଗୁଁ ଏନେଇ ପରିବାର ବର୍ଗଙ୍କୁ ଖବର ଦେଲେ ପରିବାର ବର୍ଗ ଯାଇ ସେଠାରେ ଉକ୍ତ ଗାଁର ଲୋକଙ୍କ ସହ ମିଶି ପୁଅକୁ ବହୁତ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳିନଥିଲା। ଶେଷରେ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଦମକଳ ବାହିନୀକୁ ସୂଚନା ଦେଇଥିଲା। ଉଭୟ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଚୈତନ୍ୟଙ୍କୁ ଖୋଜାଖୋଜି କରୁଛନ୍ତି । ଖବର ଅନୁଯାୟୀ ବର୍ତ୍ତମାନ ଆଜି ଅପରାହ୍ନ ୪ ଟା ସୁଦ୍ଧା କୌଣସି ଖବର ମିଳିନଥିବା ପୋଲିସ ନିକଟରୁ ସୂଚନା ମିଳିଛି। ଗତକାଲି ଅନ୍ଧାର ରାତିରେ ପାଣିରେ ଚୈତନ୍ୟଙ୍କୁ ଖୋଜିବା ଦମକଳ ବାହିନୀକୁ ଅସୁବିଧା ହେଉଥିବା ବେଳେ ଆଜି ଭୋର୍ ପ୍ରାୟ ୬ଟା ସମୟରୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଖୋଜୁଥିବା ବେଳେ ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳିନଥିବା ଜଣା ପଡ଼ିଛି।

# ପମ୍ପ ହାଉସ୍ ଭିତରୁ ବାହାରିଲା ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ବୁର୍ଜାରେ ଏକ ପାଣି ପମ୍ପ ହାଉସ୍ ମଧ୍ୟରୁ ସୋମବାର ସକାଳେ ଯୁବକ ଯୁବତୀଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି । ଉଭୟ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଛି। ଯୁବକଜଣକ ନିକଟସ୍ଥ ପୂଜାରୀଗୁଡ଼ା ଗାଁର ସନାଧର ଭତ୍ରା ବୋଲି ଜଣାପଡ଼ିଛି। ସେ ପୂଜାରୀଗୁଡା ଗ୍ରାମର ହୋଇଥିବାବେଳେ ଉକ୍ତ ପାଣି ପମ୍ପ ହାଉସରେ ଠିକା କର୍ମଚାରୀ ଭାବେ କାମ କରୁଥିଲେ। ଯୁବତୀଜଣକ ନିକଟସ୍ଥ କୁର୍ସି ଗ୍ରାମର । ସନାଧର ଭତ୍ରା ପମ୍ପ ହାଉସରେ ପାଣି ଛାଡିବା ଦାୟିତ୍ୱରେ ଥିଲେ। ସକାଳେ ପାଣି ଛଡ଼ାଯିବାରେ ବିଳମ୍ବ ହେବାରୁ କିଛି ଗ୍ରାମବାସୀ ପମ୍ପ ହାଉସରେ ପହଞ୍ଚିଥିଲେ । ପମ୍ପ ହାଉସ୍ କବାଟ ଭିତର ପଟୁ ବନ୍ଦ ଥିବା ବେଳେ ଝରକା ଖୋଲାଥିଲା । ଉକ୍ତ ରୁମ୍ ଭିତରେ ସନାତନ ଓ ଜଣେ ଯୁବତୀ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଏନେଇ ସେମାନେ ତୁରନ୍ତ ଉମରକୋଟ ପୁଲିସ ଖବର ଦେଇଥିଲେ । ପୋଲିସ୍ ପହଞ୍ଚି ଉଭୟ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ନା ଆଉ କିଛି ତଥା ଉଭୟ କାହିଁକି ଏପରି ଚରମ ନିଷ୍ପତ୍ତି ନେଲେ ତାହା ଏବେ ରହସ୍ୟ ଘେରରେ ରହିଛି।

# ରାଜ୍ୟସ୍ତରୀୟ ଫୁଟବଲ : ବରଗଡ଼ କଦଳିପାଲି ଚାମ୍ପିଅନ




ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହର ସ୍ଥିତ ପି.ଆର. ହାଇସ୍କୁଲ ଖେଳ ପଡିଆରେ ବଲାଙ୍ଗିର ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳରେ କ୍ଲବର ସଭାପତି ଲୋଟସ ସଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଜଳ ସମ୍ପଦ, ପରିବହନ ବାଣିଜ୍ୟ ମନ୍ତ୍ରୀ ଟୁକୁନୀ ସାହୁ, ସମ୍ମାନୀତ ଅତିଥି ଭାବରେ ଏସପି ରିଷିକେଶ ଖୀଲାରୀ, ବରିଷ୍ଠ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ପରିଚାଳକ ସତ୍ୟ ନାରାୟଣ ମାଝି, ପି.ଆର ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ସେଠୀ, କ୍ଲବର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ଓ କୋଷାଧ୍ୟକ୍ଷ ରଞ୍ଜିତ ବେହେରା ମଞ୍ଚାସୀନ ଥିଲେ । ନୀଳ ନାଏକ, ଶଶିକାନ୍ତ ଦାସିଆ, ନରସିଂ ସ୍ୱାମୀ ନାଇଡୁ, ରାଜେନ୍ଦ୍ର ଧରୁଆ ଖେଳକୁ ପରିଚାଳନା କରିଥିବା ବେଳେ ସୁନିଲ ବିଶ୍ୱାଲ ମ୍ୟାଚ କମିସନର ଥିଲେ । ସଂଘର୍ଷ ପୂର୍ଣ୍ଣ ଖେଳରେ କଦଳିପାଲି ଆଥଲେଟିକ ଦଳ ୧-୦ ଗୋଲରେ ଭାରତ କ୍ଲବ ସମ୍ବଲପୁରକୁ ହରାଇ ଚମ୍ପିଆନ ହୋଇଥିଲା । ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ କଦଳିପାଲି ଦଳର ଜିତୁ ମିର୍ଦ୍ଧା ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲ କିପର ଭାବରେ ସିଦ୍ଧାନ୍ତ ପଧାନ, ଟୁର୍ଣ୍ଣାମେଂଟର ଶ୍ରେଷ୍ଠ ଖେଳାଳି ଭାବରେ ସମ୍ବଲପୁର ଦଳର ଅମର ଖାଡିଆଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଚମ୍ପିଆନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନରସ ଅପ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ବିଶିଷ୍ଟ କ୍ରୀଡାବିତ ଭାବଗ୍ରାହୀ ରଥ, ଆର୍ନ୍ତଜାତୀୟ ମହିଳା କ୍ରିକେଟ ଖେଳାଳି ରୋସନାରା ପରବିନ ଓ କ୍ରିଡା ସଂଗଠକ ସ୍ୱର୍ଗତ ଅମନ ନାଗଙ୍କ ଧର୍ମପତ୍ନୀ ସବିତା ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆକାଉଣ୍ଟରୁ ୨୦ହଜାର ଟଙ୍କା ଲୁଟି ନେଲେ ସାଇବର ଠକ

ହରଭଙ୍ଗା,(ସବ୍ୟୁ): ଆକାଉଣ୍ଟରେ କଳାକନା ବୁଲେଇଲେ ସାଇବର ଠକ । ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ । ହାତ ବାନ୍ଧି ବସିଛି ପୋଲିସ । ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ । ବିଦ୍ୟୁତ ବିଲ ନେବା ନାଁରେ ଆକାଉଣ୍ଟ ଖାଲି । ଏମିତି ଏକ ଅଭିଯୋଗ ଏବେ ବୌଦ୍ଧ ଜିଲ୍ଲା ଚାରିଛକ ଅଞ୍ଚଳରୁ ଆସିଛି । ବୌଦ୍ଧ ଜିଲ୍ଲା ଚାରିଛକ ଅଞ୍ଚଳର ଅନାଦି ସାହୁ । ଚାରିଛକ ବଜାରରେ ତାଙ୍କର ଏକ ୱେଲଡିଙ୍ଗ ଦୋକାନ ରହିଛି । ପ୍ରତିମାସ ଭଳି ଗତ ମାସର ବିଦ୍ୟୁତ ବିଲ ଇଲେକ୍ଟ୍ରି ବିଲ ବଏ ଆସି ରିଡିଙ୍ଗ ନେଇ ବିଲ ଦେଲା । କିଛିଦିନ ପରେ ଆଉ ଜଣେ ଯୁବକ ନିଜକୁ ବିଲ କଲେକ୍ସନ ବଏ ର ପରିଚୟ ଦେଇ ବିଲ ପୈଠ ପାଇଁ ଦୋକାନକୁ ଆସି ଅନାଦିଙ୍କୁ କହିଲେ । ହାତରେ ବିଲ କଟା ମେସିନ ଦେଖି ଅନାଦି କହିଲେ ବର୍ତ୍ତମାନ ହାତରେ ଟଙ୍କା ନାହିଁ ତେଣୁ ଅନଲାଇନ ରେ ପେମେଣ୍ଟ ଦେଇ ପାରିବି । ନହେ ଲେ ପରେ ଆସନ୍ତୁ ବୋଲି କହିଥିଲେ । କିନ୍ତୁ ଯୁବକ ଜଣକ ୟୁପିଆଇ ପେମେଣ୍ଟ ଜରିଆରେ ୨୮୪ଟଙ୍କା ଅନାଦିଙ୍କ ନିକଟରୁ ଗ୍ରହଣ କରିବା ସହ ମେସିନରୁ ରସିଦ ମଧ୍ୟ ପ୍ରଦାନ କରି ସେଠାରୁ ଚାଲି ଯାଇଥିଲେ । ଯୁବକ ଜଣକ ସେଠାରୁ ଯିବାର କିଛି ସମୟ ମଧ୍ୟରେ ଅନାଦିଙ୍କ ଆକାଉଣ୍ଟରୁ ୫ହଜାର, ୫ହଜାର କରି ୪ଥର ମୋଟ ୨୦ହଜାର ଟଙ୍କା ଆକାଉଣ୍ଟ ରୁ ଉଠିଥିଲା । ଅଞ୍ଜଳି ନାମକ ଏକ ଆକାଉଣ୍ଟରେ ଜମା ହୋଇଥିଲା । ଏହା ଦେଖି ବ୍ୟବସାୟୀ ଜଣକ ବିଳମ୍ବ ନ କରି ପୁରୁଣାକଟକ ଥାନା ଓ ସାଇବର ସେଲ , ଇଲେକ୍ଟ୍ରି ଅଫିସରେ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସ ଓ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ଆସି ସେ ଜିଲ୍ଲାପାଳ ଜନ ଅଭିଯୋଗ ଶୁଣାଣି ରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଜନ କଲ୍ୟାଣ ଯୋଜନା ପ୍ରଦର୍ଶିତ

ଏସ. ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ -ନାଇକେନପାଲି ଗ୍ରା. ପ. ରେ ଆମଓଡ଼ିଶା -ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା ସମାବେଶ ସରପଞ୍ଚ ଗୋବିନ୍ଦ ସେଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପିଇଓ ଝରଣା ନାଇକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସମ୍ମାନିତ ଅତିଥି ଭାବେ ଏ ବି ଡି ଓ ଆନନ୍ଦ ଚନ୍ଦ୍ର ମିଶ୍ର, ସମିତି ସଭ୍ୟ ଦିଲ୍ଲୀପ ଭୋଇ ଓ ବଡକର୍ଲେ ସରପଞ୍ଚ ରୋହିତ ଭୋଇ ଯୋଗଦେଇ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ମାର୍ଗଦର୍ଶନ କରିଥିଲେ । ଉକ୍ତ ପଧାନ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ସରପଞ୍ଚ ରାଧାକାନ୍ତ ଯୁଆଡ଼ି, ରମେଶ ଚନ୍ଦ୍ର ଭୋଇ, ପ୍ରକାଶ ସାହୁ ଓ ସୁରେନ୍ଦ୍ର ଭୋଇ ମଞ୍ଚାସିନ ଥିଲେ । ଶେଷରେ ଜିଲ୍ଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରା. ପ. ର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସି ଆର ପି, ଏମ ବି କେ ଓ ଜନ ସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କୋକସରା ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର କୋକସରା ବ୍ଲକ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝୀଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ଧର୍ମଗଡ଼ ଉପ ଜିଲ୍ଲାପାଳ ଧିମାନ୍ ଚକମା ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ଜିଲ୍ଲାର ସମସ୍ତ ବିଭାଗର ଉଚ୍ଚ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ କୋକସରା ବ୍ଲକର ୨୨ ପଞ୍ଚାୟତରୁ ଅଭିଯୋଗ ନେଇ ଆସିଥିବା ହିତାଧିକାରୀ ମାନେ ପ୍ରଥମେ ରେଜିଷ୍ଟ୍ରେସନ କରିବା ପରେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଜିଲ୍ଲାପାଳ ବିନମ୍ରତା ସହ ଅଭିଯୋଗ କାରୀଙ୍କ ଅଭିଯୋଗ ଶୁଣିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୦୩ ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ୫୨ ଅଭିଯୋଗ ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ସମାଧାନ କରିଥିଲେ ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ଚାଷି ମାନେ ରବି ଚାଷ ପାଇଁ ଜଳସେଚନ, କୋକସରା ମଣ୍ଡିକୁ ସ୍ୱତନ୍ତ୍ର କରିବା ପାଇଁ ଚାଷୀଙ୍କ ଅଭିଯୋଗ, ଆାସ ଘର, ପିଡ଼ିଏସ, ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ଭଳି ଅଭିଯୋଗ ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମକୁ ବ୍ଲକ ବିଏସଏସଓ ଦୀପକ କୁମାର ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ପିଇଓ, ଜିଆରଏସ ଓ ଅନ୍ୟ କର୍ମଚାରୀ ମାନେ ରହି ପରିଚାଳନାରେ ସହଯୋଗ କରିଥିଲେ।

# ବେକରେ ଖଣ୍ଡା ରଖି ଦୁର୍ବୃତ୍ତ ଲୁଟିନେଲେ ୧୪ ଲକ୍ଷ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଭାଲୁକାନାଡି ଗାଁରେ ରବିବାର ରାତିରେ ଜଣେ ବୟସ୍କ ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଦେଲେ ମୁଖା ପିନ୍ଧା ଦୁର୍ବୃତ୍ତ। ବେକରେ ଖଣ୍ଡା ରଖି ବ୍ୟବସାୟୀଙ୍କ ଘରୁ ନଗଦ ୧୪ ଲକ୍ଷ ଟଙ୍କା ଓ ସୁନାଗହଣା ଲୁଟି ନେଇଥିବା ଜଣାଯାଇଛି। ବ୍ୟବସାୟୀଙ୍କର ଏକ ତେଜରାତି ଦୋକାନ ଥିବା ବେଳେ ପୁଅ,ବୋହୂ ଓ ସ୍ତ୍ରୀ ଉମରକୋଟରେ ରହୁଛନ୍ତି। ଫଳରେ ବ୍ୟବସାୟୀଜଣକ ଭାଲୁକାନାଡି ଗାଁରେ ଏକୁଟିଆ ରହୁଛନ୍ତି। ଏହାର ସୁରାଗ ପାଇ ରାତି ଅଧରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ଘରର ଗେଟ୍ ତାଲା ଭାଙ୍ଗି ପଶିଥିଲେ। ପରେ ସେମାନେ ବ୍ୟବସାୟୀଙ୍କ ହାତକୁ ବାନ୍ଧି, ମୁଣ୍ଡରେ ଓ ବେକରେ ଖଣ୍ଡା ଭୟଭୀତ କରିଥିଲେ। ଏହାପରେ ସେମାନେ ତାଙ୍କ ଘରୁ ୧୪ ଲକ୍ଷରୁ ଉର୍ଦ୍ଧ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଗଲେ। ଦୁର୍ବୃତ୍ତମାନେ ହିନ୍ଦୀରେ କଥା ହେଉଥିବା ବେଳେ ମୁହଁରେ ମୁଖା ପିନ୍ଧିଥିଲେ ବୋଲି ବ୍ୟବସାୟୀ ଜଣକ କହିଛନ୍ତି। ଖବର ପାଇ ଝରିଗାଁ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ ରଖିଛି।

# କୋସଲି, ଶାନ୍ତାଳି ଭାଷା ପ୍ରତି ଉଦାସୀନତାକୁ ନେଇ ପ୍ରଶ୍ନ କଲେ ବିଧାୟକ



ବଲାଙ୍ଗିର,(ସବ୍ୟୁ): ଆଞ୍ଚଳିକ ବୈଷମ୍ୟ ମନୋଭାବ ଧିରେ ଧିରେ ବଢିବାରେ ଲାଗିଛି । ପ୍ରତ୍ୟେକ କ୍ଷେତ୍ରରେ ପଶ୍ଚିମାଂଚଳକୁ ଅବହେଳା କରାଯାଉଛି । ଓଡିଆ ଭାଷା ସମ୍ମିଳନୀ ପ୍ରତି ସରକାର ଯେତିକି ପଦକ୍ଷେପ ନେଇଛନ୍ତି ସେହିପରିମାଣରେ ଅନ୍ୟ ଆଞ୍ଚଳିକ ଭାଷା ପ୍ରତି ସେତିକି ଗୁରୁତ୍ୱ ଦେଉନାହାଁନ୍ତି । ରାଜ୍ୟରେ କୋସଲି, ଶାନ୍ତାଳି ଭାଷା ମଧ୍ୟ ରାଜ୍ୟର ଏକ ତୃତିୟାଂଶ ଲୋକ ନିଜର ମାତୃଭାଷା ହିସାବରେ ବ୍ୟବହାର କରନ୍ତି । କିନ୍ତୁ ସରକାର ଏହି ଉଭୟ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଏହାର ପ୍ରଚାର ପ୍ରସାର ତଥା ସରକାରୀ ଭାଷା ରୂପେ ଯେପରି ସ୍ୱୀକୃତିଲାଭ କରିବେ ସେ ଦିଗରେ ଠୋସ ପଦକ୍ଷେପ ନେଉନାହାନ୍ତି ବୋଲି ସୋମବାର କୁଟୁମଡୋଲାରେ ଆୟୋଜିତ କଂସ ଦରବାରରେ ରାଜ ଅତିଥି ଭାବେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଏପରି ବୈମାତୃକ ମନୋଭାବ ଯେ କେବଳ ଭାଷାକୁ ନେଇ ଅଛି ତାହା ନୁହେଁ ଆମ ଅଂଚଳର ଶିକ୍ଷା, ଏହାର ଭିତ୍ତିଭୂମି, କୃଷି, ଜଳସେଚନ, କ୍ରୀଡା ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା ଓ ଏହାର ଭିତ୍ତିଭୂମିକୁ ନେଇ ମଧ୍ୟ ଅନେକ ପାତରଅନ୍ତର କରାଯାଉଛି । ରାଜ୍ୟର ପୂର୍ବାଞ୍ଚଳରେ ଥିବା ମନ୍ଦିରମାନଙ୍କୁ ସରକାର ଯେଉଁ ପରିମାଣରେ ଅନୁଦାନ ଦେଉଛନ୍ତି ବଲାଙ୍ଗିରରେ ଅନେକ ପରିମାଣର ଦେବୋତ୍ତର ସମ୍ପତ୍ତି ଥିଲେ ମଧ୍ୟ ଏଠାକୁ ସମୁଦ୍ରକୁ ଶଙ୍ଖେ ଭଳିଆ ଅନୁଦାନ ଦିଆଯାଇଛି । ତେଣୁ ସରକାର ଏପରି ବୈମାତୃକ ମନୋଭାବର ଆଗାମୀ ଦିନରେ ତିବ୍ର ବିରୋଧ କରାଯିବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ବକ୍ତା ଭାବରେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ରଂଜନ ମିଶ୍ର ଚାଷୀମାନଙ୍କର ଦୁର୍ଦ୍ଦଶା ଯଥା ଧାନର ଅଭାବି ବିକ୍ରି, ସାର ବିହନର ଅଭାବ, ଜଳସେଚନର ଅଭାବ ଏବଂ କୃଷିଭିତ୍ତିକ ଶିଳ୍ପ ଅଭାବ ଉପରେ ବକ୍ତବ୍ୟ ରଖିଥିଲେ । ଏହି କଂସ ଦରବାରରେ ଅନ୍ୟତମ ଅତିଥି ଭାବରେ ଶ୍ରୀଧର ବାରିକ, ପୂର୍ବତନ ବ୍ଲକ ଚେୟାରମେନ ଘାସିରାମ ବେହେରା, ସରପଞ୍ଚ ସଂଜୟ ଗଡତ୍ୟା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ । କଂସ ଭୂମିକାରେ ଅଭିନୟ କରୁଥିବା ଶୁଶିଲ ମେହେରଙ୍କୁ ମୁଖ୍ୟ ଅତିଥିଙ୍କ ହାତରୁ ସମ୍ମାନିତ କରାଯାଇଥିଲା । ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା ଏହି କଂସ ଦରବାର ର ସୁପରିଚାଳନା ପାଇଁ ସଭାପତି କୈଳାସ ସିଂଦେଓ, ସଂପାଦକ ବିକାଶ ରଂଜନ ରଥ, ଯୁଗଲ ରଣା, ମହେଶ ବୁଡେକ, ଗୁପ୍ତେଶ୍ୱର ନାଏକ, ରାଧାକାନ୍ତ ନାଏକ, ଘାସିରାମ ପଟେଲ ଏବଂ ଜଗନ୍ନାଥ କମିଟିର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ ।

# ଡ଼ାକ୍ତର ରାମଚନ୍ଦାନିଙ୍କ ଏକ ଟଙ୍କିକିଆ କ୍ଲିନିକରେ ଯୋଡ଼ିହେଲା ଇସିଜି, ନିମୁଲାଇଜର ସେବା



ସମ୍ବଲପୁର,(ସବ୍ୟୁ): ଏକ ଟଙ୍କିକିଆ କ୍ଲିନିକ ଜରିଆରେ ରୋଗୀ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ସାରା ଦେଶରେ ପ୍ରଶଂସିତ ହୋଇଥିବା ବୁର୍ଲା ବୀର ସୁରେନ୍ଦ୍ର ସାଏ ଗବେଷଣା ଅନୁଷ୍ଠାନର ଭିମସାରର ବିଶେଷଜ୍ଞ ଡାକ୍ତର ଶଙ୍କର ରାମଚନ୍ଦାନି ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ନସ୍ପେସିତ ଗରୀବ ଶ୍ରଣୀର ରୋଗୀଙ୍କ ପାଇଁ ଏକ ଟଙ୍କିଆ ଇସିଜି ପରୀକ୍ଷା ଏବଂ ନିମୁଲାଇଜର ସେବା ଆରମ୍ଭ କରି ଚର୍ଚ୍ଚିତ। ସୋମବାର ଡ଼ାକ୍ତର ରାମଚନ୍ଦାନିଙ୍କ ଟଙ୍କାକିଆ କ୍ଲିନିକକୁ ତିନିବର୍ଷ ପୁରିଛି। ଏହି ଅବସରରେ ଏକ ଟଙ୍କିଆ ଚିକିତ୍ସା ସେବା ସାଙ୍ଗକୁ ଇସିଜି ପରୀକ୍ଷା ଏବଂ ନିମୁଲାଇଜର ସେବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ଏକ ଟଙ୍କିକିଆ କ୍ଲିନିକ ମାଧ୍ୟମରେ ବୁର୍ଲା, ବରଗଡ଼ ଜିଲ୍ଲାର ପଦମପୁର ଠାରେ ଶିବିର କରି ୫୦ ହଜାର ୨୦୦ରୁ ଅଧିକ ରୋଗୀଙ୍କ ଚିକିତ୍ସା କରିଛନ୍ତି। ଏଠାରେ ସେ ବିଭିନ୍ନ ସମୟରେ ରୋଗୀ ମାନଙ୍କୁ ଏକ ଟଙ୍କାରେ ଔଷଧ ମଧ୍ୟ ବିଭିନ୍ନ ସମୟରେ ଯୋଗାଇଥାନ୍ତି। ଅନ୍ୟ ପକ୍ଷରେ ନିଜ କାରକୁ ମଧ୍ୟ ରୋଗୀ ମାନଙ୍କ ପରିବହନ ପାଇଁ ସେ ବ୍ୟବହାର କରି ଆସୁଛନ୍ତି। ଜୁନାପାଣି କୁଷ୍ଟ କଲୋନି ନିବାସୀ ମୀନା ଜାଲଙ୍କ ହାତରେ ଆଜି ତାଙ୍କର ନୁଆ ଉଦ୍ୟମକୁ ଉଦଘାଟନ କରିଥିଲେ। କରୋନା ସମୟରେ ଲୋକଙ୍କ କଷ୍ଟକୁ ସହ୍ୟ କରି ନ ପାରି ୩ ବର୍ଷ ପୁର୍ବରୁ ନିଜ ପିତା ମାତାଙ୍କ ପ୍ରେରଣାରେ ଏକ ଟଙ୍କିକିଆ କ୍ଲିନିକ ସେବା ଆରମ୍ଭ କରିଥିଲେ। ଡ଼ାକ୍ତର ରାମଚନ୍ଦାନି କହିଛନ୍ତି ଯେ, ସେ ମାନବିକତାର ସେବା କରି ଚାଲିଥିବେ ଏବଂ ଡ଼ାକ୍ତରୀ ଛାତ୍ର ଛାତ୍ରୀ ମାନେ ମଧ୍ୟ ଏହି ସେବାର ପଥ ଅନୁସରଣ କରନ୍ତୁ ନିସ୍ୱାର୍ଥପର ସେବାର କୌଣସି ବିକଳ୍ପ ନାହିଁ ବୋଲି ଡ଼ାକ୍ତର ରାମଚନ୍ଦାନି ବ୍ୟକ୍ତ କରିଛନ୍ତି । ଏକ ଟଙ୍କିକିଆ କ୍ଲିନିକରେ ଦୁଇ ନୁଆ ସେବା ଦ୍ୱାରା ଗରୀବ ଶ୍ୱାସ ଏବଂ ହୃଦରୋଗୀ ମାନେ ଉପକୃତ ହେବେ। ଏହିଭଳି ଏକ ଟଙ୍କିକିଆ ଇସିଜି ଏବଂ ନିମୁଲାଇଜର ସେବା ଦେଶରେ ପ୍ରଥମ ବୋଲି କୁହାଯାଉଛି। ସୁଚନା ଯୋଗ୍ୟ ଯେ, ଡ଼ା ରାମଚନ୍ଦାନି ଉଲ୍ଲେଖନିୟସ ସେବା ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରର ବହୁ ସଂଖ୍ୟକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ଅନ୍ୟ ପକ୍ଷରେ ଡ଼ା ରାମଚନ୍ଦାନି ତାଙ୍କର ଦୁଇ ଝିଅଙ୍କ ଜନ୍ମଦିନ ପାଳନ ପରିବର୍ତ୍ତେ ଉକ୍ତ ରାଶିକୁ ରୋଗୀ ମାନଙ୍କ ସନ୍ତାନ ମାନଙ୍କ ପାଇଁ ଖର୍ଚ୍ଚ କରି ଆସୁଛନ୍ତି। ଏକ ଟଙ୍କିକିଆ କ୍ଲିନିକରୁ ଲବ୍ଧ ଅର୍ଥ ଜଣେ ଦୁଃସ୍ଥ ରୋଗୀଙ୍କ ଝିଅଙ୍କ ଚିକିତ୍ସା ବାବଦରେ ଉପଯୋଗ କରନ୍ତି।

# ବଲାଙ୍ଗିରରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସଦରମହକୁମା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟ ପଡିଆରେ ଲକ୍ଷ୍ମୀ ବସ ସେବା ଯୋଜନା ଆରମ୍ଭ ହୋଇଛି । ଅଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରକମଳରେ ଲକ୍ଷ୍ମୀ ବସ ଯୋଜନା ଲୋକାର୍ପିତ କରିଛନ୍ତି । ଜିଲ୍ଲାର ସମସ୍ତ ବ୍ଲକକୁ ୩ ଟି ଲେଖାଏଁ ବସ ଗଡିବ । ଗ୍ରାମାଞ୍ଚଳ ରେ ଗମନା ଗମନ ଏକ ସମସ୍ୟା ହେଇଥିବାରୁ ଏହି ଯୋଜନା ଦ୍ୱାରା ଜନସାଧାରଣ ମୁଖ୍ୟତଃ ମହିଳା , ଛାତ୍ରଛାତ୍ରୀ ଓ କୃଷକ ମାନେ ପଞ୍ଚାୟତରୁ ବ୍ଲକ ଏବଂ ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ସୁବିଧାରେ ଓ କମ ଖର୍ଚ୍ଚରେ ଯାଇପାରିବେ ବୋଲି ସେ କହିଥିଲେ । ସେହିପରି ଏହି ଯୋଜନା ଲୋକଙ୍କୁ ଲୋକଙ୍କ ସହ ଯୋଡିବା ସହ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ କରିବ । ପିଲାଙ୍କୁ ବିଦ୍ୟାଳୟ , ରୋଗୀଙ୍କୁ ହସ୍ପିଟାଲ ଓ ଚାଷୀଙ୍କୁ ବଜାର ଯିବାରେ ଲକ୍ଷ୍ମୀ ବସ ସୁବିଧା ଯୋଗାଇବ । ସେମାନେ କେବଳ ୫ ଟଙ୍କାର ଟିକେଟ ମୂଲ୍ୟରେ ଗମନା ଗମନ କରିପାରିବେ । ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଲୋକାର୍ପିତ ହେଉଥିବା ଲକ୍ଷ୍ମୀ ବସ ସେବା ଜିଲାଗୁଡିକରେ ବିକାଶ ରଥ ମଧ୍ୟ ଗଡିବା ସହ ପରିବହନ ବ୍ୟବସ୍ଥା ଜଣସାଧାରଣଙ୍କ ନିକଟତର ହେବ ବୋଲି କହିଥିଲେ । ଲୋକଙ୍କ ତରଫ ରୁ ସେ ମୁଖ୍ୟମନ୍ତ୍ରୀ ଏବଂ ୫– ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଥିଲେ । ପାଟଣାଗଡ଼ ବିଧାୟକ ସରୋଜ ମେହେର, ଜିଲ୍ଲା ପରିଷଦ ସଭାନେତ୍ରୀ ଦେବୀକା ସାହୁ ପ୍ରମୁଖ ନିଜି ନିଜ ମତ ରଖିଥିଲେ ।



ରାଜ୍ୟ ହାଉସିଙ୍ଗ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ , ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଏସପି ଖିଲାରୀ ରିଷିକେଶ ଦ୍ୟାନଦେଓ , ପୌରାଧକ୍ଷା ଲିକା ସାହୁ, ମୁଖ୍ୟ ଉନୟନ ଅଧିକାରୀ ସୁଶାନ୍ତ ସିଂ , ଅତିରିକ୍ତ ଜିଲ୍ଲାପାଳ ଡ଼ . ବିଜୟାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଣିଆ ଛାଡ଼ି ଡ଼ାକ୍ତରମୁହାଁ ବଣ୍ଡା ଜନଜାତି

ମାଲକାନଗିରି,(ସବ୍ୟୁ): ଯେଉଁ ଆଦିବାସୀ ଅଧ୍ୟୁଷିତ ଇଲାକାରେ ଦିନେ ଅନ୍ଧବିଶ୍ୱାସ ରାଜ କରିଥିଲା ସେଠାରେ ଏବେ ତାହା ଅନେକାଂଶରେ ପ୍ରଶମିତ ହେଉଛି । ମାଲକାନଗିରି ଜିଲ୍ଲା ବଣ୍ଡାଘାଟିରେ ସ୍ଥାୟୀ ଭାବେ କୌଣସି ଏମବିବିଏସ ଡାକ୍ତର ରହିବାକୁ ଇଚ୍ଛା କରନ୍ତି ନାହିଁ । ସେଠାରେ ବଣ୍ଡାଙ୍କ ସ୍ୱାସ୍ଥ୍ୟ ସେବାର ଚିତ୍ର ବଦଳାଇବା ପାଇଁ ପଣ କରିଥିଲେ ଡାକ୍ତର ଚମ୍ପେଶ୍ୱର ପାଣିଗ୍ରାହୀ। ବଣ୍ଡାଘାଟିରେ ନିଯୁକ୍ତି ପରେ ଶୋଚନୀୟ ଥିବା ବଣ୍ଡାଘାଟିର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚକାଚକ୍ ଓ ସୁବ୍ୟବସ୍ଥା କରିବା ସହ ବଣ୍ଡା ଜନଜାତିଙ୍କୁ ଡିଶାରି ଓ ଗୁଣିଆ ମୁହାଁରୁ ନିବୃତ କରିଛନ୍ତି। ଏଥିରେ ତାଙ୍କୁ ସହଯୋଗ କରିଛନ୍ତି ଏମବିଏ ପଢୁଆ ପନ୍ନୀ ଅନୁଜା ମିଶ୍ର।

ଚମ୍ପେଶ୍ୱର ଏବେ ବଣ୍ଡାଘାଟିର ଦ୍ୱିତୀୟ ଭଗବାନ ପାଲଟିଛନ୍ତି । ମାଲକାନଗିରି ଜିଲ୍ଲାର ବଣ୍ଡାଜାଘାଟିରେ ରହିଛି ସ୍ୱାସ୍ଥ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଅତି ଶୋଚନୀୟ ହୋଇପଡିଥିଲା। ଗତ ଦୁଇ ବର୍ଷ ପୂର୍ବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଭଙ୍ଗା ଦଦରା ଅପରିଷ୍କାର ଭାବେ ପଡି ରହିଥିଲା। ପୂର୍ବରୁ କୌଣସି ଏମବିବିଏସ ଡାକ୍ତର ଏଠି ସ୍ଥାୟୀ ଭାବେ ଆସିବାକୁ ରାଜି ନଥିବା ବେଳେ ବାଧ୍ୟବାଧକତାରେ ଆସି କିଛି ଘଣ୍ଟା ଚିକିତ୍ସା ଦେଇ ଚାଲିଯାଉଥିଲେ। ଏବେ ସ୍ୱାସ୍ଥ୍ୟ କେନ୍ଦ୍ରର ବାହାରେ ଫୁଲ ବଗିଚା, ଭିତରେ ପରିପଚ୍ଛନ୍ନତା ସହ ଘରୋଇ ମେଡିକାଲ ପରି ସୁବ୍ୟବସ୍ଥା ଦେଖିବାକୁ ମିଳୁଛି। କିନ୍ତୁ ଏହାରି ଭିତରେ ଡାକ୍ତର ଚମ୍ପେଶ୍ୱର ମନ ବଳାଇଲେ ଯେ ସମସ୍ତେ ତ ସହରର ରହି ଚିକିତ୍ସା ଯୋଗାଇ ଆସୁଛନ୍ତି, କିନ୍ତୁ ଉପାନ୍ତ ବଣ୍ଡାଘାଟିରେ ଉତ୍ତମ ସେବା ଯୋଗାଇବା। ପାଇଁ ପଣ କଲେ।ପ୍ରଥମେ ନିଯୁକ୍ତି ପରେ ଦେଖିଥିଲେ ବଣ୍ଡା ଜନଜାତି ଲୋକେ ଚିକିତ୍ସାଳୟ ନଆସି ଗୁଣିଆ ଓ ଡିଶାରି ପାଖକୁ ଯିବା ସହ ଗୁରୁତର ହୋଇ ମାଲକାନଗିରି ଓ ଖଇରପୁଟ ଡାକ୍ତରଖାନାରେ ଯାଇ ଭର୍ତ୍ତି ହେଉଛନ୍ତି। ତେଣୁ ସେ ପ୍ରଥମେ ବିଭିନ୍ନ ଗାଁ ବୁଲି ଲୋକଙ୍କୁ ସଚେତନ କରାଇ ମେଡିକାଲ ମୁହାଁ କଲେ। ଏହାସହ ଚିକିତ୍ସାଳୟର ଚିତ୍ର ବଦଳାଇ ସହରରେ ଥିବା ଚିକିତ୍ସାଳୟ ପରି ସବୁ ବ୍ୟବସ୍ଥା କରାଇଲେ। ସମସ୍ତ ଷ୍ଟାଫଙ୍କୁ ନିଜ ନିଜ ଦାୟିତ୍ୱ କିଭଳି ତୁଲାଇବେ ତାହା କରିବା ପାଇଁ ପରାମର୍ଶ ଦେଲେ। ଏହାରି ଭିତରେ ପ୍ରତ୍ୟେକ ଦିନ ହାରାହାରୀ ୩୫ରୁ ୪୦ ରୋଗୀ ଆସି ଚିକିତ୍ସା ସେବା ପାଇଁ ଯାଉଛନ୍ତି। ରହିବା ପାଇଁ ଭଲ ଘର ଖଣ୍ଡେ ନାହିଁ । ମୋବାଇଲ ସେବା ଠିକ ଭାବେ ନାହିଁ । ତାହାସତ୍ତ୍ୱେ ମଧ୍ୟ ବଣ୍ଡା ଜନଜାତିଙ୍କୁ ଅନବରତ ସେବା କରିବା ସହ ଆଗାମୀ ଦିନରେ ଗୁଣିଆ ଡିଶାରିକୁ ଭରସା ନକରିବେ ସେନେଇ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଏଭଳି ଡାକ୍ତର ଓ ଚିକିତ୍ସା ସେବା ପାଇଁ ବେଶ ଖୁସି ବଣ୍ଡାଘାଟିର ବଣ୍ଡା ଜନଜାତି।



ଗର୍ଭବତୀଙ୍କ ଡେଲିଭେରି ହେଉ ବା ଅନ୍ୟ ଛୋଟ ବଡ ରୋଗ ପାଇଁ ଆଉ ଯିବାକୁ ପଡୁ ନାହିଁ ମାଲକାନଗିରି। ଆଉ ଏଥିରେ ସହଯୋଗ କରୁଛନ୍ତି ତାଙ୍କର ଧର୍ମପତ୍ନୀ ଅନୁଜା ମିଶ୍ର। ଏମବିଏ ପାସ କରିବା ପରେ ଭଲ କମ୍ପାନିରେ ଭଲ ଅର୍ଥରେ ଚାକିରି କରିପାରିଥାନ୍ତେ। କିନ୍ତୁ ତାହା ଛାଡି ଏବେ ସ୍ୱାମୀଙ୍କ ପଥରେ ଅନୁପ୍ରାଣିତ। ଉପାନ୍ତ ଇଲାକାରେ ସ୍ଥାୟୀ ଭାବେ ରହି ଖାଲି ସମୟରେ ଗାଁ ଗାଁ ବୁଲି ମହିଳାମାନଙ୍କ ସହ ଆଲୋଚନା କରି ସେମାନେ କିପରି ଚିକିତ୍ସାଳୟକୁ ଯିବେ ସେନେଇ ସଚେତନ କରାଇବା ସହ ଅନ୍ୟ ସମସ୍ୟାର ସମାଧାନ କରୁଛନ୍ତି। ଏଥିରୁ ସେ ବେଶ ଖୁସିରେ ମଧ୍ୟ ଅଛନ୍ତି। ଚମ୍ପେଶ୍ୱରଙ୍କରଏହି ସେବା ବଣ୍ଡା ଜନଜାତିଙ୍କ ପାଇଁ କୌଣସି ଭଗବାନଙ୍କ ଠାରୁ କମ୍ ନୁହଁନ୍ତି। ଚମ୍ପେଶ୍ୱରଙ୍କର ଏହି ସେବା ଆଗାମୀ ଦିନରେ ଅନେକ ଡାକ୍ତରଙ୍କୁ ଅନୁପ୍ରାଣିତ କରିବ।

# ଅଦିନିଆ ଝଡ଼ ବର୍ଷାରେ ଭାଙ୍ଗିଲା ଅସ୍ଥାୟୀ ଇନ୍‌ଡୋର ଷ୍ଟାଡିୟମ

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ସଦର ମହକୁମା ଠାରେ ଥିବା ଅସ୍ଥାୟୀ ଇନଡୋର ଷ୍ଟାଡିୟମ ରବିବାର ରାତିର ଅଦିନିଆ ଝଡ ବାତ୍ୟାରେ ଭାଙ୍ଗି ଚୁରମାର ହୋଇଯାଇଛି । ଶାରୀରିକ ଉନ୍ନତି ବା ପିଲାଙ୍କ ଖେଳ କୁଦ ପାଇ ଏଠି କୌଣସି ଇନଡୋର ଷ୍ଟାଡିୟମ ନଥିବା ବେଳେ ବାରମ୍ଭାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଡ଼ିଓ ଠାରୁ ବିଧାୟକ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଖେଳ ପ୍ରେମୀ ଅଭିଯୋଗ କରିଛନ୍ତି। ଏଠାରେ ଏକ ଅସ୍ଥାୟୀ ଇନଡ଼ୋର ଷ୍ଟାଡିୟମ ନିର୍ମାଣ କରି ଜଣେ ଖେଳ ପ୍ରେମୀ ନିଜ ଉଦ୍ୟମରେ ସମସ୍ତ ଖେଳ ସାମଗ୍ରୀ ସହିତ ଆନୁସାଙ୍ଗିକ ବ୍ୟବସ୍ଥା କରି ପିଲାଙ୍କୁ ଖେଳ କୁଦରେ ଭାଗ ନେବାରେ ସାହାୟକ ହୋଇଥିବାର ସୂଚନା ମିଳିଛି। ରବିବାର ରାତିରେ ଅଚାନକ ଝଡ ବାତ୍ୟାର ପ୍ରଭାବରେ ତାହା ଚିରି ଯାଇ ଖୁଣ୍ଟ ଗୁଡିକ ଭାଙ୍ଗି ଚୁରମାର ହୋଇଯାଇଛି । ଷ୍ଟାଡିୟମ ନ ଥିବା କ୍ଷେତ୍ରରେ ପିଲାଙ୍କୁ ଏହି ଅସ୍ଥାୟୀ ଇନଡୋର ଷ୍ଟାଡ଼ିୟମ୍ ହିଁ ଖେଳକୁଦର ସାହା ଭରଷା ଥିଲା । ଭାଙ୍ଗି ଯିବାରୁ ଖେଳ ପ୍ରେମୀ ହତାଶ ହୋଇ ପଡିଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ କରି ଇନଡୋର ଷ୍ଟାଡିୟମ ନିର୍ମାଣ କରିବା ସକାଶେ ବୁଦ୍ଧିଜୀବୀ ମହଲରେ ଦାୟୀ ହେଉଛି।

# ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ବ୍ଲକ ଲେଡେର ପଞ୍ଚାୟତରେ ସୋମବାର ଦିନ ସରପଞ୍ଚ ଦମୟନ୍ତି ଭୋଇଙ୍କ ଅଧ୍ୟକ୍ଷତାରେ ମୋ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅବଗତ କରାଇଥିଲେ ।ଏଥିରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଷ୍ଟଲ ଲଗାଯାଇଥିଲା । ସେସବୁର ପରିଧାନ କରି କିପରି ସେମାନେ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ତାସହିତ ବିଭିନ୍ନ ସାଂସ୍କୃତିକ ଦଳ ମାନେ ନିଜ ନିଜ ନୃତ୍ୟ ପରିବେଷଣ କରି ଜନସାଧାରଣଙ୍କ ମନୋରଞ୍ଜନ କରିଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜମନ ଶବର ପରିଚାଳନା କରିଥିଲେ । ପିଇଓ ବିଶ୍ୱରଞ୍ଜନ ପଣ୍ଡା ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ଭିତରେ ନାୟକ ସରପଞ୍ଚ ନାରଦ ତାଣ୍ଡି ସମିତି ସଭ୍ୟା ସପୁର ଭୋଇ ପିଇଓ ପ୍ରଶାନ୍ତ କୁମାର ନାଏକ, ଗ୍ରାମ ରୋଜଗାର ସେବକ ବିଲସିନୀ ଭୋଇ, ବିଶ୍ୱଦୀପକ ପାଣିଗ୍ରାହୀ ପ୍ରମୋଦ କୁମାର ଖରସେଲ କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ନାୟକ ଏବଂ ପଂଚାୟତ ର ସମସ୍ତ କର୍ମଚାରୀ, ସମସ୍ତ ଓ୍ୱାର୍ଡ ମେମ୍ବେର ମାନେ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# ରାମଧୂନ୍ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ସୋନପୁର,(ସବ୍ୟୁ) : ୧୫ ତମ ରାମଧୁନ୍ କପ୍ ଫୁଟବଲ ଟୁର୍ଣାମେଣ୍ଟ ମହା ସମାରୋହରେ ଉଦ୍ଘାଟିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣାମେଣ୍ଟକୁ ଉଦ୍ଘାଟନ କରିଥିବା ବେଳେ ସୁବର୍ଣ୍ଣପୁରର ଏସପି ଯସ୍ ପ୍ରତାପ ଶ୍ରୀମାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକ ଓ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଅତିଥି ଭାବେ ପୌରାଧକ୍ଷା ତାମସି ତାମସ୍ମିତା ନାଏକ , ସମସ୍ତ ଟିମ୍ ପ୍ରଯୋଜକ ଯୋଗ ଦେଇଥିଲେ । ଭୁବନେଶ୍ୱର କିଶୋର କ୍ଲବକୁ ୩–୨ ରେ ପରାସ୍ତ କରି ବରଗଡ ୟୁନାଇଟେଡ଼ ଦଳ ବିଜୟୀ ହୋଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବରଗଡ ଦଳର ଅଙ୍କିତ ବେହେରାଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ ଖେଳ ପରିଚାଳନା ଓ ପି ଇ ଟି ସଲିଳ ବେହେରା, ସୁଭାସିସ ବେହେରା, ଦିଲ୍ଲିପ ରାଉତ ସହଯୋଗ କରିଥିଲେ । ପ୍ରଭୁ ଦାଶ ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ କ୍ଲବର ଉପଦେଷ୍ଟା ଚିତ୍ତ ରଂଜନ ତରାସିଆ ସଭା ସଂଯୋଜନା କରିଥିଲେ । ମିଡ଼ିଆ ସଂଯୋଜକ ମନୋରଂଜନ ତ୍ରିପାଠୀ ଅତିଥି ସ୍ୱାଗତ କରିଥଲେ । କ୍ଲବ୍ ସମ୍ପାଦକ ପୀୟୁଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚଳନା କରାଯାଇଥିଲା ।

# ଜେଏସ୍ଏମ୍ କଲେଜରେ ଭାଷା ହିଁ ମଣିଷର ପରିଚୟ ଶୀର୍ଷକ ଆଲୋଚନା

ବଲାଙ୍ଗିର,(ସବ୍ୟୁ): ଜେଏସଏମ ବାଣିଜ୍ୟ ଓ କଳା ମହାବିଦ୍ୟାଳୟର ଭାଷା ସାହିତ୍ୟରେ ସୃଜନଶୀଳତା କାର୍ଯ୍ୟକ୍ରମରେ ଭାଷା ହିଁ ମଣିଷର ପରିଚୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସି ଏ ଶ୍ରୀକାନ୍ତ ଶର୍ମା, ନିର୍ଦ୍ଦେଶିକା ସୁମନ ଶର୍ମା ମଞ୍ଚାସୀନ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଅଧ୍ୟାପକ ସନ୍ଦୀପ କୁମାର କୁଅଁର। ଶିକ୍ଷାବିତ ମନୋରଂଜନ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସଂଗୀତ ଗାନ ପରେ ଅତିଥିବୃନ୍ଦ ଭାଷା ସାହିତ୍ୟ ଓ ସୃଜନଶୀଳତା ଆଜିର ଜୀବନ ପାଇଁ କିପରି ଆବଶ୍ୟକ, ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ର ସଂଜୟ ସାହୁ ଭାଷା ହିଁ ମଣିଷର ଭବିଷ୍ୟତ କିପରି ଗଠନ କରେ ସେ ସଂପର୍କରେ ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ଉଦାହରଣ ମାଧ୍ୟମରେ ଭାଷାକୁ ବ୍ୟବହାର କଲେ ତାହା ବଢେ ଓ ଅବ୍ୟବହୃତ ଭାଷା ତାର ଅସ୍ତିତ୍ୱ ହରାଇବସେ। ଯେ କୌଣସି ଭାଷା ହେଉ, ସାମାଜିକତା ହିଁ ତାକୁ ବଂଚାଇ ରଖିବ। ଯିଏ ଯେତେ ଭାଷା ଶିଖୁଛି , ଭଲଛ ହେଲେ ମାତୃଭାଷା ହିଁ ଭାବ ପ୍ରକାଶର ପ୍ରକୃତ ମାଧ୍ୟମ। ରଢିବାଦୀ ମାନସିକତା ଓ ବୈଶ୍ୱିକରଣ ଭାବ ଭାଷିକ ସଂକଟର ମୂଳ କାରଣ । ଓଡିଆ ହେଉ କି ଯେ କୌଣସି ପ୍ରାନ୍ତିୟ ଭାଷା, ତାର ବ୍ୟବହାର ଉପରେ ନିର୍ଭର କରେ ତାର ଅସ୍ତିତ୍ୱ ରହିବ କି ନାହିଁ ବୋଲି ମତ ଦେଇଥିଲେ ଅଧ୍ୟାପକ ଶ୍ରୀ କୁଅଁର। ଜେ ଏସ ଏମ ର ଓଡିଆ ବିଭାଗ ଅଧ୍ୟାପିକା ଅନସୂୟା ନନ୍ଦ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଇଂରାଜୀ ବିଭାଗ ଅଧ୍ୟାପିକା ହୀମାନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମଚିନ୍ତନ ଓ ଆତ୍ମବନ୍ଧନର ସେତୁ ହେଉଛି ସାହିତ୍ୟ

ରେଢାଖୋଲ,(ସବ୍ୟୁ): ସୃଜନଶୀଳତାର ବିକଳ୍ପ ନାହିଁ । ଯନ୍ତ୍ରଣାରୁ ସୃଷ୍ଟି ହୋଇଥିବା ସାହିତ୍ୟ କାଳଜୟୀ ହୋଇଥାଏ । ଏହା ସମସ୍ତ କଷ୍ଟ ପ୍ରକଟିତ କରିବାକୁ ସାମର୍ଥ୍ୟ ହୋଇଥାଏ । ସାହିତ୍ୟ ହେଉଛି ଆତ୍ମଚିନ୍ତନ ଓ ଆତ୍ମବନ୍ଧନକୁ ସଂଯୋଗ କରୁଥିବା ଏକ ସେତୁ । ସାହିତ୍ୟକୁ ଗତିଶୀଳ କରିବା ଦିଗରେ ସାହିତ୍ୟ ଉତ୍ସବ ଏକ ନର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ ବୋଲି ସୁଚିତ୍ରା ପତ୍ରିକାର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ନାକଟିଦେଉଳ ବ୍ଲକ୍ ସଭା ଗୃହରେ ଅନୁଷ୍ଠିତ ସୁଚିତ୍ରା ର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବର ପ୍ରଥମ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସଭାପତି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସମ୍ମାନୀତ ଅତିଥି ଭାବରେ କବି ମାନିନୀ ମିଶ୍ର, କବି ଅଧ୍ୟାପକ ବିପିନ୍ ମହାନନ୍ଦ ପିନାକୀ



ମିଶ୍ର , ରାହାସ ନାଏକ ଯୋଗଦେଇଥିବା ବେଳେ ସଂଯୋଜକ ଭାବରେ ,ଅଧ୍ୟାପକ ଶେଷଦେବ ବିଶ୍ୱାଳ , ଆକାଶ ସାହୁ , ଗୀତାରାଣୀ ସାହୁ, ଆକାଶ ଦାସ୍ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୯୫ କବି କବୟତ୍ରୀ କବିତା ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ ଦିପେନ୍ କୁମାର ପଟ୍ଟନାୟକ। ମୁଖ୍ୟଅତିଥି ଭାବରେ ଡଃ ତପସ୍ୱିନୀ ଗୁରୁ , ମୁଖ୍ୟବକ୍ତା ଡଃ ମନୋଜ କୁମାର ପଣ୍ଡା , ବିଶେଷ ଅତିଥି ଭାବରେ ସାମ୍ବାଦିକ କବି ଲକ୍ଷ୍ମୀନାରାୟଣ ହୋତା , ଚଳଚ୍ଚିତ୍ର କଳା ନିର୍ଦ୍ଦେଶକ କଳିଙ୍ଗ କେଶରୀ ନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟ ବଞ୍ଚିଲେ ଦେଶ ବଞ୍ଚିବ , ସାହିତ୍ୟ ବିନା ମଣିଷ ବଞ୍ଚି ପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ସୁଚିତ୍ରାର ବିଭିନ୍ନ ବିଭାଗ ପାଇଁ ଲେଖକମାନଙ୍କୁ ସମ୍ମାନୀତ କରାଯାଇଥିଲା । ସୁଚିତ୍ରା ସ୍ମୃତି ସମ୍ମାନ କବି ମମତା ପଟ୍ଟନାୟକ (ଭୁବନେଶ୍ୱର), ଶିଶୁ ସାହିତ୍ୟ ପାଇଁ ପ୍ରଶାନ୍ତ କୁମାର ମଙ୍ଗରାଜ, (ପୁରୀ), କବିତା ପାଇଁ ପିନାକୀ ମିଶ୍ର ,କବି ପୀତାମ୍ବର ବିଶ୍ୱାଳ ସ୍ମୃତି ସମ୍ମାନ ପାଇଁ ହରିହର ସାହୁ , ଯୁବ ପ୍ରତିଭା ସମ୍ମାନ କୁଳମଣି ମେହେର, ପ୍ରଚ୍ଛଦପଟ୍ଟ ପାଇଁ ପ୍ରଗତି ବଳଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା ।

ସରସ୍ୱତୀ ଶିଶୁ ମନ୍ଦିର , ଜଗନ୍ନାଥପ୍ରସାଦର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିବା ସହ ବିଜାଗଜ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଶଣ କରିଥିଲେ । ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂପାଦକ କନ୍ଦର୍ପ ବେହେରା ସଂପାଦକୀୟ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଦୀପ କୁମାର ବିଶ୍ୱାଳ , ସୁଶାନ୍ତ ସାହୁ , ଶିକ୍ଷକ ପରମେଶ୍ୱର ପ୍ରଧାନ , ଅଚ୍ୟୁତାନନ୍ଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା ପୁଷ୍ପାଞ୍ଜଳୀ ରାବଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଲ ଇଣ୍ଡିଆ ଫୁଟବଲ ସେମିରେ ସୋନପୁର

କନ୍ଧମାଳ,(ସବ୍ୟୁ): କନ୍ଧମାଳ ଆଥଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ କଲେଜ ଖେଳ ପଡିଆରେ ଆୟୋଜିତ ପ୍ରଥମ ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ଚତୁର୍ଥ ଦିବସ । ସୋନପୁରର ଶ୍ରେୟାଂଶ ସ୍ପୋର୍ଟିଂ ଓ ଫୁଲବାଣୀ ଦଳ ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା । ସୋନପୁର ଦଳର ଆକ୍ରମଣାତ୍ମକ ଖେଳକୁ ସମ୍ମୁଖୀନ କରିନ ପାରି ଫୁଲବାଣୀ ଦଳ ୫–୦ଗୋଲରେ ପରାଜିତ ହୋଇଛି । ଫଳରେ ଶ୍ରେୟାଂଶ ସ୍ପୋର୍ଟିଂ ଦଳ ସେମିଫାଇନାଲକୁ ପ୍ରବେଶ କରିଛି । ଖେଳରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ଦୂତିଆ ଚରଣ ସାହୁ , ଫିରିଙ୍ଗିଆ ବ୍ଲକ୍ ଉପାଧ୍ୟକ୍ଷ ଅଜିତ ସାହୁ , ସରକାରୀ ଓକିଲ ସୁରେଶ ଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମନୋଜ ଶର୍ମା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ବିକାଶ ସେଠି ପ୍ରମୁଖ ମ୍ୟାଚ ରେଫରୀ ଭାବେ ସହଯୋଗ କରିଥିଲେ । ସେହିପରି ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ମ୍ୟାଚ କମିଶନର ଭାବେ ଖେଳ ନିରୀକ୍ଷଣ କରିଥିଲେ ।

# ନୂଆଁ ଓ–ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ




ଝାରସୁଗୁଡା,(ସବ୍ୟୁ): ସ୍ଥାନୀୟ ହଂ କଟାପାଲି ସ୍ଥିତ ପିକେଏସଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ଉଦଯାପନୀ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଠାକୁର ପ୍ରସାଦ ଷ୍ଟିଲ ଲିମିଟେଟର ସିଇଓ ଆର.ସି. ଶ୍ରୀ ବାସ୍ତବ ମୁଖ୍ୟ ଅତିଥି, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଇଂରାଜୀ ବଡଭାଗ ଅଧ୍ୟାପିକା ତଥା ସାହିତ୍ୟିକା ସ୍ୱର୍ଣ୍ଣମୟୀ ପୁରୋହିତ ମୁଖ୍ୟବକ୍ତା ଓ ସମାଜସେବୀ ଧନୁର୍ଯ୍ୟୟ ସେଟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ । ଓଡ଼ିଆ ଭାଷା ବିଭାଗର ଅଧ୍ୟାପିକା ତଥା ନୋଡ଼ାଲ ଅଧିକାରୀ ଡ଼. ସବିତବାଲା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଡ଼. ସବିତବାଲା ନାୟକ ସ୍ୱାଗତ ଭାଷଣ ପ୍ରଦାନ ତଥା ସଭାକୁ ସଞ୍ଚାଳନ କରିଥିଲେ । ପୁରସ୍କାର ବିତରଣ ଉତ୍ସବକୁ ଅଧ୍ୟାପିକା କେ.ଏସ. ମହାପାତ୍ର ,ଅଧ୍ୟାପିକା ଅଞ୍ଜୁ ପଟେଲ ଓ ଖେଳ ଶିକ୍ଷକ ବିବେକାନନ୍ଦ ପଧାନ ପରିଚାଳନା କରିଥିବାବେଳେ ବିଦ୍ୟାଳୟରେ ସମସ୍ତ ଅଧ୍ୟାପକ,ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ ତଥା ସହଯୋଗ ପ୍ରଦାନ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶେଷରେ ଡ଼. ସବିତବାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

# ରୋହିତ ମେହେର ମିଷ୍ଟର ବରଗଡ

ବରଗଡ,(ସବ୍ୟୁ): ବରଗଡ ଜିଲ୍ଲା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମ ଜିମ ସହଯୋଗ ରେ ଜିଲ୍ଲା ବୋଡ଼ି ବିଲଡିଂ ଏସୋସିଏସନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ଅନିଲ ଗହିର ପ୍ରଥମ, ରାଜେଶ ସାହୁ ଦ୍ୱିତୀୟ, ମିଳନ କୁଲୁ ତୃତୀୟ ହୋଇଥିବା ବେଳେ ୬୦ କେଜି ବର୍ଗରେ ସମ୍ବିତ ସେଟ ପ୍ରଥମ, ନିକୁ ମହାପାତ୍ର ଦ୍ୱିତୀୟ, ହିମାଂଶୁ ବାରିକ ତୃତୀୟ, ୬୫ କେଜି ବର୍ଗ ରେ କ୍ରୀଷ୍ଣା ସାହୁ ପ୍ରଥମ, ଦେବରାଜ ବରର୍ଡ୍ଡି, ଲିଙ୍ଗରାଜ ସାହୁ ତୃତୀୟ, ୭୦ କେଜି ବର୍ଗରେ ଡୋଲାମଣି ମେହେର ପ୍ରଥମ, ସ୍ୱାଧୀନ ବାରିକ ଦ୍ୱିତୀୟ,ଡିଲେଶ୍ୱର ବରିହା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ୭୦ କେଜି ରୁ ଉର୍ଦ୍ଧ୍ୱ ବର୍ଗରେ ରୋହିତ ମେହେର ପ୍ରଥମ,କବି ମହାରଣା ଦ୍ୱିତୀୟ, ଗୌରହରି ମିର୍ଦ୍ଧା ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୁରୁଷ ଫିଟନେସ ସର୍ଟ ବା ବାଙ୍ଗରା ଗ୍ରୁପରେ କ୍ରୀଷ୍ଣା ସାହୁ ପ୍ରଥମ,ନୀକୁ ମହାପାତ୍ର ଦ୍ୱିତୀୟ, ଦେବରାଜ ବରର୍ଡ୍ଡି, ଉଚ୍ଚ ବା ଟଲ ଗ୍ରୁପରେ ସମ୍ବିତ ସେଟ ପ୍ରଥମ, ଯସ ସୁରଜାଲ ଦ୍ୱିତୀୟ, ମୁକେଶ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଭାଗର ବିଜେତା ମାନଙ୍କ ମଧ୍ୟରେ ହୋଇଥିବା



ପ୍ରତିଯୋଗିତାରେ ବିଜୟୀ ହୋଇଥିବାରୁ ରୋହିତ ମେହେରଙ୍କୁ ମିଷ୍ଟର ବରଗଡ ଉପାଧି ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାରେ ବିଚାରକ ଭାବରେ ସୁନିଲ ପଟ୍ଟନାୟକ,ସୁଜିତ ମହାନ୍ତି, ଲକ୍ଷ୍ମୀ ନାରାୟଣ ମିଶ୍ର,ବେଣୁ ପ୍ରଧାନ, କାନ୍ତିଲାଲ ଝଗରା , ଆଶିଷ ତ୍ରିପାଠୀ ଯୋଗ ଦେଇଥିଲେ। ପରେ ଜିଲ୍ଲା ବଡି ବିଲ୍ଡିଙ୍ଗ ଏସୋସିଏସନର ସଭାପତି ନନ୍ଦ କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବରଗଡ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଶିଳ୍ପପତି ଚନ୍ଦ୍ର ଶେଖର ବାଗ ,ସମ୍ମାନୀତ ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସମ୍ବିତ ସେଟ ଙ୍କୁ ମିଷ୍ଟର ବରଗଡ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାର ଅମିୟ ଶର୍ମା ମୁଖ୍ୟ ପୃଷ୍ଠପୋଷକ ଥିଲେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ବୈଷୟିକ ଶିକ୍ଷା ସଂସ୍ଥାନର ପ୍ରତିଷ୍ଠା ଉତ୍ସବ ଉଦଯାପିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ବୈଷୟିକ ଶିକ୍ଷା ସଂସ୍ଥାନ(ସୁଇଟ)ର ୧୪ତମ ପ୍ରତିଷ୍ଠା ଦିବସ ସମାରୋହ ଉଦଯାପିତ ହୋଇଯାଇଛି। ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇ କହିଲେ ଯେ ଛାତ୍ରଛାତ୍ରୀ ମାନେ ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ମେରୁଦଣ୍ଡ । ଭବିଷ୍ୟତକୁ ରୂପ ଦେବା ପାଇଁ ଶିକ୍ଷାର ଗୁରୁତ୍ୱ ଏବଂ ଯୁବପିଢ଼ିଙ୍କ ଭୂମିକାର ମହତ୍ୱ ରହିଛି। ଅନେକ ବୈଷୟିକ ଶିକ୍ଷାନୁଷ୍ଠାନ ସୁନାମ ହାସଲ କରିବା ସତ୍ତ୍ୱେ ବନ୍ଦ ହୋଇଯାଉଛି। ତେବେ ଛାତ୍ରଛାତ୍ରୀ ଏବଂ ସମାଜର ବିଶ୍ୱାସ ଓ ଗ୍ରହଣୀୟତାକୁ ଆଧାର କରି ଗୁଣାତ୍ମକ ଶିକ୍ଷା ପାଇଁ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ସୁଇଟ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି ବୋଲି ପ୍ରଫେସର ମିଶ୍ର କହିଥିଲେ। ସଭାର ମୁଖ୍ୟ ଅତିଥି ତଥା ଏମସିଏଲର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଓ ଡ଼ିଶାର ଲୋକଙ୍କ ସାଧୁତା ଉପରେ ଆଲୋକପାତ କରି ବ୍ୟକ୍ତିଗତ ଏବଂ ପେଶା କ୍ଷେତ୍ରରେ ପାରଦର୍ଶୀତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସାମାଜିକ ସମ୍ପର୍କ, କେରିୟର ସମ୍ଭାବନା, ଶୈକ୍ଷିକ ଉପଲବ୍ଧିତାକୁ ଭାବ ବିନିମୟ ଦକ୍ଷତା ଦ୍ୱାରା ଏବଂ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ସହଯୋଗିତା ଦ୍ୱାରା ହାସଲ କରାଯାଇ ପାରିବ ବୋଲି କହିଥିଲେ। ଏହି ଅବସରରେ ସଂସ୍ଥାନର ଛାତ୍ରୀ ସୌମ୍ୟା ସମର୍ପିତା ସାମଲଙ୍କୁ କୁଳପତି ପୁରସ୍କାର, ଛାତ୍ର ଶ୍ରୀତମ ସ୍ୱାଇଁ, ଆୟୁଶ କୁମାର ନାଥ, ରକେଶ କୁମାର ଦାଶ ଏବଂ ରୁପେଶ କୁମାର ପାଢ଼ୀଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ତଥା ପୂର୍ବତନ ସାଂସଦ ଭବାନି ଶଙ୍କର ହୋତା ଉପଯୁକ୍ତ ଯୋଜନା, ସମ୍ଭାବନାର ସମ୍ପ୍ରସାରଣ କିମ୍ବା ସୁବିଧା, ପ୍ରତିଭାବାନ ଶିକ୍ଷକ, କର୍ମଚାରୀଙ୍କୁ ନେଇ ଉପଯୁକ୍ତ ଯୋଜନା ଆଧାରରେ କୌଣସି ଶିକ୍ଷାନୁଷ୍ଠାନର ଅଗ୍ରଗତି ନିର୍ଭର କରେ। ପରିବର୍ତ୍ତିତ ପରିସ୍ଥିତି, ଆର୍ଥିକ ସମାସ୍ୟା ଭଳି ପ୍ରତିବନ୍ଧକ ସତ୍ତ୍ୱେ ବୈଷୟିକ ଜ୍ଞାନ କୌଶଳ ଏବଂ ଶିକ୍ଷାକୁ ଆଧାର କରି ଏହି ସଂସ୍ଥାନ ଉନ୍ନତି ପଥରେ ଆଗ୍ରସର ହୋଇଛି ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଡ ନୃପରାଜ ସାହୁ କହିଲେ ଯେ, ଶୃଙ୍ଖଳା ହିଁ କୌଣସି ବ୍ୟକ୍ତିଙ୍କ ପାଇଁ ଜୀବନର ଲକ୍ଷ ହାସଲ, ସମୟ ପରିଚାଳନା ଏବଂ ସଫଳତା ଆଡ଼କୁ ଅଗ୍ରସର କରାଇ ପାରିବ। ଜଟିଳ ପରିସ୍ଥିତିର ସଫଳତାର ସହ ମୁକାବିଲା ପାଇଁ ମାନସିକ ଦୃଢ଼ତା, ପ୍ରତିବଦ୍ଧତା ଏବଂ ଉନ୍ନତି ରୁଚି ସହିତ ବାସ୍ତବିକ ରଣନିତି ଦରକାର ବୋଲି ସେ କହିଥିଲେ। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ବସ' କୁମାର ମହାଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର କଲ୍ୟାଣ ଡ଼ିନ ଡ ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସୁଚନା ଯୋଗ୍ୟ ଯେ, ଏହି ସମାରୋହକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ ପ୍ରମୋଦ କୁମାର ମିଶ୍ର ଗତ ଶନିବାର ଦିନ ଉଦଘାଟନ କରିଥିଲେ।



(ଶ୍ରୀମଭଗବଦ୍ ଗୀତା ୩/୪୨)

–କର୍ମଯୋଗଃ–

(ଶ୍ରୀଭଗବାନୁବାଚ)

**ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।**
**ମନସସ୍ତୁ ପରା ବୁଦ୍ଧର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ॥ ୪୨ ॥**

ଇନ୍ଦ୍ରିୟମାନେ ଶ୍ରେଷ୍ଠ, ଇନ୍ଦ୍ରିୟମାନଙ୍କ ଅପେକ୍ଷା ମନ ଶ୍ରେଷ୍ଠ, ମନ ଅପେକ୍ଷା ବୁଦ୍ଧି ଶ୍ରେଷ୍ଠ । ଯେ ବୁଦ୍ଧିର ଅତୀତ ସେ ସେହି ଆତ୍ମା । ॥୪୨॥

# ଉତ୍ତମ ବଜେଟ

*ସମ୍ପାଦକୀୟ*

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଚଳିତ ବର୍ଷର ଭୋଟ୍–ଅନ୍–ଆକାଉଣ୍ଟର ଏକ ବଡ ବୈଶିଷ୍ଟ୍ୟ ହେଉଛି ଯେ' ଏହା ଜନତାଙ୍କୁ ତତ୍‌କ୍ଷଣାତ ଖୁସି କରିବା ପରି ବଜେଟ ନୁହେଁ ବା ବଜେଟ ମାଧ୍ୟମରେ ସାଧାରଣ ଜନତାଙ୍କ ପାଇଁ ମାଗଣା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇନାହିଁ । ଏହା ନିର୍ବାଚନ ପୂର୍ବରୁ ଶେଷ ବଜେଟ । ତେଣୁ ଏହି ବଜେଟରେ ରାଜନୀତିକୁ ପ୍ରାଧାନ୍ୟ ଦିଆଯିବା ନେଇ ଆଶା କରାଯାଉଥିଲା । କିନ୍ତୁ ତାହା ହେଇ ନାହିଁ । ସାଧାରଣ ନିର୍ବାଚନ ପୂର୍ବରୁ, ନିର୍ବାଚନକୁ ଆଖି ଆଗରେ ରଖି ସାଧାରଣତଃ ବଜେଟ ପ୍ରସ୍ତୁତ କରାଯାଇଥାଏ, ଯେଉଁଥିରେ ବିଭିନ୍ନ ବର୍ଗକୁ ଖୁସି କରିଲା ପରି କେତେକ ରିହାତି ଘୋଷଣା କରାଯାଇଥାଏ । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ, ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱରେ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ (ଏନଡିଏ) ବିରୋଧୀ ଅଭିଯାନର ଚାପରେ ପିଏମ–କିଷାନ ଅଧୀନରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ବାର୍ଷିକ ଷ୍ଟାଇପେଣ୍ଡ ଘୋଷଣା କରିଥିଲା ଏବଂ ମଧ୍ୟବିତ୍ତଙ୍କ ପାଇଁ ଆୟକର ରିହାତି । ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲାଇନ୍ସ (ୟୁପିଏ) ୬୦,୦୦୦ କୋଟି ଟାଙ୍କର କୃଷି ଋଣ ଛାଡ ଘୋଷଣା କରିଥିଲେ । ସେହିଭଳି କୌଣସି ଘୋଷଣା ଏହି ବଜେଟରେ ନାହିଁ ପ୍ରାୟ । ଏଥିରୁ ସ୍ପଷ୍ଟ ପ୍ରଶ୍ନ ହେଉଛି ଅର୍ଥମନ୍ତ୍ରୀ ଏକ ଗଠନମୂଳକ ବଜେଟ ସପକ୍ଷରେ ସଙ୍କେତ ଦେଉଛନ୍ତି । ବଜେଟ ରାଜନୀତିକୁ ନେଇ ନୁହେଁ ବା ଭୋଟ ପାଇଁ ନୁହେଁ ବରଂ ଦେଶର ସାମଗ୍ରିକ ବିକାଶ ପାଇଁ ପ୍ରସ୍ତୁତ ହେବା ଦରକାର ଯାହା ପ୍ରତ୍ୟକ୍ଷ ଓ ପରୋକ୍ଷରେ ସବୁ ବର୍ଗ, ଗୋଷ୍ଠୀର ବିକାଶ ସମ୍ଭବ ହେଇପାରିବ । ଏହା ସବୁ ଦଳ ବା ନେତୃତ୍ୱ ପାଇଁ ଗୋଟିଏ ଉଦାହରଣ । ତଥାପି, ଏହାକୁ ସୁରକ୍ଷିତ ଭାବେ ଯୁକ୍ତି କରାଯାଇପାରେ ଯେ ପରିସ୍ଥିତି ବଦଳୁଛି । ବାସ୍ତବିକ ବର୍ତ୍ତମାନ ସମୟରେ ଅନେକ ସାଧାରଣ ଜନତା ମଧ୍ୟ ଯୁକ୍ତି କରୁଛନ୍ତି ନିଜର ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ ଫ୍ରି–ବି ଯଥେଷ୍ଟ ନୁହେଁ । ଏହାର ଅର୍ଥ ନୁହେଁ ଯେ' ଫ୍ରି–ବି ଯୋଜନା ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯିବା ଉଚିତ । ଦାରିଦ୍ର୍ୟ ପାଇଁ କେହି ବି କଷ୍ଟ ନ ପାଆନ୍ତୁ । ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ବାସଗୃହ ପରି ମୌଳିକ ଆବଶ୍ୟକତା ସମସ୍ତଙ୍କର ପୂରଣ ହେଉ । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକଗୁଡିଏ ମାଗଣା ସେବା ଯୋଜନା କରିଆସୁଛନ୍ତି ଏବଂ କରିବା ଉଚିତ ମଧ୍ୟ । ତା ସହ, ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକଙ୍କ ପରିବାର କିପରି ସଶକ୍ତ ହେବ ଏବଂ ସେମାନେ ସବୁଦିନ ପାଇଁ ଦାରିଦ୍ର୍ୟତା ସୀମାରୁ ଉପରକୁ ଉଠିବେ ସେ ଦିଗରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । କିଛି ମାସ ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ଫ୍ରି–ବି ନେଇ ଚିନ୍ତାବ୍ୟକ୍ତ କରିଥିଲେ । କ୍ଷମତାରେ ଥିବା ରାଜନୈତିକ ଦଳଗୁଡିକ ଭୋଟ ପାଇଁ ଅନେକ ମାଗଣା ଯୋଜନା ଘୋଷଣା କରିଥାନ୍ତି ଏବଂ ବିରୋଧୀ ଦଳଗୁଡିକ ମଧ୍ୟ ଭୋଟ ପାଇବା ପାଇଁ ନିର୍ବାଚନ ପ୍ରଚାରରେ ବିଭିନ୍ନ ଲୋକହିତକର ଯୋଜନା ଘୋଷଣା କରିଥାନ୍ତି । ନିର୍ବାଚନ ଜିତିବା ଲକ୍ଷ୍ୟରେ ରାଜନୈତିକ ଦଳମାନେ ବିଦ୍ୟୁତ, ଜଳ ଏବଂ ପରିବହନ ଭଳି ବିଭିନ୍ନ ଫ୍ରି–ବି ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଅନ୍ତି । ସେଥିମଧ୍ୟରୁ କେତେକ ଭୋଟ ପାଇଁ ବୋଲି ସ୍ପଷ୍ଟ ଭାବରେ ଜଣାପଡେ । ଏହା ପରୋକ୍ଷରେ ସୁସ୍ଥ ନିର୍ବାଚନ ପରମ୍ପରାକୁ ପ୍ରଭାବିତ କରେ । ଫ୍ରି–ବି ଯୋଜନା କରାଯିବା ଦରକାର, କିନ୍ତୁ ଭୋଟକୁ ଆଖି ଆଗରେ ରଖି ନୁହେଁ, ବରଂ ଦେଶର ନାଗରିକଙ୍କ ଆବଶ୍ୟକତାକୁ ନେଇ ଏହା କରାଯିବା ଦରକାର । ଆବଶ୍ୟକତାରୁ ଦୂରେଇ ଭୋଟକୁ ଆଖି ଆଗରେ ରଖି, ମାଗଣା ଯୋଜନା କରାଗଲେ, ତାହା ପରୋକ୍ଷରେ ଅର୍ଥନୀତିକୁ ପ୍ରଭାବିତ କରିବା ସହ ସାମାଜିକ ସନ୍ତୁଳନକୁ ନଷ୍ଟ କରିବ । ଦୁଃଖର କଥା ବର୍ତ୍ତମାନ ସମୟରେ ଏହା ଗୋଟିଏ ନିର୍ବାଚନୀ ଅସ୍ତ୍ର ହେବାରେ ଲାଗିଲାଣି । ପ୍ରତ୍ୟେକ ନିର୍ବାଚନ ଋତୁରେ ରାଜନୈତିକ ଦଳଗୁଡିକ ନିର୍ବାଚନରେ ସଫଳତା ପାଇବା ପାଇଁ ବିଭିନ୍ନ ବର୍ଗ ଓ ଗୋଷ୍ଠୀଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ଯୋଜନା ଘୋଷଣା କରନ୍ତି ଏବଂ ଉଚ୍ଚ ବ୍ୟୟବରାଦ ପ୍ରତିଶ୍ରୁତି ଦିଅନ୍ତି । ପ୍ରାୟ ଅଧିକାଂଶ ଦଳ ଉଣାଅଧିକେ ଭୋଟ ପାଇଁ ବିଭିନ୍ନ ମାଗଣା–ଯୋଜନା ଘୋଷଣା କରୁଛନ୍ତି । ଏହା ଅନେକ କାରଣ ମଧ୍ୟରୁ ଗୋଟିଏ ଯାହା ଚୂଡ଼ାନ୍ତ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରେ । ଯାହା ଚିନ୍ତାଜନକ ଅଟେ । ଯଦିଓ ଏହା ବିଜୟର ଗ୍ୟାରେଣ୍ଟି ଦେଇ ପାରେ ନାହିଁ, କିନ୍ତୁ ପରୋକ୍ଷରେ ନିର୍ବାଚନକୁ କିଛି ମାତ୍ରାରେ ପ୍ରଭାବିତ କରେ ଏବଂ ସେହିପରି କିଛି ଘୋଷଣା କରି ନିର୍ବାଚନ ଜିତିବା ପରେ, ସରକାରଙ୍କୁ ସେଥିପାଇଁ ଅନେକ ଅର୍ଥ ଖର୍ଚ୍ଚ କରିବାକୁ ପଡେ । ଏହା କେବଳ ଗୋଟିଏ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ ନାହିଁ, ବରଂ ଅନ୍ୟାନ୍ୟ କ୍ଷେତ୍ରରେ ସାମାଜିକ କାର୍ଯ୍ୟକ୍ରମ ପାଇଁ ଉପଲବ୍ଧ ଅର୍ଥକୁ ସୀମିତ କରେ । ଉଦାହରଣ ସ୍ୱରୂପ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ କର୍ଣ୍ଣାଟକର ବଜେଟ୍ ଆବଣ୍ଟନ ସବୁ ରାଜ୍ୟଗୁଡିକର ଏହି କ୍ଷେତ୍ରଗୁଡିକର ହାରାହାରି ଆବଣ୍ଟନଠାରୁ କମ୍ ଅଟେ । ମୋଟ ଉପରେ ସରକାରଙ୍କ ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଥାଏ । କେତେକ ତଥ୍ୟ ଅନୁସାରେ, କର୍ଣ୍ଣାଟକ ସରକାରଙ୍କୁ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାକୁ ପ୍ରାୟ ୫୨,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ଅବଶ୍ୟ ମାଗଣା ଜନହିତକର ଯୋଜନା, ଆୟର ଅସମାନତା ଏବଂ ଦାରିଦ୍ର୍ୟକୁ ହ୍ରାସ କରିପାରିବ । ଉଦାହରଣ ସ୍ୱରୂପ, ଫ୍ରି–ବି ଯେପରିକି ଋଣ ଛାଡ, କିମ୍ବା ନଗଦ ଟ୍ରାନ୍ସଫର, କିମ୍ବା ସ୍ୱଳ୍ପ ଆୟକାରୀ ପରିବାରକୁ ସମ୍ପତ୍ତି, ଋଣ କିମ୍ବା ଆୟ ସହାୟତା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିପାରିବ । ମୌଳିକ ଆବଶ୍ୟକତା ଏବଂ ସମାଜର ଗରିବ ତଥା ଅବହେଳିତ ବର୍ଗଙ୍କୁ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଇତ୍ୟାଦି ଯୋଗାଇ ଦେବାଦ୍ୱାରା ସାକ୍ଷରତା, ସ୍ୱାସ୍ଥ୍ୟ ପରି କ୍ଷେତ୍ରରେ ଉନ୍ନତି ଅଣାଯାଇ ପାରିବ । ଫ୍ରି–ବି ପ୍ରାପ୍ତକର୍ତ୍ତାଙ୍କ ମଧ୍ୟରେ ନିର୍ଭରଶୀଳତା ଏବଂ ଅଧିକାରର ଏକ ନକାରାତ୍ମକ ଢାଞ୍ଚା ସୃଷ୍ଟି କରିପାରେ । ଏ ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ, ଫ୍ରି–ବି ଦେବା ଓ ନ ଦେବା ମଧ୍ୟରେ ଗୋଟିଏ ସନ୍ତୁଳନ ରଖାଯିବା ଆବଶ୍ୟକ । ଏହି ସବୁ ଦୃଷ୍ଟିରୁ ବର୍ତ୍ତମାନର ବଜେଟ ପ୍ରଶଂସନୀୟ । ଏକ ସାକ୍ଷାତକାରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକ କଲ୍ୟାଣ ଉପରେ ଧ୍ୟାନ ଦେଇ ଲୋକଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ନେଇ ବଜେଟର ପ୍ରୟାସ ବିଷୟରେ ଆଲୋଚନା କରିଥିଲେ । ଏହା ସ୍ପଷ୍ଟ କରୁଛି ସରକାର ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି ଯାହା ଦେଶର ଓ ଦେଶବାସୀଙ୍କର ସାମୂହିକ ବିକାଶରେ ସହାୟକ ହେବ ଏବଂ ଦେଶ ଲକ୍ଷ୍ୟ ଅନୁସାରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବରେ ଉଭା ହେବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

ଗୋପବନ୍ଧୁ ଦାସ

# ଚାର୍ଲ୍ସ ଡାରୱିନ୍‌ଙ୍କ ସିଦ୍ଧାନ୍ତ

**ଅସିତ ମହାନ୍ତି**

ପ୍ରତିବର୍ଷ ଫେବୃଆରୀରେ ଡାରୱିନ୍ ଦିବସ ପାଳନ କରାଯାଏ, ଇଂରାଜୀ ପ୍ରାକୃତିକବାଦୀ ତଥା ଭୂବିଜ୍ଞାନୀ ଚାର୍ଲ୍ସ ଡାରୱିନଙ୍କ ଜନ୍ମକୁ ସ୍ମରଣ କରିବା ପାଇଁ, ଯିଏ ପ୍ରାକୃତିକ ଚୟନ ଦ୍ୱାରା ବିବର୍ତ୍ତନ ବିଜ୍ଞାନରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ଡାରୱିନ୍‌ଙ୍କ କାର୍ଯ୍ୟ ଏବଂ ପ୍ରାକୃତିକ ଦୁନିଆ ବିଷୟରେ ଆମର ବୁଝାମଣା ଉପରେ ଏହାର ପ୍ରଭାବକୁ ସମ୍ମାନ ଜଣାଇବା ପାଇଁ ଏହି ଦିନ ପାଳନ କରାଯାଏ । ସମାଜରେ ବିଜ୍ଞାନ, ଶିକ୍ଷା ଏବଂ ସମାଲୋଚକ ଚିନ୍ତାଧାରାର ମହତ୍ତ୍ୱ ଉପରେ ପ୍ରତିଫଳିତ ହେବା ପାଇଁ ଏହା ଏକ ସୁଯୋଗ । ଡାରୱିନ୍ ଦିବସ ଇଭେଣ୍ଟରେ ପ୍ରାୟତଃ ବକ୍ତୃତା, ଆଲୋଚନା ଏବଂ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ, ଯାହାକି ବିବର୍ତ୍ତନଶୀଳ ଜୀବବିଜ୍ଞାନର ନୀତି ଏବଂ ଅଗ୍ରଗତି ଏବଂ ଆଜି ବିଶ୍ୱ ସହିତ ଏହାର ପ୍ରାସଙ୍ଗିକତାକୁ ପ୍ରୋତ୍ସାହିତ କରିଥାଏ ।

ଚାର୍ଲ୍ସ ଡାରୱିନ୍‌ଙ୍କ ସିଦ୍ଧାନ୍ତ, ପ୍ରାୟତଃ ପ୍ରାକୃତିକ ଚୟନ ଦ୍ୱାରା ବିବର୍ତ୍ତନର ସିଦ୍ଧାନ୍ତ ଭାବରେ କୁହାଯାଏ । ଏବେ ଏହା ଆଧୁନିକ ଜୀବବିଜ୍ଞାନର ମୂଳଦୁଆ । ୧୮୫୯ରେ ପ୍ରକାଶିତ ତାଙ୍କର ଗ୍ରାଉଣ୍ଡ ବ୍ରେକିଙ୍ଗ କାର୍ଯ୍ୟ ଅନ ଅରିଜିନ୍ ଅଫ୍ ସ୍ପିସିଜରେ, ଡାରୱିନ୍ ପ୍ରସ୍ତାବ ଦେଇଥିଲେ ଯେ ସମସ୍ତ ପ୍ରଜାତିର ଜୀବନ ସାଧାରଣ ପିତୃପୁରୁଷଙ୍କ ଠାରୁ ପ୍ରାକୃତିକ ଚୟନ ପ୍ରକ୍ରିୟା ମାଧ୍ୟମରେ ସମୟକ୍ରମେ ବିକଶିତ ହୋଇଛି । ପ୍ରାକୃତିକ ଚୟନ, ଯେପରି ଡାରୱିନ୍ ଦ୍ୱାରା ବର୍ଣ୍ଣନା କରାଯାଇଛି, ତାହା ହେଉଛି ଏକ ମେକାନିଜମ ଯାହା ଦ୍ୱାରା ବ୍ୟକ୍ତିର ପ୍ରଜନନ ସଫଳତା ପାଇଁ ସେମାନଙ୍କର ଅବଦାନ ହେତୁ ପିଢ଼ି ପରେ ଜନସଂଖ୍ୟାରେ କେତେକ ବଂଶଗତ ଗୁଣ ଅଧିକ ସାଧାରଣ ହୋଇଯାଏ । ଏହି ପ୍ରକ୍ରିୟା ସମୟ ସହିତ ପ୍ରଜାତିର ଧୀରେ ଧୀରେ ପରିବର୍ତ୍ତନ ଏବଂ ଆଡାପ୍ଟେସନ୍ ଆଡକୁ ଗତି କରେ, କାରଣ ଅନୁକୂଳ ଗୁଣ ଥିବା ସେହି ବ୍ୟକ୍ତିମାନେ ବଞ୍ଚିପାରନ୍ତି ଏବଂ ସେମାନଙ୍କର ଜିନ୍ ଭବିଷ୍ୟତ ବଂଶକୁ ପଠାଇବାର ସମ୍ଭାବନା ଅଧିକ ଡାରୱିନ୍‌ଙ୍କ ସିଦ୍ଧାନ୍ତ ପୃଥିବୀରେ ଜୀବନର ବିବିଧତା ବିଷୟରେ ଆମର ବୁଝାମଣାକୁ ରୂପାନ୍ତରିତ କଲା ଏବଂ ଆଧୁନିକ ଜୀବବିଜ୍ଞାନରେ ଏକ ମୌଳିକ ଧାରଣା ଭାବରେ ଅବ୍ୟାହତ ରହିଲା, ବିଭିନ୍ନ ପ୍ରଜାତି ଏବଂ ସେମାନଙ୍କ ଆଡାପ୍ଟେସନ୍ ଏବଂ ବିବର୍ତ୍ତନକୁ ଚାଳନା କରୁଥିବା ମେକାନିଜମ ମଧ୍ୟରେ ସମ୍ପର୍କ ବୁଝିବାପାଇଁ ପାଇଁ ଏକୀକରଣ ଢାଞ୍ଚା ପ୍ରଦାନ କଲା । ୧୮୫୯ ମସିହାରେ, ଡାରୱିନ୍ ତାଙ୍କର ମୂଳ କାର୍ଯ୍ୟ ଅନ ଅରିଜିନ୍ ଅଫ୍ ପ୍ରଜାତି ପ୍ରକାଶ କରିଥିଲେ, ଯାହା ତାଙ୍କ ସିଦ୍ଧାନ୍ତକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲା ଏବଂ ଏହାକୁ ସମର୍ଥନ କରିବାକୁ ବାଧ୍ୟତାମୂଳକ ପ୍ରମାଣ ଉପସ୍ଥାପନ କରିଥିଲା । ଏହି ପୁସ୍ତକ ବ୍ୟାପକ ବିବାଦ ଏବଂ ବିତର୍କ ସୃଷ୍ଟି କରିଥିଲା, କିନ୍ତୁ ପରିଶେଷରେ ବିବର୍ତ୍ତନକୁ ଏକ ବୈଜ୍ଞାନିକ ତଥ୍ୟ ଭାବରେ ଗ୍ରହଣ କରାଗଲା । ଡାରୱିନ୍‌ଙ୍କ କାର୍ଯ୍ୟ ବିବର୍ତ୍ତନ ବାହାରେ ବିସ୍ତାର ହୋଇ ଭୂବିଜ୍ଞାନ, ଉଦ୍‌ଭିଦ ଏବଂ ପ୍ରାଣୀ ବିଜ୍ଞାନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲା ।

ଉତ୍ପତ୍ତି ଏବଂ ଅଭିବୃଦ୍ଧି: ୧୯୫୯: ଚିକାଗୋ ୟୁନିଭରସିଟି ପ୍ରଥମ ଡାରୱିନ୍ ଶତବାର୍ଷିକୀ ଉତ୍ସବ ଆୟୋଜନ କରିଥିଲା, ଯାହା ପ୍ରଜାତିର ଉତ୍ପତ୍ତି ପ୍ରକାଶନର ୧୦୦ ତମ ବାର୍ଷିକୀ ସ୍ମରଣୀୟ ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହି ଘଟଣା ଡାରୱିନ୍ ଦିବସ ପାଳନ କରିବା ପାଇଁ ଏକ ଉତ୍ସର୍ଗୀକୃତ ଦିନର ଧାରଣା ସୃଷ୍ଟି କରିଥିଲା ।

୧୯୯୫: ବିଜ୍ଞାନ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଯୁକ୍ତରାଷ୍ଟ୍ରରେ ବଢୁଥିବା ବିବର୍ତ୍ତନ ବିରୋଧୀ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ନ୍ୟାସନାଲ ସେଣ୍ଟର ଫର ସାଇନ୍ସ ଏଜୁକେସନ୍ (ଏନସିଏସ୍‌ଇ) ଡାରୱିନ୍ ଡେ ସୃଷ୍ଟି କରିବାକୁ ପ୍ରସ୍ତାବ ଦେଇଥିଲା । ୧୯୯୯ : ଡାରୱିନ୍‌ଙ୍କ ଜନ୍ମଦିନର ୧୯୦ ତମ ବାର୍ଷିକୀ ପାଳନ ଅବସରରେ ଫେବୃଆରୀ ୧୨, ୧୯୯୯ରେ ଚିକାଗୋରେ ପ୍ରଥମ ଅଫିସିଆଲ୍ ଡାରୱିନ୍ ଦିବସ ପାଳନ କରାଯାଇଥିଲା । ୨୦୦୦ ଦଶକ: ଯୁକ୍ତରାଷ୍ଟ୍ର ଏବଂ ସମଗ୍ର ବିଶ୍ୱରେ ସମ୍ପ୍ରଦାୟ ଏବଂ ବିଦ୍ୟାଳୟରେ ଆୟୋଜିତ ଇଭେଣ୍ଟଗୁଡିକ ସହିତ ଏହି ଉତ୍ସବ ଗତି ଲାଭ କଲା । ୨୦୦୯: ଦିନ ଏବଂ ଏହାର କାର୍ଯ୍ୟକଳାପ ବିଷୟରେ ଉତ୍ସ ଏବଂ ସୂଚନା ଯୋଗାଇବା ପାଇଁ ଡାରୱିନ୍ ଡେ ୱେବସାଇଟ୍ ଉନ୍ମୋଚିତ ହୋଇଥିଲା । ୨୦୧୦ ଦଶକ: ୧୦୦ ରୁ ଅଧିକ ଦେଶରେ ଉତ୍ସବ ସହ ଡାରୱିନ୍ ଡେ ଏକ ବିଶ୍ୱସ୍ତରୀୟ ଇଭେଣ୍ଟରେ ପରିଣତ ହୋଇଥିଲା । ୨୦୨୦ ଦଶକ: ଲୋକପ୍ରିୟତା ଏବଂ ସ୍ୱୀକୃତିରେ ଡାରୱିନ୍ ଡେ ବଢ଼ିବାରେ ଲାଗିଛି । ବିଜ୍ଞାନ ଶିକ୍ଷା ତଥା ବୈଜ୍ଞାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ । ମୁଖ୍ୟ ମାଇଲଖୁଣ୍ଟ: ୨୦୦୧: ୱାଶିଂଟନ୍, ଡି.ସି.ରେ ପ୍ରଥମ ବାର୍ଷିକ ଡାରୱିନ୍ ଡେ ଲେକ୍ଚର୍ ଅନୁଷ୍ଠିତ ହୋଇଥିଲା: ପ୍ରଥମ ଆନ୍ତର୍ଜାତୀୟ 'ଡାରୱିନ୍ ଡେ' ପ୍ରବନ୍ଧ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା, ଯାହା ଛାତ୍ରମାନଙ୍କୁ ବୈଜ୍ଞାନିକ ଧାରଣା ଅନୁସନ୍ଧାନ କରିବାକୁ ଏବଂ ବିବର୍ତ୍ତନର ପ୍ରଭାବ ବିଷୟରେ ଲେଖିବାକୁ ଉତ୍ସାହିତ କରିଥିଲା ୨୦୧୦: ପ୍ରଥମ ଡାରୱିନ୍ ଡେ ସୋସିଆଲ୍ ମିଡିଆ ଅଭିଯାନ ଆରମ୍ଭ ହୋଇଥିଲା, ଯାହା ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଥିଲା । ୨୦୧୫: ଯୁବକମାନଙ୍କୁ ବିବର୍ତ୍ତନ ଏବଂ ବିଜ୍ଞାନ ବିଷୟରେ ଭିଡିଓ ସୃଷ୍ଟି କରିବାକୁ ଉତ୍ସାହିତ କରି ଡାରୱିନ୍ ଡେ ଗ୍ଲୋବାଲ୍ ଭିଡିଓ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା ।

ପ୍ରଭାବ ଏବଂ ମହତ୍ତ୍ୱ : ଜନସଚେତନତା ଏବଂ ବିବର୍ତ୍ତନ ବିଷୟରେ ବୁଝିବାରେ ଡାରୱିନ୍ ଡେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଜୀବବିଜ୍ଞାନର ଏକ ମୌଳିକ ଧାରଣା । ଏହି ଦିନ ବ୍ୟକ୍ତିମାନଙ୍କୁ ବୈଜ୍ଞାନିକ ପ୍ରମାଣ ବିଷୟରେ ସମାଲୋଚିତ ଭାବରେ ଚିନ୍ତା କରିବାକୁ ଏବଂ ସେମାନଙ୍କର ବୈଜ୍ଞାନିକ ସାକ୍ଷରତାକୁ ବିକାଶ କରିବାକୁ ଉତ୍ସାହିତ କରେ । ବୈଜ୍ଞାନିକ ସନ୍ଦେହ ବଢୁଥିବା ସମୟରେ ଭୁଲ ତଥ୍ୟକୁ ପ୍ରତିହତ କରିବା ଏବଂ ପ୍ରମାଣଭିତ୍ତିକ ବିଜ୍ଞାନକୁ ପ୍ରୋତ୍ସାହିତ କରିବା ପାଇଁ ଡାରୱିନ୍ ଡେ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ । ଏହି ଦିନ ଯୁବକମାନଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ଏବଂ ଅବଦାନ ପାଇଁ ପ୍ରେରଣା ଯୋଗାଇଥାଏ । ଆହ୍ୱାନ ଏବଂ ଭବିଷ୍ୟତ ଦିଗ: ବିବର୍ତ୍ତନର ବଢୁଥିବା ଗ୍ରହଣୀୟତା ସତ୍ତ୍ୱେ, ବିବର୍ତ୍ତନ ବିରୋଧୀ ଭାବନା ଏବଂ ଭୁଲ ତଥ୍ୟର ମୁକାବିଲା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇ ରହିଥାଏ । ବୈଜ୍ଞାନିକ ସାକ୍ଷରତା ପାଇଁ ସମସ୍ତ ଛାତ୍ରଙ୍କ ପାଇଁ ଗୁଣାତ୍ମକ ବିଜ୍ଞାନ ଶିକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ କ୍ଷେତ୍ରରେ ଚାଲିଥିବା ଅଗ୍ରଗତି ପାଇଁ ବୈଜ୍ଞାନିକ ଅନୁସନ୍ଧାନକୁ ସମର୍ଥନ କରିବା ଏବଂ ନୂତନତ୍ୱ ପ୍ରତିପାଦନ କରିବା ଜରୁରୀ ଅଟେ ବୈଜ୍ଞାନିକ ପ୍ରଗତିକୁ ପାଳନ କରିବା, ସମାଲୋଚିତ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପିଢ଼ି ବୈଜ୍ଞାନିକମାନଙ୍କୁ ପ୍ରେରଣା ଦେବା ପାଇଁ ଡାରୱିନ୍ ଡେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବରେ ଜାରି ରହିଛି । ଆମେ ସାମୂହିକ ଭାବରେ ଏକ ବିଶ୍ୱ ସୃଷ୍ଟି କରିପାରିବା ଯେଉଁଠାରେ ବିଜ୍ଞାନ ଡାରୱିନ୍ ଡେ ପଦକ୍ଷେପଗୁଡ଼ିକରେ ଆମର ସକ୍ରିୟ ଭାବରେ ଅଂଶଗ୍ରହଣ ଏବଂ ସମର୍ଥନ ରହିବ, ଯାହା ମାନବିକତାକୁ ଉପକୃତ କରିବ ।

ଏହାର ଆଧୁନିକ ଜୀବବିଜ୍ଞାନ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିବା ସତ୍ତ୍ୱେ, ଏହା ଚିନ୍ତା କରିବାର କଥା ଯେ ,ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ଦଶମ ଶ୍ରେଣୀ ପାଇଁ ସାଇନ୍ସ ସିଲାବସରୁ ଚାର୍ଲ୍ସ ଡାରୱିନ୍‌ଙ୍କ EV ଦ୍ୱାରା ପ୍ରବର୍ତ୍ତିତ ଇଭୋଲ୍ୟୁସନ୍ ଥିଓରୀକୁ ଡ୍ରପ୍ କରିଛି । ଛାତ୍ରମାନଙ୍କ ଉପରେ 'ବିଷୟବସ୍ତୁ ଭାର' ହ୍ରାସ କରିବା ପାଇଁ SARS-COV-2 ମହାମାରୀ ସମୟରେ ନିଆଯାଇଥିବା 'ଯୁକ୍ତିଯୁକ୍ତ' ଏକ୍ସରସାଇଜ'ର ଏକ ଅଂଶ ଭାବରେ ଏହା କରାଯାଇଛି । ମହାମାରୀର ସମୟରେ ବିବର୍ତ୍ତନ ସମ୍ବନ୍ଧୀୟ ବିଭାଗର ଶୁଦ୍ଧତା ଅଧିକ ବିଡମ୍ବନାର ବିଷୟ ହୋଇ ନ ପାରେ – ନୋଭେଲ କରୋନାଭାଇରସ୍ ଯାହା ମହାମାରୀ ସୃଷ୍ଟି କରିଥିଲା ତାହା ପ୍ରକୃତରେ ପ୍ରାକୃତିକ ଚୟନ ପ୍ରକ୍ରିୟାର ଫଳାଫଳ ଯାହା ଡାରୱିନ୍ ଏହା ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କରିଥିଲେ । ବିବର୍ତ୍ତନ ତତ୍ତ୍ୱ ଜେନେଟିକ୍ସ, ଇମ୍ୟୁନୋଲୋଜି ଇତ୍ୟାଦି ଆଧୁନିକ ଜୀବବିଜ୍ଞାନର ଅନେକ ଶାଖାର ଆଧାର ବୁଝିବାପାଇଁ ମୌଳିକ ବିଷୟ ଅଟେ ।

**ସୁଜନପୁର , ଯାଜପୁର**
**ମୋ–୯୩୪୮୭୬୮୮୧୨**

# ଶ୍ରୀରାମ ଚେତନା : ଶାଶ୍ୱତ, ଚିରନ୍ତନ, ସନାତନ

**ବିକ୍ରମ ଦାଶ**

ସମୟର ପ୍ରବାହ ସହିତ ସଭ୍ୟତା ଆଗକୁ ବଢୁଥାଏ। ସଭ୍ୟତାର ଅର୍ଥ ହେଲା ସଭ୍ୟ ହେବା । ବ୍ୟାପକ ଅର୍ଥରେ ଭଦ୍ରତା, ନମ୍ରତା, ସୌହାର୍ଦ୍ଦ୍ୟ, ସମ୍ବେଦନା, ସହନଶୀଳତା, ସମାନତା, ବୌଦ୍ଧିକ ଓ ଅର୍ଥନୈତିକ ବିକାଶ ଏବଂ ନ୍ୟାୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା । ଜୀବନର ପରିପୂର୍ଣ୍ଣତା ହିଁ ପ୍ରଗତି । ଆଜି ଗତକାଲି ଠାରୁ ବହୁ ଭାବରେ ଭିନ୍ନ, ଅଧିକ ଶାଶ୍ୱତ, ଅଧିକ ଆନନ୍ଦମୟ, ଅଧିକ ସମ୍ପନ୍ନ । ଆସନ୍ତାକାଲି ଏହାଠାରୁ ଆହୁରି ବିକଶିତ, ଆହୁରି ପ୍ରସନ୍ନଚିତ୍ତ । ଏହା ହିଁ ସଭ୍ୟତାର ଅଗ୍ରଗତି । ମାନବୀୟ, ସାମାଜିକ ଓ ସାଂସ୍କୃତିକ ଭାବଧାରାର ସକାରାତ୍ମକ ବିକାଶ ସଭ୍ୟତାର ପରିଚୟ । ଯାହା ଅନାବଶ୍ୟକ, ତାହା ପଛକୁ ଚାଲିଯାଏ, ଅତୀତ ହୋଇଯାଏ । ଇତିହାସ ସାକ୍ଷୀ ଅଛି, ମୁନ୍ଦିଏ ପିଇବା ପାଣି ଯୋଗାଇ ନ ପାରି ଅନେକ ସଭ୍ୟତା ଲୋପ ପାଇଯାଇଛି । ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଭାରତୀୟ ସଭ୍ୟତାର ପୁନଃଜାଗରଣ କରିଛି । ସନାତନର ଅର୍ଥ ହିଁ ଶାଶ୍ୱତ ।

ଏହା ଚିରନ୍ତନ ପ୍ରବାହିତ । ଗତକାଲି ଥିଲା ଆଜି ଅଛି ଆସନ୍ତାକାଲି ବି ରହିଥିବ । ଭୂତ, ପିଶାଚମାନେ ଆସିଛନ୍ତି, ଯାଇଛନ୍ତି । ପୁଣ୍ୟତୋୟା ଗଙ୍ଗା ସେହିଭଳି ପାପ ଧୋଇଚାଲିଛି, ମୋକ୍ଷ ଦେଇଚାଲିଛି । ମୋ ଦେଶ, ମୋ ମାଟି, ମୋ ନଦୀ, ମୋ ଦେଶବାସୀ, ମୋ ଉଦାରତା, ମୋ ସାଂସ୍କୃତିକ ଐତିହ୍ୟ, ମୋ ସାମାଜିକ ବ୍ୟବସ୍ଥାର ଗ୍ରହଣ ଯୋଗ୍ୟତା, ମୋ ସମନ୍ୱିତ ଚେତନା, ମୋ ଆଦର, ସମଗ୍ର ବିଶ୍ୱର ମାନବଙ୍କ ପାଇଁ ମୋ ପ୍ରାର୍ଥନାକୁ ଯଦି ମୁଁ ବୁଝି ନପାରିଛି, ତେବେ ମୁଁ ମହାମୂର୍ଖ । ଆମେ ପାଇଥିଲେ ଜ୍ଞାନ ଓ ପ୍ରଜ୍ଞା ଆଧାରିତ ଜୀବନଶୈଳୀ, ଯାହା ବହୁଜନର ହିତ, ବହୁଜନର ସୁଖର ଅଭିଳାଷ ରଖେ । ସମଗ୍ର ବସୁଧାକୁ କୁଟୁମ୍ବ ମନେକରେ । ଏହି ଜ୍ଞାନ ସମସ୍ତେ ସୁଖରେ ରହନ୍ତୁ, ସମସ୍ତେ ନିରାମୟ ରହନ୍ତୁ, ସମସ୍ତେ ଭଦ୍ର ହୁଅନ୍ତୁ, ସମସ୍ତଙ୍କର ଦୁଃଖ ଦୂର ହେଉ, ପୃଥିବୀରେ ସର୍ବତ୍ର ଶାନ୍ତି ବିରାଜମାନ କରୁ ବୋଲି ନିରନ୍ତର କାମନା କରୁଥାଏ । ଏହି ଉଦାରତା ପ୍ରାଣୀ ମାତ୍ରେ ହିଁ ପ୍ରେମମୟ ବୋଲି ଅନୁଭବ ଦିଏ । ଆମ ଆସ୍ଥା କହିଥାଏ, ଯିଏ ପ୍ରଦାତା–ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ, ପୃଥିବୀ, ଆକାଶ, ଜଳ, ନଦୀ, ପର୍ବତ, ବୃକ୍ଷ, ଜୀବଜନ୍ତୁ – ସ୍ଥାବର ଜଙ୍ଗମ କୀଟପତଙ୍ଗ ପର୍ଯ୍ୟନ୍ତ ସମସ୍ତଙ୍କୁ ଆପଣାର ମନେକରି, ସହାବସ୍ଥାନରେ ବିଶ୍ୱାସ କର ଏବଂ ସ୍ଥଳ ବିଶେଷରେ ସେମାନଙ୍କୁ ଈଶ୍ୱରଙ୍କ ମର୍ଯ୍ୟାଦା ଦିଅ । ସମସ୍ତେ ପୂଜିତ, ସମସ୍ତେ ମର୍ଯ୍ୟାଦାବନ୍ତ, ସମସ୍ତେ ଗୁରୁତ୍ୱପୂର୍ଣ୍ଣ ଓ ସମସ୍ତେ ଅପରିହାର୍ଯ୍ୟ ।

ଭାରତରେ ଗଣତନ୍ତ୍ର ସୁଦୃଢ଼ କାହିଁକି? କାରଣ, ସନାତନ ଧର୍ମ ଭିନ୍ନ ମତକୁ ଉଦାରତାର ସହିତ ଗ୍ରହଣ କରେ । ମତ, ପନ୍ଥ, ଉପାସନା ଓ ଆଚରଣରେ କୌଣସି ବାଧ୍ୟବାଧକତା ନାହିଁ । ଗୋଟିଏ ବହି ବା ଜଣେ ପୈଗାମ୍ବର ଶ୍ରେଷ୍ଠ, ଅନମନୀୟ ଓ ନିର୍ବିକଳ୍ପ ନୁହଁନ୍ତି । ନିନ୍ଦୁକମାନେ କହିପାରିବେ କି କାହିଁକି ମଧ୍ୟ ପ୍ରାଚ୍ୟର ଅନେକ ଦେଶ, ଚୀନ, ଆଫଗାନିସ୍ଥାନ, ପାକିସ୍ତାନ, ତୁର୍କୀ, ଉତ୍ତର କୋରିଆ, ମାଲେସିଆ, ବଙ୍ଗଳାଦେଶ ଓ ଏବେ ମାଳଦ୍ୱୀପ ଭଳି ଦେଶ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ନୁହଁନ୍ତି? କାରଣ ସେଠି ଉପାସନା ପଦ୍ଧତି ଓ ରାଷ୍ଟ୍ର ଏକ ଏବଂ ଅଭିନ୍ନ । ଭିନ୍ନ ମତ ଅଗ୍ରହଣୀୟ ।

ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହୋଇଗଲା । ପ୍ରଭୁ ଶ୍ରୀରାମ ଲାଲା ବିରାଜିତ ହେଲେ । ଜୟ ଶ୍ରୀରାମ ଧ୍ୱନି ଗୁଞ୍ଜରିତ ହେଉଥିଲା ବେଳେ ଆପେ ଆପେ ମନରେ ଆସୁଛି କିଛି ଭାବନା । ନିଜକୁ ନେଇ, ସମାଜକୁ ନେଇ ଅନେକ ପ୍ରଶ୍ନ ମନରେ । ଧର୍ମ ସ୍ଥାପନ ସକାଶେ ଯେତେବେଳେ ଆବଶ୍ୟକ ହେବ ମୁଁ ଆସିବି ଧରାକୁ । ପୁଣି ବ୍ୟବସ୍ଥା ଓ ଧାର୍ମିକ ଧାରାକୁ ବଳିୟାନ କରିବାକୁ । ଆସୁରିକ ପ୍ରବୃତ୍ତିପୂର୍ଣ୍ଣ ମଣିଷମାନଙ୍କ ଅହଙ୍କାର, ଅତ୍ୟାଚାର ବଢ଼ିବ । ଧର୍ମକୁ ଆଧାରକରି ଜୀବନ ଅତିବାହିତ କରୁଥିବା ମଣିଷମାନେ ଅତିଷ୍ଠ ହୋଇ ପଡ଼ିଥିଲାବେଳେ ଏବଂ ଅସୁର ଶକ୍ତି ସର୍ବକ୍ଷମତାଶୀଳ ବୋଲି ଧାରଣା ସମୟରେ ଶ୍ରୀରାମଚନ୍ଦ୍ରଙ୍କୁ ଧରାବତାରଣ ହୋଇଥିଲା । ସେ ମର୍ଯ୍ୟାଦା ପୁରୁଷୋତ୍ତମ । ଏ ସଂସାରରେ ମର୍ଯ୍ୟାଦା ପାଳନର ନୀତି ନିଜେ କଠୋରତାର ସହ ପାଳନ କରି ସାଧାରଣ ମଣିଷ କିପରି ଅସାଧାରଣ ବନିପାରିବ ତାହା ପ୍ରଭୁ ଶ୍ରୀରାମ ହିଁ ବୁଝାଇଛନ୍ତି ନିଜ ଧରା ରହଣୀ କାଳରେ । ବାପା–ପୁଅର ସମ୍ପର୍କ, ମା'ପୁଅର ସମ୍ପର୍କ, ଭାଇ ଭାଇର ସମ୍ପର୍କ, ରାଜା ପ୍ରଜାର ସମ୍ପର୍କ ଏମିତି ଅନେକ ପାରିବାରିକ ଏବଂ ସାମାଜିକ ସମ୍ପର୍କର ସର୍ବୋତ୍ତମ ନିୟମର ସେ ପ୍ରତିଷ୍ଠାତା । ନିଜେ ପାଳନକର୍ତ୍ତା। ଉତ୍ତମ ପରିବାର, ଉନ୍ନତ ସମାଜ ଏବଂ ସୁଶାସନ ଏହାକୁ ଶ୍ରୀରାମ ହିଁ ପ୍ରଥମକରି ଏ ବିଶ୍ୱରେ ପ୍ରତିଷ୍ଠିତ କରିଥିଲେ ।

ଅବତାର ଭାବରେ ଅବତରି ଯେଉଁ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ ତାହାର ମର୍ଯ୍ୟାଦା ଜୀବନସାରା ରଖି ଭିନ୍ନ ଆଦର୍ଶ ସ୍ଥାପନ କରିଥିଲେ । ପ୍ରତି ସୋପାନରେ ଆଦର୍ଶ । ଶିବ ଧନୁ ଭଙ୍ଗ କରିବ ପରେ ତୁରନ୍ତ ବିବାହର ଅବକାଶ ଥିଲାବେଳେ ଶ୍ରୀରାମ କିନ୍ତୁ ପିତା ଦଶରଥଙ୍କ ଅନୁମତି ଲୋଡ଼ିଥିଲେ । ପୁତ୍ରର ପିତା ପ୍ରତି ଥିବା ସମ୍ମାନ, ଦାୟିତ୍ୱ ଓ କର୍ତ୍ତବ୍ୟର ପରିପାଳନ କରି ପୁଅମାନଙ୍କ ପାଇଁ ସେ ହିଁ ପ୍ରଥମ କରି ଦେଖାଇଥିଲେ ମର୍ଯ୍ୟାଦାର ଧାରା । ଅଭିଷେକଙ୍କର କିଛି ସମୟ ଆଗରୁ ଗାଦି ଛାଡ଼ିଲେ ଲମ୍ବା ବନବାସ ପାଇଁ ବାହାରି ଆସିଲେ ଥରୁଟିଏ ପ୍ରତିବାଦ କି ପ୍ରଶ୍ନ ନକରି ।

ବାପା ସାବତ ମା'ଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁଁ କାହିଁକି ପାଳିବି ବୋଲି ପ୍ରଶ୍ନ ସେ କରିପାରିଥାନ୍ତେ । ବାପାଙ୍କ ସମ୍ମାନ ଚାଲିଯିବ, ମର୍ଯ୍ୟାଦା ଚାଲିଯିବ, କୁଳର ସମ୍ମାନ ଶେଷ ହୋଇଯିବ । ତେଣୁ ବାପାଙ୍କ ପାଇଁ ବଣ ଜୀବନ କଷ୍ଟକୁ ସହିବାକୁ ତୁରନ୍ତ ହେଲେ ପ୍ରସ୍ତୁତ । ଭାଇମାନଙ୍କ ପ୍ରତି କି ଅପୂର୍ବ ସ୍ନେହ । ଭରତଙ୍କ ପାଇଁ ଟିକିଏ ବି ରାଗ ନାହିଁ କ୍ଷୋଭ ନାହିଁ କି ଈର୍ଷା ନାହିଁ। ଯାହାଙ୍କର ବର ମଗାରେ ରାଜ ସିଂହାସନ ଚାଲିଗଲା। ସେହି ସାବତ ମା କୈକେୟୀଙ୍କ ପ୍ରତି କି ଭକ୍ତି ଓ ଶ୍ରଦ୍ଧା ।

ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ମୟୀ ପ୍ରକାଶ । ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ । ରାମାୟଣର ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି । ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ । ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ । ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ । ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି ।

ବନବାସ ମାନେ ପ୍ରକୃତ ବନବାସ । ସାଧାରଣଙ୍କ ପରି ଚଳଣି ଓ କଷ୍ଟସାଧ୍ୟ ଯାତ୍ରା । ଚାହିଁଥିଲେ ଅଯୋଧ୍ୟା ସୀମାର ଜଙ୍ଗଲରେ ଭଲ ମାନର କୁଟୀର କରି ଚଳିପାରିଥାଆନ୍ତେ ପତ୍ନୀଙ୍କୁ ଧରି । ନା ବନବାସ ମାନେ ବନବାସ । କଥା ରକ୍ଷା ସହ ମର୍ଯ୍ୟାଦା ରକ୍ଷା । ଲଙ୍କା ଆକ୍ରମଣ ବେଳେ ଅଯୋଧ୍ୟାରୁ ମଗାଇ ପାରିଥାଆନ୍ତେ ସୈନ୍ୟ ସାମନ୍ତ, ହାତୀଘୋଡ଼ା । ବାନର ଭଲ୍ଲୁକମାନଙ୍କ ସହଯୋଗରେ ଲଙ୍କା ବିଜୟ କଲେ । ପ୍ରକୃତି ସହ ମାନବର ସହାବସ୍ଥାନର ଏହା ଏକ ବଡ଼ ଆଦର୍ଶ ଉଦାହରଣ ବୋଲି ପିଲାଟି ବେଳୁ ଭାବି ଆସିଛି ।

ରାଜା କିପରି ରାଜଧର୍ମ ପାଳନବେଳେ ପ୍ରଜାଙ୍କୁ ରଖିବ ଆଗରେ । ପ୍ରଜାଙ୍କ ଶଙ୍କା–ଆଶଙ୍କା ଦୂର ଏବଂ ରାଜଧର୍ମ ମର୍ଯ୍ୟାଦା ରକ୍ଷା ପାଇଁ ପତ୍ନୀଙ୍କୁ କଠୋର ପରୀକ୍ଷା ପାଇଁ କହିବା ଶ୍ରୀରାମଙ୍କ ଭଳି ମର୍ଯ୍ୟାଦା ପୁରୁଷୋତ୍ତମ ହିଁ କରିପାରନ୍ତି । ମୋ ମନରେ ବାରବାର ପ୍ରଶ୍ନ ରାମଙ୍କ ଭଳି ପୁଅ ହୋଇପାରିଛି ? ରାମଙ୍କ ଭଳି ଭାଇ ହୋଇପାରିଛି, ରାମଙ୍କ ଭଳି ବନ୍ଧୁ ହୋଇପାରିଛି, ରାମ ଭଳି ମର୍ଯ୍ୟାଦା ରକ୍ଷା କରି ନିଷ୍ପତ୍ତି ନେଇଛି ଏ ଯାଏଁ ଜୀବନରେ?

**ରୋଟାରୀ କ୍ଲବ, କଟକ – ବାରବାଟୀ, ସିଡ଼ିଏ, କଟକ, ମୋ–୯୮୬୧୫୭୫୨୩୭**

# ଆଶାର କିରଣ

*ଅମୃତବାଣୀ*

ନିରାଶା ଏକ ନକାରାତ୍ମକ ଗୁଣ । ପ୍ରତ୍ୟେକ କ୍ଷେତ୍ରରେ ଏହା ଅଗ୍ରଗତିରେ ବାଧକ ସାଜେ । ବସିଥିବା ଡାଳକୁ ନିଜ ହାତରେ ମୂଳରୁ ହାଣିବା ଭଳି ମଣିଷକୁ ପତନମୁଖୀ କରାଏ । ଅନେକ ଲୋକ ବିଫଳତାରେ ଭାଙ୍ଗି ପଡନ୍ତି । ଜୀବନର ପ୍ରତିଟି ଅସଫଳତା ଏବଂ ନକାରାତ୍ମକ ଉପଲବ୍ଧି ପାଇଁ ସାଧାରଣତଃ ଭାଗ୍ୟ ଏବଂ ପରିସ୍ଥିତିର ଦୋଷ ଦିଆଯାଏ । ଏହା କେବଳ ଦୁର୍ବଳ ମନାମାନଙ୍କର ନିଜକୁ ଦୋଷମୁକ୍ତ କରିବାର ବାହାନା । କାରଣ ନିଜର ଦୁର୍ଭାଗ୍ୟକୁ ସିଢ଼ି କରି ସଫଳତାର ଶୀର୍ଷରେ ପହଞ୍ଚିବା ଲୋକଙ୍କ ଅନେକ ଉଦାହରଣ ସମାଜର ପ୍ରତ୍ୟେକ କ୍ଷେତ୍ରରେ ରହିଛି । ବରଂ ସୁନା ନିଆଁରେ ପଡି ଅଧିକ ଝଲସିଲା ପରି ଖରାପ ପରିସ୍ଥିତି ମଣିଷକୁ ସର୍ବଦା ଉନ୍ନତିରେ ସହାୟକ ହୁଏ । ଯଦି କେହି ଜଣେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରୁ ମୁକୁଳି ପାରିଛି କିମ୍ବା ନିଜସ୍ୱ ପରିଶ୍ରମ ବଳରେ କିଛି ହାସଲ କରିପାରିଛି ତେବେ ତାହା ସମସ୍ତଙ୍କ ପାଇଁ ସମ୍ଭବ । କାରଣ ନିରପେକ୍ଷ ଭଗବାନଙ୍କ ସୃଷ୍ଟିରେ ପ୍ରେତ୍ୟେକ ମନୁଷ୍ୟ ଅପାର ସମ୍ଭାବନାର ଗନ୍ତାଘର । ଯେକୌଣସି ଖରାପ ଅବସ୍ଥାରୁ ମୁକୁଳିବା କିମ୍ବା ଶିଖରକୁ ସ୍ପର୍ଶ କରିବାର କ୍ଷମତା ମଣିଷର ରହିଛି । ଏପରି କିଛି ପରିସ୍ଥିତି ନଥାଏ ଯେଉଁଠି ବ୍ୟକ୍ତି ପାଇଁ ଟିକିଏ ବି ଭଲର ଆଶା ନଥାଏ । ଘନ ଅନ୍ଧକାର ଭିତରେ ଆଲୋକର ଛୋଟିଆ ବିନ୍ଦୁକୁ ଲକ୍ଷ୍ୟ କରି ଅଗ୍ରସର ହେଲେ ଧୀରେ ଧୀରେ ଉତ୍ସର ନିକଟବର୍ତ୍ତୀ ହୋଇ ଅନ୍ଧାର ଦୂରେଇଯାଏ । ବ୍ୟାପକ ଘନ ଅନ୍ଧାର ଦେଖି ହତୋତ୍ସାହିତ ହେବା କିମ୍ବା ଆଲୋକର କ୍ଷୀଣ ରଶ୍ମିକୁ ଆଶାର କିରଣ ଭାବି ସେ ଦିଗରେ ଆଗେଇବା ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତି ଉପରେ ନିର୍ଭରଶୀଳ । ପୋଖରୀଏ ପଙ୍କ ଭିତରେ ହାତଗଣତି କେଇଟା ପଦ୍ମ ଫୁଲ ଫୁଟିଥିଲେ, କାହା ନଜରରେ ପୁତି ଗନ୍ଧମୟ ପଙ୍କର ଉପସ୍ଥିତି ଯୋଗୁଁ



ପଦ୍ମର ମହତ୍ତ୍ୱ କମିଯାଏ ତ ଆଉ କାହାକୁ ବିପରୀତ ପରିସ୍ଥିତିରେ ଅନନ୍ତ ସମ୍ଭାବନାର ଆଶା ନଜର ଆସେ. ବେଳେ ବେଳେ ପରିସ୍ଥିତି ଏପରି ହୁଏ ଆମକୁ ଲାଗେ ଏଥିରୁ ମୁକୁଳିବା ମୁସ୍କିଲ, ମାତ୍ର ମନରେ ସର୍ବଦା ଆଶା ସଂଚାର କରି ନିରନ୍ତର ପ୍ରୟାସ ଜାରି ରଖିଲେ ସଫଳତା ନିଶ୍ଚିତ ।

**ଡକ୍ଟର ତପନ କୁମାର ଦାଶ**
**ପିପିଲି, ପୁରୀ**
**ମୋ –୯୪୩୯୮୭୦୫୧୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାସନ...

ଯୋଜନା ଅଧିନରେ ୨୮୨ କୋଟି ୩୫ ଲକ୍ଷ ୧୪ ହଜାର ୯୦୩ ଟଙ୍କା ବ୍ୟୟ ହେବ । ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ଏହା ଖର୍ଚ୍ଚ କରାଯିବ । ଓଡ଼ିଶା ଲୋକସେବା ଆୟୋଗ (କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ) ବିନିମୟ ୨୦୨୪କୁ ନୂତନ ଭାବେ ପ୍ରଣୟନ ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ଭୁବନେଶ୍ୱର ଭୌମ୍ୟନଗରସ୍ଥିତ ମସ୍‌ଜିଦ୍‌କୁ ଆମଣ୍ଟିତ ଜମିରୁ ବ୍ୟବସାୟିକ ଉପଯୋଗ ହେଉଥିବା ୩୯୦ ଡିସିମିଲ୍ ଜମିର ଭୂମି ଅଧିମୂଲ୍ୟ ବାବଦକୁ ୩ କୋଟି ୭୦ ଲକ୍ଷ ୫୦ ହଜାର ଛାଡ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଗୋଁଣ୍ଡ ଭବନ ନିର୍ମାଣ ନିମନ୍ତେ ଚନ୍ଦ୍ରଶେଖରପୁରରେ ୫୦୦ ଡିସିମିଲ୍ ଜମିର ଅଧିମୂଲ୍ୟ ବାବଦକୁ ଚାଡ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଅଗ୍ରଗାମୀ ଅଘୋରିଆ ସମାଜ ଓଡ଼ିଶା ସପକ୍ଷରେ ଆବଣ୍ଟିତ ଜମିର ମୂଲ୍ୟ ଛାଡ କରିବା ପାଇଁ ସ୍ଥିର ହୋଇଛି ।

ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା ବିଡିଏରୁ ବାସଗୃହ ନିର୍ମାଣ ନିମନ୍ତେ ଲିଜ୍ ସୂତ୍ରରେ ଯୋଗା ଯାଇଥିବା ସରକାରୀ ଜମି ଓ ସାଧାରଣ ପ୍ରଶାସନ ଦ୍ୱାରା ବ୍ୟକ୍ତିବିଶେଷକୁ ଲିଜ୍ ସୂତ୍ରରେ ଆବଣ୍ଟିତ ଘରବାରୀ ରୂପେ ବ୍ୟବହୃତ ଲାଗି ଜମିର ସ୍ଥିତିବାନ୍ ସତ୍ତ୍ୱ ପରିବର୍ତ୍ତନ ପାଇଁ ବେଞ୍ଚମାର୍କ ମୂଲ୍ୟର ୧୦% ବଦଳରେ ୩% କରିବାକୁ ନିଷ୍ପତ୍ତି ହୋଇଛି । ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟକୁ ଢୁମୁଢୁମାରେ ୫୦୦ ଡିସିମିଲ୍ ଜମି ମାଗଣାରେ ଦିଆଯିବ । ଅଧୁନା ପ୍ରଚଳିତ ଖୁସି ଯୋଜନାକୁ ଖୁସି ପ୍ଲସ୍‌କୁ ବିସ୍ତାର କରାଯାଇଛି । ରାଜ୍ୟର ୩୦ ଜିଲ୍ଲାରେ ସାନିଟାରୀ ନାପ୍‌କିନ୍‌ଗୁଡିକ ମାଗଣାରେ ମହିଳାମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସରକାରଙ୍କ ନିଜସ୍ୱ ଯୋଜନା । ୧.୧୦ କୋଟିରୁ ଉର୍ଦ୍ଧ୍ୱ ପରିବାରକୁ ବିଏସ୍‌କେୱାଇ ନବୀନ କାର୍ଡ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ୨୦୨୩-୨୪ରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୭୬୦୦ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ କରାଯାଇଛି । କଲ୍ୟାଣୀ ଗ୍ରୁପ୍ ଦ୍ୱାରା ପ୍ରମୁଖ ନୂତନ ଯୁଗ ଶିଳ୍ପ ବିନିଯୋଗ ଲାଗି ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍‌କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଅଦାଲତମାନଙ୍କର ଶ୍ରୀସ୍ତଦାର ପଦବୀଗୁଡିକୁ ରୂପାନ୍ତରିତ କରି ମୁଖ୍ୟ ପ୍ରଶାସନିକ ଅଧିକାରୀ ଶବ୍ଦ ପ୍ରୟୋଗ କରାଯିବ । ସେହିଭଳି ବୌଦ୍ଧ ଜିଲ୍ଲାର ବାଉଶୁଣୀ ସହ ସୋନପୁର ଜିଲ୍ଲାର ବୀରମହାରାଜପୁରକୁ ସଂଯୋଗ ପାଇଁ ମହାନଦୀରେ ଦ୍ୱିତୀୟ ଉଚ୍ଚସେତୁ ନିର୍ମାଣପାଇଁ ନିଷ୍ପତ୍ତି ନିଆଯାଇଛି । ୧୦୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏକାମ୍ରକ୍ଷେତ୍ର ସୁବିଧା ଓ ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ୬୫୬.୩୭ କୋଟି ଟଙ୍କା ବ୍ୟୟ ଅଟକଳକୁ ଅନୁମୋଦନ କରିଛନ୍ତି । ମା' ସମଲେଶ୍ୱରୀ ମନ୍ଦିର ଯୋଜନାର ୩୮୮.୨୬ କୋଟି ଟଙ୍କା ବ୍ୟୟ ଅଟକଳକୁ ଅନୁମୋଦନ କରାଯାଇଛି । ସ୍ୱତନ୍ତ୍ର ଯୁବ ଉଦ୍ୟମୀ ସ୍ୱୟଂ (ସହରୀ ପ୍ରଣୟନୀ) ନୀତିକୁ ଅନୁମୋଦନ ମିଳିଛି । ଏଥିରେ ସହରାଞ୍ଚଳରେ ବାସ କରୁଥିବା ବେକାର ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବାକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଦିଆଯିବ । ଶିଶୁ ଏବଂ ମାତୃ ମୃତ୍ୟୁପୂର୍ଣ୍ଣ ନିରାକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ୩୦ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏଥିପାଇଁ ୧୦୧୫.୬୭ କୋଟି ଟଙ୍କା ବ୍ୟୟ ବରାଦକୁ ଅନୁମୋଦନ ମିଳିଛି । ଯୁବକମାନଙ୍କୁ ଆତ୍ମନିର୍ଭର କରିବାକୁ ନୂଆ ଯୋଜନା ସ୍ୱୟଂ ଆରମ୍ଭ କରାଯାଇଛି । ଏଥିରେ ଗ୍ରାମୀଣ ଯୁବକମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ବ୍ୟାଙ୍କ ଋଣ ମିଳିବ । ଏହି ଋଣର ସମ୍ପୂର୍ଣ୍ଣ ସୁଧ ରାଜ୍ୟ ସରକାର ବହନ କରିବେ ।

## ଯୁବ...

ହୋଇଥିବା କିମ୍ବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ଯୋଜନାର ବକେୟା ଋଣ ଥିଲେ, ଆବେଦନକାରୀଙ୍କୁ ଏହି ଯୋଜନାର ସୁବିଧା ମିଳିବ ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାର କିମ୍ବା କୌଣସି ସରକାରୀ ଉଦ୍ୟୋଗର କର୍ମଚାରୀ ବା ସାମ୍ବିଧାନିକ ସଂସ୍ଥାର କର୍ମଚାରୀ ଏବଂ ତାଙ୍କ ପରିବାରଙ୍କୁ ଏହି ଋଣ ମିଳିବ ନାହିଁ । ପରିବାରର ଜଣେ ସଦସ୍ୟ ଏହି ସୁବିଧା ନେଇଥିଲେ ଅନ୍ୟ ସଦସ୍ୟ ଏହା ପାଇପାରିବେ ନାହିଁ ।

ଏହି ଯୋଜନାରେ ରାଜ୍ୟ ସରକାର ଅଣୁ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ଉପଲବ୍ଧ ୮୫ ପ୍ରତିଶତ ଋଣ ଗ୍ୟାରେଣ୍ଟି ବ୍ୟତିତ ଆହୁରି ୧୫ ପ୍ରତିଶତ ଋଣ ଗ୍ୟାରେଣ୍ଟି ପ୍ରଦାନ କରିବେ । ରାଜ୍ୟ ସରକାର ଋଣର ସମସ୍ତ ସୁଧ ଭାର ବହନ କରିବେ । ସିଜିଟିଏମ୍‌ଏସିର ବାର୍ଷିକ ଗ୍ୟାରେଣ୍ଟି ଦେୟ ମଧ୍ୟ ରାଜ୍ୟ ସରକାର ବହନ କରିବେ ।

ଏଥିପାଇଁ ଆବେଦନକାରୀମାନଙ୍କୁ ଋଣ ପାଇଁ କୌଣସି ବନ୍ଧକ ବା ପ୍ରୋସେସିଂ ଫି ଦେବାକୁ ପଡିବ ନାହିଁ । ୪ ବର୍ଷରେ ଆବେଦନକାରୀମାନେ ମୂଳ ଋଣ ସୁଝି ପାରିବେ ।

## ଲୋକଙ୍କୁ...

କହିଥିଲେ ଯେ ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି । ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟଛ ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ ।

ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି । ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି । ଲକ୍ଷ୍ମୀ ଯୋଜନା ଆମ ଜୀବନକୁ ସହଜ କରିଛି ବୋଲି ସେ କହିଥିଲେ ।

ଗାଁର ରୂପାନ୍ତର ପାଇଁ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହି ଏକ ନୂଆ ଓଡିଶା ଗଢିବା ପାଇଁ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ସେ କହିଥିଲେ ଯେ ଗ୍ରାମାଞ୍ଚଳରେ ଗମନାଗମନର ବହୁ ସମସ୍ୟା ରହିଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଏ ବିଷୟରେ ଜାଣି ନିଷ୍ପତ୍ତିକ୍ରମେ ଏହି ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଗଲା । ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍ କୁ ବ୍ୟବହାର କରିପାରିବେ ।

ଲକ୍ଷ୍ମୀ ବସ୍ ସେବା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକ ସହିତ ଯୋଡିବ । ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ । ପିଲାଙ୍କୁ ସ୍କୁଲ କଲେଜ ନେବ । ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ । ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍ ରେ ଯିବା ଆସିବା କରିପାରିବେ ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ବଲାଙ୍ଗିରଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସୁନ୍ଦରଗଡରେ ଉପସ୍ଥିତ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମୟୁରଭଞ୍ଜଠାରେ ଉପସ୍ଥିତ ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ପ୍ରମୁଖ କହିଥିଲେ ଯେ ସମୟ ଥିଲା ସମାଜରେ ମା'ମାନେ ଅବହେଳିତ ଅବସ୍ଥାରେ ଥିଲେ । ଆଜି ସବୁ କ୍ଷେତ୍ରରେ ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ସର୍ବାଗ୍ରେ ରଖିଛନ୍ତି । ଗ୍ରାମାଞ୍ଚଳ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି । ଗ୍ରାମାଞ୍ଚଳରେ ଭଲ ସଡକ ନିର୍ମାଣ ହୋଇଛି । ଲକ୍ଷ୍ମୀ ବସ୍ ଦ୍ୱାରା ଗ୍ରାମାଞ୍ଚଳବାସୀଙ୍କର ଯାହା ଅଭାବ ଥିଲା ତାହା ପୂରଣ ହୋଇଗଲା । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଗାଁର ଲୋକମାନେ ସହରର ସୁବିଧା ପାଉଛନ୍ତି । ଲକ୍ଷ୍ମୀ ଯୋଜନା ଗ୍ରାମାଞ୍ଚଳର ଜନଜୀବନକୁ ସୁଗମ କରିଛି । ଜାତୀୟ ସ୍ତରରେ ଆଜି ମୁଖ୍ୟମନ୍ତ୍ରୀ ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ପ୍ରତିପାଦିତ ହୋଇଛନ୍ତି । ଓଡିଶାର ଜନସାଧାରଣଙ୍କ ସରକାରଙ୍କ ପ୍ରତି ଆସ୍ଥା ବଢିଛି ବୋଲି ସେମାନେ ମତ ଦେଇଥିଲେ ।

କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ ବରଗଡବାସୀଙ୍କୁ ଉଦ୍ବୋଧନ ଦେଇ କହିଥିଲେ ଯେ ଚଳିତ ମାସ ୨୦ ତାରିଖରେ ଆପଣମାନଙ୍କର ବହୁ ପ୍ରତିକ୍ଷିତ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଓ କ୍ୟାନସର ହସ୍ପିଟାଲ ମାନ୍ୟବର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବେ । ସେହିପରି ମୟୁରଭଞ୍ଜ ଜିଲ୍ଲାବାସୀଙ୍କୁ କହିଥିଲେ ଯେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥଳୀର ବିକାଶ କାର୍ଯ୍ୟ ଜାରି ରହିଛି ଏବଂ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀର ବିକାଶ କାର୍ଯ୍ୟ କରାଯିବ । ସୁନ୍ଦରଗଡ ଜିଲ୍ଲାର ବେଦବ୍ୟାସ ପୀଠର ରୂପାନ୍ତରଣ ସହିତ ବିଭିନ୍ନ ମନ୍ଦିର ଓ ଚର୍ଚ୍ଚର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି । କେନ୍ଦୁଝର ଜିଲ୍ଲାର ଜନସାଧାରଣଙ୍କୁ କହିଥିଲେ ଯେ ମା'ମାନେ ଅନୁରୋଧ କରିଥିଲେ ମଧୁବାବୁ ପେନସନ ବଢାଇବାକୁ । ଆପଣମାନଙ୍କ ଅନୁରୋଧ ରକ୍ଷାକରି ପ୍ରିୟ ମୁଖ୍ୟମନ୍ତ୍ରୀ ମଧୁବାବୁ ପେନସନ ରାଶିକୁ ବଢାଇଛନ୍ତି । ଖୁବ ଶୀଘ୍ର ମିଶନଶକ୍ତି ମା'ମାନଙ୍କ ପାଇଁ ଅଧିକ ୫ ଲକ୍ଷ ଟଙ୍କାର ଲୋନ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିବେ ବୋଲି ସେ କହିଥିଲେଛ ଲକ୍ଷ୍ମୀ ବସ୍ ହେଉଛି ଓଡିଶାବାସୀଙ୍କ ସମ୍ପତ୍ତି । ଆପଣମାନଙ୍କ ସମ୍ପତ୍ତି । ଆପଣମାନେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରନ୍ତୁ । ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ଅତାବିରାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡରେ ବିଧାୟକ ଦେବେଶ ଆଚାର୍ଯ୍ୟ, ପାଟନାଗଡରେ ବିଧାୟକ ସରୋଜ ମେହେର, କେନ୍ଦୁଝରରେ ପାଟଣା ବିଧାୟକ ଜଗନ୍ନାଥ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ବଲାଙ୍ଗିରରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ସୁନ୍ଦରଗଡରେ ଆମ ଓଡିଶା ନବୀନ ଓଡିଶା ସଂଯୋଜକ ଯୋଗେଶ କୁମାର ସିଂ ପ୍ରମୁଖ ମଧ୍ୟ ଲକ୍ଷ୍ମୀ ଯୋଜନା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚ ପ୍ରଶଂସାକରିବା ସହିତ ୫-ଟି ଅଧ୍ୟକ୍ଷଙ୍କ ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ ।

କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ । ସମସ୍ତ ଜିଲ୍ଲାରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା ।

## ଦେବାଶିଷ୍...

ଯାଏ ଓ ୨୦୧୪ ରୁ ୨୦୧୯ ଯାଏ କଟକ ନିର୍ବାଚନମଣ୍ଡଳିରୁ ବିଧାୟକ ଭାବେ ପ୍ରତିନିଧିତ୍ୱ କରୁଥିଲେ । ସେହିଭଳି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ସଫଳ କରିବା ପାଇଁ ଦୀର୍ଘଦିନ ଧରି ଭିକେ ପାଣ୍ଡିଆନଙ୍କ ଘନିଷ୍ଠ ହୋଇ ଯୁବବିଜେଡି ରାଜ୍ୟ ଉପସଭାପତି ଶୁଭାଶିଷ୍ ଖୁଣ୍ଟିଆ କାର୍ଯ୍ୟ କରୁଥିଲେ । ଏହି ପ୍ରକଳ୍ପକୁ ସଫଳ କରାଇବା, ବାସଚ୍ୟୁତ ସେବାୟତଙ୍କୁ ବୁଝାମଣା କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଦଳ ପକ୍ଷରୁ ତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଛି ।

## ଚାଷୀଙ୍କୁ...

ଏହି ବାଧା ଯୋଗୁ ବିକଳ୍ପ ରାସ୍ତାରେ ଟ୍ରାଫିକ୍ ବୃଦ୍ଧି ପାଇଛି, ବିଭିନ୍ନ ବୃତ୍ତିଧାରୀ ଯଥା ଓକିଲ, ଡାକ୍ତର ଓ ଜରୁରୀକାଳିନ ସେବାରେ ନିଯୁକ୍ତ କର୍ମଚାରୀମାନେ ତାଙ୍କ ସ୍ଥାନରେ ପହଞ୍ଚିବା ପାଇଁ ସମୟ ଲାଗୁଛି । ୧୪୪ ଧାରା ଆମ୍ବଲା ଓ କୈଥାଲ ଜିଲ୍ଲାରେ ଲାଗୁ କରାଯିବା ସହ ଏଠାରେ ବ୍ୟାରିଗେଟ୍ କରାଯାଇଛି ।

# ଓଡ଼ିଶା ପୋଲିସ ହାଇସ୍କୁଲ ୧୯୭୪ ବ୍ୟାଚ ଛାତ୍ରଛାତ୍ରୀମାନଙ୍କ ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ



ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା ପୁଲିସ ହାଇସ୍କୁଲ, କଟକ ୧୯୭୪ ବ୍ୟାଚ ଛାତ୍ରଛାତ୍ରୀମାନଙ୍କ ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ ଗତକାଲି ଅନୁଷ୍ଠିତ ହୋଇଯାଇଛି । ବିଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୦ ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ, ପଢିବା ସମୟର ସ୍ମୃତି ଚରଣ କରିଥିଲେ । ବିଦ୍ୟାଳୟର ପୂର୍ବତ୍ତନ ପ୍ରଧାନ ଶିକ୍ଷକ ତଥା ବିଖ୍ୟାତ ଗଣିତ ଶିକ୍ଷକ ନାରାୟଣ ପତିଙ୍କୁ ଯୋଗଦେଇଥିବା ସମସ୍ତ ଛାତ୍ରଛାତ୍ରୀମାନେ ସେମାନଙ୍କ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଶିକ୍ଷା, ଖେଳକୁଦ, ଡ୍ରାମା, ସଙ୍ଗୀତ ଏବଂ ଏନସିସି ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ପୁଲିସ ହାଇସ୍କୁଲକୁ ଏକ ଓଡ଼ିଶାର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବରେ ଗଢିବାରେ ଶ୍ରୀ ପତିଙ୍କ ପ୍ରମୁଖ ଅବଦାନ ଅରହିଥିଲା ।

ବିଦ୍ୟାଳୟର ୧୯୭୪ ବ୍ୟାଚ୍ ର ପୂର୍ବତନ ଛାତ୍ରମାନେ ବିଦ୍ୟାଳୟ ପ୍ରାର୍ଥନା ଓ ଶ୍ରେଣୀ ଗୃହ ଭଳି ବିଦ୍ୟାଳୟ ଦିବସ ପାଳନ କରିବା ସହିତ ଦିବଙ୍ଗତ ଶିକ୍ଷକ ଏବଂ ସେମାନଙ୍କ ବ୍ୟାଚ୍ ସାଥୀମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରିଥିଲେ । ବିଶିଷ୍ଟ ସିନେମା ଓ ଥିଏଟର ଅଭିନେତା ହର ପଟ୍ଟନାୟକ ଓଡ଼ିଶା ପୁଲିସ ହାଇସ୍କୁଲର ୧୯୭୪ ବ୍ୟାଚ୍ର ପୂର୍ବତନ ଛାତ୍ର ଥିଲେ ।

ପରିଶେଷରେ ସମ୍ପାଦକ ସଂଜୀବ ପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟତମ ସଦସ୍ୟ ସାନ୍ଦନ ପଣ୍ଡା, କେତନ ମିଶ୍ର ଏବଂ ସୁରେନ୍ଦ୍ର ମିଶ୍ର ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ବିଶେଷ ସହଯୋଗ କରିଥିଲେ ।

# ଶ୍ରମିକମାନଙ୍କ ସମସ୍ୟା ନେଇ ସିଆଇଟିୟୁ ତରଫରୁ ଦାବିପତ୍ର ପ୍ରଦାନ

ଜଳେଶ୍ୱର, (ସବ୍ୟୁ) : ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପୂର୍ବକ ପଦକ୍ଷେପ ନେବା ପାଇଁ ସୋମବାରଦିନ ସିଆଇଟିୟୁ ତରଫରୁ ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ବିଶେଷକରି ଜିଲ୍ଲା ଶ୍ରମ ଅଫିସରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରିବା, କମ୍ପ୍ୟୁଟର, ଜେନେରେଟର ଆଦି ଉପକରଣ ଯୋଗାଇ ଦେବା, ଶ୍ରମିକ ପରିଚୟପତ୍ର ତଥା ସହାୟତା ପାଇବା ପାଇଁ ଅନଲାଇନ୍ ପ୍ରକ୍ରିୟା ବ୍ୟବସ୍ଥାକୁ ସରଳୀକରଣ କରିବା ଅନଲାଇନରେ ବ୍ଲକରୁ ମେରେଜ ଭେରିଫିକେସନ କରିବାର ବ୍ୟବସ୍ଥା ସହ ସ୍ଥାୟୀ ଡିଏଲ୍‌ସି ନିଯୁକ୍ତି ପାଇଁ ଦାବି କରାଯାଇଛି ।

**AFFIDAVIT**

By virtue of an Affidavit Before Executive magistrate Banki No:276/ Dt-09.02.2024, I Smt Gitarani Nayak, Age- 41 years, W/O- Charan kumar Nayak, Vill:-Gopinathapur, Po-Balabhadrapur, PS: Baideswar, Dist: Cuttack declared that my childhood name was Saragy Mahala, Which is recorded in my LIC policy No:589710671, But This LIC policy bond completely damaged by White Ants. So GITARANI NAYAK & SARAGY MAHALA is one and same person for all purpose.

**Sd/ Gitarani Nayak**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.52-KUR-TRD-OT-2023-24

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଦକ୍ଷିଣ ସେକ୍ସନରେ 08 ଗୋଟି ଷ୍ଟେସନ (ଧଉଳିମୁହାଣ, ଗୋଲାବାଇ, ମୁକ୍ତେଶ୍ୱର, ସୋଲାରୀ, ଗୋଲନ୍ଥରା, ସୁର୍ଲା ରୋଡ଼, ସୁମାଦେବୀ ଏବଂ ବରୁଭା) ଠାରେ ଲୋ ଲେଭେଲ (Low level) ରୁ ହାଇ ଲେଭେଲ (High level) ପର୍ଯ୍ୟନ୍ତ ପ୍ଲାଟଫର୍ମକୁ ଉପର ଉଠାଇବା ସମ୍ବନ୍ଧୀୟ OHE ରୂପାନ୍ତରଣ ।

**ବିଜ୍ଞାପିତ ମୂଲ୍ୟ (₹):** 1,30,80,164.79, EMD (₹) : 2,15,400/-, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.02.2024 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.02.2024 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ

PR-1079/O/23-24

**Tender Call Notice**

**No 131 ZP/SDC/ Tender/ dt. 09.02.2024**

**CAD-4108 :** Sealed Tenders are invited from Hotels/ Restaurants/ Catering Service Providers/ Event Management Firms of repute in prescribed proforma for supply of Food (Breakfast & Lunch) in the **DISTRICT LEVEL CULTURAL FESTIVAL to be held at Kuchinda on 20.02.2024** under the aegis of Special Development Council, Sambalpur. Intending bidders may download the Bid documents from the district web site **www.sambalpur.nic.in**. **The last date of submission of tender is on 15.02.2024 up to 05.30 PM.**

Sd/- CDO-cum-EO
Zilla Parishad, Sambalpur

OIPR : 19241/11/0019/2324

**OFFICE OF THE DEAN AND PRINCIPAL**
**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**

E-830

At/Po/Dist.-Koraput-764020 (Odisha)
Telephone No.06852-250101 // E-mail: slnmchkoraputod@gov.in // Website: www.slnmch.nic.in

No. 957 / 2024 Dated- 12.02.2024

**ADVERTISEMENT FOR WALK-IN INTERVIEW**

A walk-in-interview is proposed for filling up the following different posts (Laboratory Technician (LT) & Data Entry Operator (DEO) on contractual basis at SLN Medical College & Hospital, Koraput under the project **"Sentinel Surveillance Sites on Zoonoses (SSSZ)"** under National One Health Programme for Prevention and Control of Zoonoses, Division of Zoonotic Diseases Programmes, National Center for Disease Control, Directorate General of Health Services, Ministry of Health and Family Welfare, Government of India. Interested candidates possessing requisite qualification & experience may download the application form from the website **www.koraput.nic.in/ www.slnmch.nic.in** and fill in the given format and submit the scanned copies of the filled application form along with self attested documents to the email **slnmicro.kpt@gmail.com** by on or before **20.02.2024.** After primary screening shortlisted candidates will be intimated by e-mail / SMS and they are required to appear with all relevant original documents on a scheduled date for verification and interview.

Sd/- Dean & Principal,
SLNMCH, Koraput

OIPR : 10121/11/0016/2324

CAD-4119

idco ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR**

Tender Call Notice No. BBSR/ELECT/E-4519/23-24/433 Dt. 08.02.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : SITC of Internal Electrification Work and Installation of 25KVA DG Set at DH-Office, Paradeep, Jagatsinghpur

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO IDCO Tower Janpath, Bhubaneswar | Bid ID No. BBSR/ELECT/ e-98/23-24 | 17.02.2024 at 17.00 Hrs. | 28.02.2024 at 17.00 Hrs. |

Further details can be seen from the e-procurement portal : **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as IDCO website.

Sd/- Divisional Head (Elect)
IDCO, Bhubaneswar

OIPR : 14003/11/0397/2324

**GOVERNMENT OF ODISHA**

B-1768

**INVITATIONS FOR BIDS (IFB).**
**'e' PROCUREMENT NOTICE**
**Bid Identification No. S.E. JSPR(R&B)- 16/2023-24**

1. Name of work : Building(Civil,E.L & P.H.) work for the year 2023-24
2. No.of Works. : Total:- (Two nos) Work
3. Estimated cost : Above Rs.10.00 lakhs up to Rs.80.00 Lakhs (Approx)
4. Period of completion : **As per Column No-8 of this NIT**
5. Class of contractors : **As per Column No-7 of this NIT**

Other details as follows :-

6. Date & time of availability of bid documents in Portal :13.02.2024 at 2.00 PM
7. Last date/ time for receipt of bids in Portal :22.02.2024 up to 05.00PM.
8. Opening of Bid documents : 23.02.2024 at 10.00 AM
9. Procurement Officer : Superintending Engineer, Jagatsinghpur (R&B)Division,Jagatsinghpur. With

E-Mail address : **eerbjspr@gmail.com**
Further details can be seen from the Govt, website **tendersorissa.gov.in**

Sd/- Superintending Engineer
Jagatsinghpur(R&B)Division

OIPR : 34093/11/0021/2324

**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-31 of 2023-24**

E.Mail - rw_sundargarh@yahoo.co.in

O-2509

1. Name of the Work : Building Works
2. Total No. of works : 05 nos Building
3. Estimated cost : from Rs.64.93 to Rs. 67.37 Lakhs
4. Class of contractor : Only 'B'
5. Period of completion : 09 calendar months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-31 of 2023-24 | 15.02.2024 10.00 A.M. | 22.02.2024 6.00 P.M. |

Further details can be seen from the website **www.tendersorissa.gov.in**

Sd/- Executive Engineer
Rural Works Division, Sundargarh

OIPR : 25046/11/0044/2324

**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION-II, JAJPUR AT JARAKA**

rwdivision_jaraka@yahoo.co. in

O-2513

**E-PROCUREMENT NOTICE NO.RWD-II/JJPR-23/23-24, DTD**

1. Name of work : Building works in the District of Jajpur for the year 2023-24
2. Total No of Work : 21 nos. of works.
3. Estimated Cost(Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows:**

a) Procurement officer : Superintending Engineer, Rural Works Division-II, Jajpur at Jaraka
b) Availability of tender online & submission of bid : 13.02.2024 at 11.30 AM to 20.02.2024 upto 5.00 PM
c) Last date & time of seeking of tender clarification : 19.02.2024 upto 5.00 PM
d) Opening of Tender : 21.02.2024 at 11.30 AM

Further details can be seen from the Govt, website **www.tendersodisha.gov.in**

Executive Engineer
Rural Works Division-II, Jajpur at Jaraka

OIPR : 25080/11/0039/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS ELECTRICAL CIRCLE BHUBANESWAR**

E-Mail-serw.elect @yahoo.in

O-2515

**e-Procurement Notice NO -SERWELBBSR- 02 /2023-24**

| | | | |
|---|---|---|---|
| 1 | Name of the work | : | Shifting of lines and S/S in order to facilitate the road widening work of widen of road at Malatipatapur to Saliapatna via Charishere road in the Dist of Purl. -Rs.260 Lakhs. |
| 2 | Estimated Cost | : | Rs. 260.00 lakhs (Excluding GST) |
| 3 | Period of completion | : | 180 days |
| 4 | Bid Identification No | : | SERWELBBSR - 02/ 2023-24 |
| 5 | Date and time of availability of Bid documents in the portal | : | From Dt.16.02.2024 at 12.30 P.M.to Dt 26.02.2024 up to 5.00 P M |
| 6 | Date & Time of opening of tender | : | Dt.27.02.2024 at 01.00 P.M. |
| 7 | Date & Time of opening of Financial bid | : | To be intimated later on. |
| 8 | Procurement officer/ Name and address of the officer inviting Bids | : | Superintending Engineer, R.W Elect.Circle.BBSR MI Colony,unit-9 (flat), BBSR-22 |

Further detail can be seen from the Govt. Web site **www.tenderorissa.gov.in**

Sd/- Superintending Engineer,
Rural work Electrical Circle, Bhubaneswar

OIPR : 25192/11/0003/2324

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO III BHUBANESWAR**
bbsrrandb03@yahoo.com
60Estg.No- 779 Date - 08.02.2024

B-1770

**Government of Odisha "e"-Procurement Notice No (80) of 2023-24**
**Bid Identification No: - CC. (R&B) 03**

| | | | |
|---|---|---|---|
| 1 | Name of the Work | : | Bridge & Road Work |
| 2 | Total No of works | : | 2 nos work |
| 3 | Estimated Cosf | : | i) Rs. 72,32,700.00, ii) Rs. 58,93,600.00, |
| 4 | Class of Contractor | : | " B" Class Contractor |
| 5 | Period of Completion | : | 3 (Three ) Calendar Months |
| 6 | Type of Tender | : | Double Cover System (Online) |
| 7 | Date & time of availability of bid document in the portal | : | From **12/02/2024 at. 3.30 P.M. to 19/02/2024 upto 5.30 P.M.** |
| 8 | Last Date & Time for Receipt of bids in the Portal | : | **19/02/2024, upto 5.30 P.M.** |
| 9 | Name & Address of the Officer inviting Bid | : | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal **https://tendersorissa.gov.in**

**N.B: Subsequent corrigendum / addendum if required shall be available in the website as indicated above**

Sd/- Superintending Engineer
BBSR (R&B) Division No.III, BBSR

OIPR : 34089/11/0043/2324

**GOVERNMENT OF ODISHA : OFFICE OF THE SUPERINTENDING ENGINEER TELENGIRI CANAL DIVISION, AT/PO-AMBAGUDA, DIST. KORAPUT**
e-mail ID : sctcdambaguda@gmail.com

A-1489

**QUOTATION CALL NOTICE NO. 01/2023-24 DATED 07/02/2024**

1. Quotations in sealed cover duly supercripted the quotation call notice No. on the body of the cover are invited from the manufactuers reputed firm suppliers authorised dealers having in possession of valid GSTIN and Income Tax P.A.N. Card for supply of articales as follows :

| Sl. No. | Description of items | Unit | Quantity |
|---|---|---|---|
| 1 | HP Lenovo Acer Dell All-in-One Desktop Computer with Intel Core is Processor 10th Generation / 8 GB Ram / 01 TB HDD/ 256SSD WEFI 24" Monitor, Key board & Moouse/Windows II wih 3 years warranty etc. complete. | Set | 3 Sets |
| 2 | LPS 600 VA of reputed manufacturer | Each | 3 Nos |
| 3 | Cannon MF 3010 Digital Multifuction Laser Printer with scanner | Each | 3 Nos. |
| 4 | Fiber Optic Router of reputed manufacturer | Each | 3 Nos. |
| 5 | Installation charges including accessories & Anti-virus | Set | 3 Sets |

2. Receipt of the quotations : From 15/02/2024 to 23/02/2024 (Up to 01.00 PM) in the office of the Superintending Engineer, Telengiri Canal Division, Ambaguda.
3. Quotation should accompany Bid Security (E.M.D.), @ 1% (one percent) of the quoted value in shape of Deposit Receipt of Scheduled Bank/Kissan Vikas Patra / Post Office Savings Bank Account pass book / National Savings Certificate / Post Office Time Deposit Account pass book duly pledged in favour of Superintending Engineer, Telengiri Canal Division, Ambaguda : Valid GST Registration Certificate showing GSTIN. Income Tax P.A.N. Card & valid Dealership Certificate.
4. Validity of quoted rates : 90 (ninety) days from the last date of receipt of quotations.
5. Date of opening of quotations : 23/02/2024 at 03:30 PM.

Supply must be completed within 15 (fifteen) days from the date of issue of supply order. The rates quoted shall be for supply & installation of the articles at the destination (O/o C.E. & B.M. I.K. Basin, Bariniput -I Set & T.c. Division, Ambaguda-2 Sets) inclusive of cost. conveyance and all other taxes complete. Terms of advace payment will not be entertained. Payment will be made only on receipt of the articles in good condition, satisfactory installation & commissioning. The articles shall conform to guarantee/warranty clames as prescribed by the manufacturer otherwise specified in the description. Defect during the guarantee/warranty period will be made good at the risk and cost of th supplier. Necessary test certificate of the articles must be furnished at the time of supply. Other details can be had from the office of the undersigned during office hours. The authority reserves right to accept / reject any or all the quotations without assigning any reasons thereof.

Sd/- (Er. Debidutta Ray Mohapatra)
Superintending Engineer
Teleengiri Canal Division, Ambaguda

OIPR : 32434/11/0004/2324

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।









ସୁନ୍ଦରଗଡ, ବଲାଙ୍ଗିର, ମୟୂରଭଞ୍ଜ, ବରଗଡ ଓ କେନ୍ଦୁଝର ଜିଲ୍ଲାରେ 'ଲକ୍ଷ୍ମୀ' ବସ୍ ଯୋଜନା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ଜାତୀୟ ସ୍ତରରେ 'ଇ-ମମତା ୨.୦'କୁ ମିଳିଲା ସିଲଭର ସ୍କଚ୍ ଆୱାର୍ଡ

## ମମତା ଯୋଜନାରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ

ଭୁବନେଶ୍ୱର (ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗ-ଓଡ଼ିଶା ସରକାରଙ୍କ 'ଇ-ମମତା ୨.୦' ଦିଲ୍ଲୀର ସମ୍ବିଧାନ କ୍ଲବରେ ଜାତୀୟ ସ୍ତରରେ ସମ୍ମାନଜନକ ସିଲଭର ସ୍କଚ ଆୱାର୍ଡ ପୁରସ୍କାର ହାସଲ କରିଛି । ଓଡ଼ିଶାର ମା' ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ସହ ଗର୍ଭବତୀ ଓ ପ୍ରସୂତୀ ମା' ଏବଂ ସେମାନଙ୍କ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିକର ସ୍ଥିତିରେ ଉଲ୍ଲେଖନୀୟ ରୂପାନ୍ତରଣ ନିମନ୍ତେ ଏହି ଯୋଜନାକୁ ପୁରସ୍କୃତ କରାଯାଇଛି । ଏଥିନିମନ୍ତେ ଚଳିତ ମାସ ୧୦ ତାରିଖରେ ନୂଆଦିଲ୍ଲୀ ସ୍ଥିତ କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ ଇଣ୍ଡିଆ ଠାରେ ଆୟୋଜିତ ଜାତୀୟ ସମ୍ମାନ



ପ୍ରଦାନ ଉତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଓ ମମତା ଯୋଜନାର ଷ୍ଟେଟ୍ ପ୍ରୋଗ୍ରାମ ସଂଯୋଜକ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ କି ମା' ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୧ ମସିହାରେ ଆରମ୍ଭ କରାଯାଇଥିଲା ଏକ ସର୍ତ୍ତମୂଳକ ଅର୍ଥରାଶି ହସ୍ତାନ୍ତର ଯୋଜନା – ମମତା । ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳା ଓ ପ୍ରସୂତୀ ମା'ମାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁବିଧା ଯୋଗାଇଦେବା ସହ ୨୮୯୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ରାଶି ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ହସ୍ତାନ୍ତରିତ କରାଯାଇଛି । ୫-'ଟି' ରୂପାନ୍ତରଣରେ ଏହି ଯୋଜନାର ସଫଳ ରୂପାୟନ ହେଉଛି । ମମତା ଯୋଜନାକୁ ଲୋକାଭିମୁଖୀ କରିବା ଦିଗରେ 'ଇ-ମମତା ୨.୦' ଆପ୍ଲିକେସନର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ଜାତୀୟ ସ୍ତରରେ ଏହି 'ଇ-ମମତା ୨.୦' ଆପ୍ଲିକେସନକୁ ଭୂୟସୀ ପ୍ରଶଂସା କରାଯାଇଛି ।

## କଳିଙ୍ଗ ରନର୍ସ ପକ୍ଷରୁ ସେଣ୍ଟ୍ରୋକ୍ସି ଭୁବନେଶ୍ୱର ସିଟି ମାରାଥନ୍

ଭୁବନେଶ୍ୱର (ସବ୍ୟୁ): କଳିଙ୍ଗ ରନର୍ସ ଟ୍ରଷ୍ଟ ବାର୍ଷିକ ମାରାଥନ୍ ଇଭେଣ୍ଟ ସେଣ୍ଟ୍ରୋକ୍ସି ଭୁବନେଶ୍ୱର ସିଟି ମାରାଥନ୍ ଆୟୋଜନ କରିଛି । ସେଣ୍ଟ୍ରୋକ୍ସି ଭୁବନେଶ୍ୱର ସିଟି ମାରାଥନର ଷଷ୍ଠ ସଂସ୍କରଣ ଶିଖର ଚଣ୍ଡୀ ମନ୍ଦିର ଠାରୁ ଆରମ୍ଭ ହୋଇଥିଲା । ଅର୍ଥୋପେଡିକ୍ ସର୍ଜନ ଡ଼ଃ ସାର୍ଥକ ପଟ୍ଟନାୟକ, କଳିଙ୍ଗ ରନର୍ସ ର ର ଅଧ୍ୟକ୍ଷ ଦୁଃଖଶ୍ୟାମ ପାଢ଼ୀ ପତାକା ଦେଖାଇ ମାରାଥନ ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କଳିଙ୍ଗ ରନର୍ସର ଉପାଧ୍ୟକ୍ଷ ସ୍ୱାତି ମହାନ୍ତି , କଳିଙ୍ଗ ରନର୍ସର ସଚିବ ସଂଗ୍ରାମ କେଶରୀ ଜେନା, ସେଣ୍ଟ୍ରୋକ୍ସି ପ୍ରତିଷ୍ଠାତା ତଥା ସିଇଓ ଯଜାତି ବଡୁ, ରେସ ନିର୍ଦ୍ଦେଶକ ଦୀପକ କୁମାର ମିଶ୍ର, ରେସ କନଭେନର ଅନିଲ ମହାପାତ୍ର ଉପସ୍ଥିତ ଥିଲେ । ଏହି ଅବସରରେ ବକ୍ତବ୍ୟ ରଖି କଳିଙ୍ଗ ରନର୍ସ ଅଧ୍ୟକ୍ଷ ଦୁଃଖିଶ୍ୟାମ ପାଢ଼ୀ କହିଥିଲେ , କଳିଙ୍ଗ ରନର୍ସ ଏକ ପଂଜିକୃତ ଟ୍ରଷ୍ଟ ଏବଂ ଏହା ବିଶ୍ୱାସ କରେ ଯେ ଗୋଟିଏ ଦୌଡ଼ ଆପଣଙ୍କ ଦିନକୁ ବଦଳାଇପାରେ, କଳିଙ୍ଗ ରନର୍ସ, ଓଡ଼ିଶାର ଏକ ଦୌଡ କ୍ରୀଡ଼ା



କ୍ଲବ୍ ଉନ୍ନତି ପାଇଁ କାର୍ଯ୍ୟ କରୁଛି ଏବଂ ସାମ୍ପ୍ରତିକ ଓ ଆଗାମୀ ଫିଟନେସ୍ ଉତ୍ସାହୀଙ୍କୁ ପ୍ରେରିତ କରୁଛି । ରନିଂ, ସାଇକେଲ କିମ୍ବା ଫିଟନେସ୍ ବ୍ୟାୟାମ ମାଧ୍ୟମରେ ଆଥଲେଟ୍ ଗଠନ କରିବାରେ ଆମେ ଏକ ଭୂମିକା ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛୁ ।

ସେଣ୍ଟ୍ରୋକ୍ସିର ପ୍ରତିଷ୍ଠାତା ତଥା ସିଇଓ ଯଜାତି ବଡୁ କହିଛନ୍ତି ଯେ, ସେଣ୍ଟ୍ରୋକ୍ସି ଭୁବନେଶ୍ୱର ସିଟି ମାରାଥନ୍ ଆୟୋଜନରେ କଳିଙ୍ଗ ରନର୍ସ ସହିତ ଜଡିତ ହୋଇ ମୁଁ ଗର୍ବିତ । ଗତ ୪ ବର୍ଷ ଠାରୁ ମୁଁ କଳିଙ୍ଗ ରନର୍ସ ସହିତ ଜଡିତ । ଆଜିର ମାରାଥନରେ ଓଡିଶାର ୧୦ କିଲୋମିଟର ଦୌଡୁଥିବା ୮୦ ବର୍ଷ ବୟସ୍କା ମହିଳା ଅଂଶଗ୍ରହଣ କରିଥିଲେ ଏବଂ କଳିଙ୍ଗ ରନର୍ସରେ ବବିତା ସମ୍ବଲପୁରୀ ସାରି ପିନ୍ଧି ଦୌଡ଼ିଥିଲେ, ଯିଏକି ମୁମ୍ବାଇରେ ଓଡ଼ିଶା ସମ୍ବଲପୁରୀ ଶାଢ଼ୀ ପିନ୍ଧି ୪୨ କିଲୋମିଟର ମାରାଥନ୍ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିନୋଟି ରନ୍ ବର୍ଗର ମାରାଥନ୍ ୨୧ କିଲୋମିଟର, ୧୦ କିଲୋମିଟର ଏବଂ ୫ କିଲୋମିଟର ରହିଥିଲା ଏବଂ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ନଗଦ ପୁରସ୍କାର ଏବଂ ଟ୍ରଫି ସହିତ ଶ୍ରେଷ୍ଠ ତିନି ସ୍ଥାନ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା ସହିତ ଅନ୍ୟ କେତେକ ବର୍ଗଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।

### ହୀରକଜୟନ୍ତୀ ବର୍ଷ ଅବସରରେ

## ସିଏସଆଇଆର-ଆଇଏମଏମଟି ପକ୍ଷରୁ ସେମିନାର

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍ଆଇଆର୍- ଆଇଏମ୍ଏମଟି) ପକ୍ଷରୁ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ସହଯୋଗରେ ଭୁବନେଶ୍ୱରସ୍ଥିତ ସିଏସ୍ ଆଇଆର୍- ଆଇଏମ୍ଏମଟିସ୍ଥିତ ଏସ୍.ଏସ୍ ଭଟ୍ଟନାଗର ଅଡିଟୋରିୟମଠାରେ 'ଆଲୁମିନିୟମ ଶିଳ୍ପରେ ବୈଷୟିକ ଉନ୍ନତି, ମାନକୀକରଣ ଏବଂ ଗୁଣବତ୍ତା ନିୟନ୍ତ୍ରଣ' ଉପରେ ଗୁରୁତ୍ୱ ଦେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସିଏସ୍ଆଇଆର ଆଇଏମ୍ ଏମ୍ ଟିର ହୀରକ ଜୟନ୍ତୀ ବର୍ଷ ଉତ୍ସବର ଏକ ଅଂଶ ଆଲୁମିନିୟମ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଯେଉଁଠାରେ ଦ୍ରୁତ ବୈଷୟିକ ଉନ୍ନତି ଏହାର ପରିଦୃଶ୍ୟକୁ ପୁନଃରୂପ ଦେଉଛିଛ ଏହି ସେମିନାରର ଉଦ୍ଦେଶ୍ୟ ହେଉଛି ଆଲୁମିନିୟମ କ୍ଷେତ୍ରରେ ବୈଷୟିକ ପ୍ରଗତିର ଅଗ୍ରଣୀ ବିଷୟରେ ଜାଣିବା । ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ନିୟାମକ ସଂସ୍ଥାର ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରକରି ଏହି କାର୍ଯ୍ୟକ୍ରମରେ ପ୍ରଯୁକ୍ତିବିଦ୍ୟା, ମାନକୀକରଣ ଏବଂ ଗୁଣବତ୍ତା ନିୟନ୍ତ୍ରଣର ସଂଯୋଗକୁ ସ୍ଥାନ ନିରୂପଣ କରିବାରେ ସକ୍ଷମ ହୋଇପାରିଛି । ଏହି ସହଯୋଗୀ ଆଲୋଚନା ଦ୍ୱାରା ଆଲୁମିନିୟମ କ୍ଷେତ୍ରପାଇଁ ଏକ ପ୍ରଗତିଶୀଳ ଏବଂ ସ୍ଥାୟୀ ଭବିଷ୍ୟତର ମାର୍ଗ ପ୍ରଶସ୍ତ ହୋଇଥିଲା । ଏଥିରେ ବିଆଇଏସର ମେଟାଲର୍ଜିକାଲ୍ ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ତଥା ମୁଖ୍ୟ ସଞ୍ଜୀବ ମାଇନୀ, ସିଏସ୍ଆଇଆର୍-ଆଇଏମ୍ଏମଟିର ନିର୍ଦ୍ଦେଶକ ଡ଼ ରାମାନୁଜ ନାରାୟଣ, ବିଆଇଏସ୍-୭ର ଅଧ୍ୟକ୍ଷ ତଥା ସିଏସ୍ ଆଇଆର୍-ଆଇଏମ୍ଏମଟିର ମୁଖ୍ୟ ବୈଜ୍ଞାନିକ ଡ଼ କାଳୀ ସଞ୍ଜୟଙ୍କ ସମେତ ବହୁ ସମ୍ମାନିତ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

### ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪

## ଚଳିତ ବର୍ଷର ବିଷୟବସ୍ତୁ 'କଲେ ମତ୍ସ୍ୟ-ପ୍ରାଣିପାଳନ, ଆୟ ହୋଇବ ବହୁଗୁଣ'

ଭୁବନେଶ୍ୱର (ସବ୍ୟୁ): ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪ ଆୟୋଜନ କରୁଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ୨୦୨୪ ଉପଲକ୍ଷେ କୃଷି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହି ସମାବେଶ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ଗୋପାଳକ, ପ୍ରାଣିପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟବସାୟିକ ସଂସ୍ଥା, କୃଷି ଉଦ୍ୟୋଗୀ, ସେବା ପ୍ରଦାନକାରୀ ସଂସ୍ଥା ଓ ଶିଳ୍ପଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏକ ମଞ୍ଚ ପ୍ରସ୍ତୁତ କରିବା ସହ ମତ୍ସ୍ୟ ଓ ପ୍ରାଣିପାଳନର ସର୍ବୋତ୍ତମ ଉତ୍ପାଦ ଓ ଅନୁଶୀଳନକୁ ପ୍ରଦର୍ଶନ କରିବା ପାଇଁ ଲକ୍ଷ୍ୟ ରଖିଛି । 'କଲେ ମତ୍ସ୍ୟ- ପ୍ରାଣିପାଳନ, ଆୟ ହୋଇବ ବହୁଗୁଣ' ଥିମ୍ କୁ ନେଇ ଏହି ସମାବେଶ ୧୬ ରୁ ୧୮ ଫେବୃଆରୀ ୨୦୨୪ ପର୍ଯ୍ୟନ୍ତ ତିନିଦିନ ଧରି ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବ । ସଂପ୍ରତି ମତ୍ସ୍ୟଚାଷୀ, ପ୍ରାଣିପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଉଦ୍ୟୋଗୀମାନେ ଯୋଗଦେବେ ।




ଜିଲ୍ଲାସ୍ତରରେ ଆୟୋଜିତ ମତ୍ସ୍ୟ ଓ ପ୍ରାଣିସଂପଦ ମେଳାର ସଫଳ ଆୟୋଜନ ଓ ଏଥି ପ୍ରତି ଚାଷୀ ଓ ଜନସାଧାରଣଙ୍କ ଆଗ୍ରହକୁ ଲକ୍ଷ୍ୟରେ ରଖି ରାଜ୍ୟସ୍ତରରେ ମତ୍ସ୍ୟ-ପ୍ରାଣୀ ସମାବେଶର ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ସମାବେଶରେ ପ୍ରତି ବ୍ଲକ୍‌ରୁ ୨୦ ଜଣ ଚାଷୀ ମିଶାଇ ୬,୦୦୦ରୁ ଊର୍ଦ୍ଧ୍ୱ

ପ୍ରାୟ ୨୦୦ ଚାଷୀ ଏବଂ ଉଦ୍ୟୋଗୀଙ୍କୁ ମତ୍ସ୍ୟ ଏବଂ ପ୍ରାଣିପାଳନ କ୍ଷେତ୍ରରେ ସେମାନଙ୍କର ସଫଳତା ପାଇଁ ଚାମ୍ପିଅନ୍ ଭାବରେ ପୁରସ୍କୃତ କରାଯିବ । ଶ୍ରେଷ୍ଠ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ କ୍ଷେତ୍ରର ବିକାଶରେ ଅବଦାନ ପାଇଁ ସମ୍ମାନିତ କରାଯିବ । ରାଜ୍ୟର ୨୪୦୦ ଅଗ୍ରଣୀ କୃଷକ/ ଉଦ୍ୟୋଗୀ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ମତ୍ସ୍ୟ, ପ୍ରାଣିସମ୍ପଦ ଏବଂ କୃଷି ଉପରେ ୧୨ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରିବେ । ଏକ ନୂତନ କାର୍ଯ୍ୟକ୍ରମ 'ଆସ୍କ ଦି ମିନିଷ୍ଟର'ର ପରିକଳ୍ପନା କରାଯାଇଛି । ଏଥିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମନ୍ତ୍ରୀ କୃଷକ ମାନଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ । ଏହି ଉପଲକ୍ଷେ ଭେଟେରିନାରୀ, ଫିସରିଜ୍ ଏବଂ ମ୍ୟାନେଜ୍‌ମେଣ୍ଟ କଲେଜ/ପଲିଟେକ୍‌ନିକ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତବ୍ୟ ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଉଛି । ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ସମାବେଶରେ ପୁରସ୍କୃତ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ-ପ୍ରାଣୀ ସମାବେଶର ଲୋଗୋ, ମାସ୍କଟ, ଥିମ୍ ଏବଂ ଥିମ୍ ସଙ୍ଗର ଉନ୍ମୋଚନ କରିଥିଲେ ।

### ରାଉତପଡା ତନ୍ତୁବାୟ ସେବା ସମବାୟ

## ସମିତିର ବାର୍ଷିକ ସାଧାରଣ ସଭା

ଖୋର୍ଦ୍ଧା (ସବ୍ୟୁ): ଶ୍ରୀ ଜଗନ୍ନାଥଙ୍କ ଅଙ୍ଗବସ୍ତ୍ର ଲାଗି ପ୍ରକଳ୍ପ ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡା ଗ୍ରାମରେ କରାଯିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପ୍ରଦାନ କରାଯାଇଛି। ରାଉତପଡା ତନ୍ତୁବାୟ ସେବା ସମବାୟ ସମିତି ର ୮୧ତମ ବାର୍ଷିକ ସାଧାରଣ ସଭା ସମିତି ର ସଭାପତି ବିଧୁ ଭୂଷଣ ଦାସଙ୍କ ସଭାପତିତ୍ୱ ରେ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ବର୍ଷ ବର୍ଷ ଧରି ଏହି ସମିତି ର ବୁଣାକାରମାନେ ଶ୍ରୀ ଜଗନ୍ନାଥଙ୍କ ଲାଗି ଅଙ୍ଗବସ୍ତ୍ର ପ୍ରସ୍ତୁତ କରି ଯୋଗାଇ ଦେଉଥିବାରୁ ଏହି ଗାଁ କୁ ଆଦର୍ଶ ଗାଁ ରୂପେ ମାନ୍ୟତା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯିବା ନିମନ୍ତେ ଆଲୋଚନା ହୋଇଥିଲା । ଜାତୀୟସ୍ତରରେ ପ୍ରଦର୍ଶନୀ ରେ ଯୋଗ ଦେଇ ସୁନାମ ଅର୍ଜନ କରିଥିବାରୁ ବୁଣାକାର ଗୋପୀନାଥ ଦାସଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ ପ୍ରଦାନ କରାଯାଇଥିଲା ।

### ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ମାର୍ଗଦର୍ଶନ କାର୍ଯ୍ୟକ୍ରମ

## ଛାତ୍ରଛାତ୍ରୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ଜରୁରୀ : କୁଳପତି

କଟକ, (ସ୍ୱପ୍ର): ଜାତୀୟ ଶିକ୍ଷାନୀତି ଆଧାରରେ ଗୁଣାତ୍ମକ ଶିକ୍ଷା, ଗବେଷଣା, ଶିକ୍ଷକ ପ୍ରଶିକ୍ଷଣ ଓ ବିଶେଷ କରି ଛାତ୍ରଛାତ୍ରୀଙ୍କ ବୃତ୍ତିଗତ ଦକ୍ଷତା ବିକାଶ ଜରୁରୀ ବୋଲି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଗୁରୁତ୍ୱାରୋପ କରିଛନ୍ତି । ଜୟଶ୍ରୀ ଅଡିଟୋରିୟମରେ ସୋମବାର ଆୟୋଜିତ ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ଡ. ହୋତା କହିଲେ ଶିକ୍ଷାଦାନ ପ୍ରକ୍ରିୟାରେ ଛାତ୍ର ମୂଲ୍ୟାଙ୍କନ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଭାଗ ତଦନୁଯାୟୀ ଲକ୍ଷ୍ୟ ସ୍ଥିର କରି ଆଗକୁ ବଢିବା ଆବଶ୍ୟକ । ଏହା ଦ୍ୱାରା ଛାତ୍ରଛାତ୍ରୀ ଅନେକ କିଛି ଜାଣିବାର ସୁଯୋଗ ପାଇବେ ଓ ସେମାନଙ୍କର ଦକ୍ଷତାର ବିକାଶ




ଘଟିବ। ବିଭିନ୍ନ ବିଭାଗସ୍ତରରେ ଡିନ୍, ଅଧ୍ୟାପକ, ଅଧ୍ୟାପିକା ଏବଂ ବିଶ୍ୱବିଦ୍ୟାଳୟ ଅଗ୍ରଗତି ଏବଂ ଶିକ୍ଷାଦାନ ସହ ଜଡିତ ବ୍ୟକ୍ତିବିଶେଷ ଏ ସଂକ୍ରାନ୍ତରେ ସମୀକ୍ଷା ଓ ବିଚାରବିମର୍ଶ ଲାଗି କୁଳପତି ଡ. ହୋତା ପରାମର୍ଶ ଦେଇଥିଲେ । ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା ମଞ୍ଚାସୀନ ଥିଲେ । ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଏମସି ଅଭିଯୋଗ ସମାଧାନ ସଭା

## ୩୩ଟି ସମସ୍ୟା ସମାଧାନ

କଟକ (ସବ୍ୟୁ): କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । କମିଶନର ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା । ଏଥିରେ ସମୁଦାୟ ୩୩ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରେ ସିଟି ଇଂଜିନିୟରିଂ ବିଭାଗୀର ୭ଟି, ଏନଫୋର୍ସମେଣ୍ଟ ୫ଟି, ସ୍ୱାସ୍ଥ୍ୟ ସଂପର୍କିତ ୨ଟି, ପରିମଳ ଉପରେ ୩ଟି, ବସ୍ତି ଉନ୍ନୟନ ସଂପର୍କିତ ୧୦ଟି, ପାନୀୟ ଜଳ ସଂକ୍ରାନ୍ତୀୟ ଗୋଟିଏ, ଏଟିପି ଗୋଟିଏ, ଆରଟିଆଇ ଗୋଟିଏ, ଲାଇସେନ୍ସ ଉପରେ ଗୋଟିଏ, ଆରଏଣ୍ଡବିର ଗୋଟିଏ ଓ ଏସସିବି ସଂକ୍ରାନ୍ତରେ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ଅନୁଷ୍ଠିତ ସଭାରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡୁ, ସିଟି ଇଂଜିନିୟର ଅତନୁ ସାମନ୍ତ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ, ଡେପୁଟି କମିଶନର ଶ୍ୱେତସ୍ନିଗ୍ଧା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଓ ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜୀ-ସାର୍ଥକର ପାର୍ବଣରେ ସୁନାର ବର୍ଷା କଣ୍ଟେଷ୍ଟ ର ବିଜେତା ଜିତିଲେ ୨୦ ଗ୍ରାମ ସୁନା

ଭୁବନେଶ୍ୱର (ସବ୍ୟୁ): ଗତ ପାର୍ବଣ ମହୋତ୍ସବରେ ଲୋକପ୍ରିୟ ଓଡିଆ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ହୋଇଥିଲା ପାର୍ବଣରେ ସୁନାର ବର୍ଷା କଣ୍ଟେଷ୍ଟ ଛ ଓଡ଼ିଶାର ଲୋକପ୍ରିୟ ସ୍ୱର୍ଣ୍ଣ ଅଳଙ୍କାର ବିକ୍ରେତା, ଲାଲଚାନ୍ଦ ଜ୍ୱେଲର୍ସ ପ୍ରାୟୋଜିତ ଏହି ମେଗା ପ୍ରତିଯୋଗୀତା 'ପାର୍ବଣରେ ସୁନାର ବର୍ଷା' ଅକ୍ଟୋବର ୫ ରୁ ନଭେମ୍ବର ୨୦ ମଧ୍ୟରେ ହୋଇଥିଲା । ପ୍ରତିଯୋଗିତାରେ ଭାଗ ନେଇ ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ମଧ୍ୟରେ ପ୍ରସାରିତ ଧାରାବାହିକ ଦେଖୁଥିବା ସମୟରେ ଟିଭି ସ୍କ୍ରିନରେ ପଚରା ଯାଇଥିବା ପ୍ରଶ୍ନର ପ୍ରତିଦିନ ସଠିକ୍ ଉତ୍ତର ଦେଇଥିବା ୪୦ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମିଳିଥିଲା ଲାଲଚାନ୍ଦ ଜ୍ୱେଲର୍ସ ତରଫରୁ ୧ ଗ୍ରାମ ଓଜନର ସ୍ୱର୍ଣ୍ଣ ମୁଦ୍ରା ଏବଂ ପୁରା ପ୍ରତିଯୋଗୀତାରେ ଜଣେ ମେଗା



ବିଜେତାଙ୍କୁ ମିଳିଛି ୨୦ ଗ୍ରାମ ଓଜନର ସ୍ୱର୍ଣ୍ଣ ମୁଦ୍ରା । ଦର୍ଶକମାନେ ଏହି ପ୍ରତିଯୋଗୀତାରେ ଭାଗ ନେଇ ସମ୍ପୂର୍ଣ୍ଣ ଲାଭ ଉଠାଇଥିଲେ । ଆଜି ସେଇ ପାର୍ବଣରେ ସୁନାର ବର୍ଷା କାର୍ଯ୍ୟକ୍ରମ ର ଭାଗ୍ୟଶାଳୀ ବିଜେତାଙ୍କୁ ରାଜଧାନୀର ଦ ନ୍ୟୁ ମ୍ୟାରିଅନ ହୋଟେଲ ରେ ପୁରସ୍କାର ପ୍ରଦାନ କରାଯାଇଛି । ଜଗତସିଂପୁରର ଲଲାଟ କିଶୋର ସ୍ୱାଇଁ ମେଗା ବିଜେତା ହୋଇ ୨୦ ଗ୍ରାମ ର ସ୍ୱର୍ଣ୍ଣ ମୁଦ୍ରା ଉପହାର ପାଇଛନ୍ତି । ଜୀ ସାର୍ଥକ ର ଏଭଳି ପଦକ୍ଷେପକୁ ଭାବ ବିହ୍ୱଳ ହୋଇ ମେଗା ବିଜେତା ବହୁତ ପ୍ରଶଂସା କରିଥିଲେ । ଏହି ପାର୍ବଣ ରେ ସୁନାର ବର୍ଷା ଉପହାର ପ୍ରଦାନ ଉତ୍ସବ ରେ ଜୀ ସାର୍ଥକ ଚ୍ୟାନେଲ ହେଡ୍ ପ୍ରତୀକ ସିଲ ଙ୍କ ସମେତ ଲାଲଚାନ୍ଦ ଜ୍ୱେଲର୍ସ ର ଡାଇରେକ୍ଟର ଅଜିତ ହନ୍ସ, ସାଇନାଥ ପଣ୍ଡା ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ୧୪ରେ କତାର ଯିବେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ:** କତାର ଓ ଭାରତ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ସେଠାକୁ ମୋଦି ଯାଉଥିବା ସଚିବ ବିନୟ ସୂଚନା ଦେଇଛନ୍ତି । ଆସନ୍ତା ୧୪ ତାରିଖରେ କତାରର ଦୋହା ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେ ଦୁଇ ଦିନିଆ ୟୁଏଇ ଗସ୍ତ ଶେଷ କରିବା ପରେ ଦୋହାରେ ପହଞ୍ଚିବେ ବୋଲି ଆଜି ବୈଦେଶିକ ମନ୍ତ୍ରଣାଳୟର ସଚିବ ବିନୟ କଓ୍ୱାତ୍ରା ସୂଚନା ଦେଇଛନ୍ତି । କତାର ଓ ଭାରତ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ସେଠାକୁ ମୋଦି ଯାଉଥିବା ସଚିବ ବିନୟ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତ ସମ୍ପର୍କରେ ସୂଚନା ଦେଇ ବିନୟ କହିଛନ୍ତି, ଫେବୃଆରୀ ୧୪ରେ ପ୍ରଧାନମନନ୍ତ୍ରୀ ମୋଦିଙ୍କ ଦୁଇ ଦିନିଆ ୟୁଏଇ ଗସ୍ତ ଶେଷ ହେବଛ ସେହିଦିନ ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ମୋଦି ଦୋହାରେ ପହଞ୍ଚିବେ । ଗସ୍ତ ସମୟରେ ସେ କତାର ଅମୀର ଶେଖ ତାମିମ ବିନ ହମାଦ ଓ ଦେଶର ଅନ୍ୟ ବରିଷ୍ଠ ପ୍ରତିନିଧିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଦ୍ୱିତୀୟଥର ପାଇଁ ପ୍ରଧାନମନ୍ତ୍ରୀ ମୋଦି କତାର ଗସ୍ତରେ ଯାଉଛନ୍ତି । ଭାରତ ଓ କତାର ମଧ୍ୟରେ ଏବେ ୨୦ ବିଲିୟନ ଡଲାରର ବ୍ୟବସାୟିକ ସମ୍ପର୍କ ରହିଛି । ଏହାକୁ ଆହୁରି ମଜବୁତ କରିବା ପାଇଁ ମୋଦି କତାରା ଯାଉଛନ୍ତି । କିଛି ଘଣ୍ଟା ତଳେ କତାର ପକ୍ଷରୁ ବଡ଼ ଘୋଷଣା କରାଯାଇଥିଲା । ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇ କତାରରେ ମୃତ୍ୟୁଦଣ୍ଡ ପାଇଥିବା ନୌସେନାର ୮ ଜଣ ପୂର୍ବତନ କର୍ମଚାରୀଙ୍କୁ କତାର ଅମୀର ରିଲିଜ କରିଥିଲେ । ଏହାପରେ ହିଁ ଭାରତ ପକ୍ଷରୁ ମୋଦି କତାର ଯିବେ ବୋଲି କୁହାଯାଇଛି ।

# ଏନଡିଏରେ ଯୋଗ ଦେଲା ଆର୍‌ଏଲ୍‌ଡି

**ନୂଆଦିଲ୍ଲୀ:** ରାଷ୍ଟ୍ରୀୟ ଲୋକଦଳ (ଆରଏଲଡି) ସୋମବାର ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)ରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛି । ଏହି ଅବସରରେ ଆରଏଲଡି ସଭାପତି ଜୟନ୍ତ ଚୌଧୁରୀ କହିଛନ୍ତି ଯେ ସେ ବହୁତ ସତର୍କତାର ସହ ଚିନ୍ତା କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି । ରାଷ୍ଟ୍ରୀୟ ଦଳ ମୁଖ୍ୟଙ୍କ ଜେଜେବାପା ଚୌଧୁରୀ ଚରଣ ସିଂହଙ୍କୁ ଭାରତ ରତ୍ନ ପ୍ରଦାନ ଘୋଷଣା ହେବାର ତିନି ଦିନ ପରେ ଏହି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣା ଘଟିଛି । ଚୌଧୁରୀ ଚରଣ ସିଂହଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଘୋଷଣା ହେବାର ଗୋଟିଏ ଦିନ ପରେ ଜୟନ୍ତ କହିଥିଲେ, 'ଦିଲ ଜିଦ ଲିଆ', ତାଙ୍କ ଜେଜେବାପା ଚୌଧୁରୀ ଚରଣ ସିଂହଙ୍କୁ ଭାରତ ରତ୍ନ ପ୍ରଦାନ କରିଥିବାରୁ ସେ ମୋଦୀ ସରକାରଙ୍କୁ ପ୍ରଶଂସା କରିଥିଲେ । ଚୌଧୁରୀ ଚରଣ ସିଂହଙ୍କୁ 'ଭାରତ ରତ୍ନ' ମିଳିବା ପରେ ଜୟନ୍ତ ଚୌଧୁରୀ ବିରୋଧୀଙ୍କ 'ଭାରତ' ମେଣ୍ଟ ଛାଡି ଏନଡିଏରେ ଯୋଗ ଦେଇପାରନ୍ତି ବୋଲି ଅନୁମାନ କରାଯାଉଥିଲା, ଯାହାଶେଷରେ ନିଶ୍ଚିତ ହୋଇଯାଇଛି । ଗତ ସାଧାରଣ ନିର୍ବାଚନରେ ରାଷ୍ଟ୍ରୀୟ ଲୋକଦଳ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ମେଣ୍ଟରେ ଯୋଗ ଦେଇଥିଲା ।

## ଭାରତର ବଡ଼ କୂଟନୈତିକ ବିଜୟ

# କତାର ଜେଲରୁ ମୁକୁଳିଲେ ପୂର୍ବତନ ନୌସେନା ଅଧିକାରୀ

**ନୂଆଦିଲ୍ଲୀ:** ପୂର୍ବରୁ ମୋଦୀ ସରକାରଙ୍କ କୂଟନୈତିକ ପ୍ରୟାସ କାରଣରୁ ପୂର୍ବତନ ନୌସୈନିକମାନଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାବାସକୁ କମାଇ ଦିଆଯାଇଥିଲା । ବର୍ତ୍ତମାନ ସେମାନେ ଜେଲରୁ ମୁକୁଳିବା ସହିତ ନିରାପଦ ଭାବେ ଭାରତ ଫେରିଛନ୍ତି । ଅଗଷ୍ଟ ୨୦୨୨ରେ କ୍ୟାପଟେନ୍ ନଭେ୍ତଜ୍ ସିଂ ଗିଲ୍, କ୍ୟାପଟେନ୍ ସୌରଭ ବଶିଷ୍ଠ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିଓ୍ୱାରୀ, କ୍ୟାପଟେନ ବୀରେନ୍ଦ୍ର କୁମାର ବର୍ମା, କମାଣ୍ଡର ସୁଗୁଣକର ପାକାଲା, କମାଣ୍ଡର ସଞ୍ଜୀବ ଗୁପ୍ତା, କମାଣ୍ଡର ଅମିତ ନାଗପାଲ ଓ ନାବିକ ରାଗେଶଙ୍କୁ ଗିରଫ କରାଯାଇଥିଲା ଏବଂ ସେବେଠାରୁ ସେମାନେ କତର ଜେଲରେ ଥିଲେ । ୨୬ ଅକ୍ଟୋବର ୨୦୨୩ରେ କତର ଅଦାଲତ ସମସ୍ତ ଆଠ ଜଣ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ କପ୍ ୨୮ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କତରର ଅମିର ବା ଶାସକ ଶେଖ୍ ତମିମ୍ ବିନ୍ ହମାଦ୍ ଅଲ୍ -ଥାନିଙ୍କୁ ଭେଟି ତାଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ ।



ଏହାପରେ ଡିସେମ୍ବର ମାସରେ ମୃତ୍ୟୁ ଦଣ୍ଡାଦେଶକୁ କମାଇ ଦିଆଯାଇଥିଲା । ଏବେ ଭାରତ ଫେରିଥିବା ଅବସରପ୍ରାପ୍ତ ନୌସେନା କର୍ମଚାରୀମାନେ ସେମାନଙ୍କ ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କହିଛନ୍ତି, ''ଭାରତକୁ ସୁରକ୍ଷିତ ଭାବେ ଫେରିଥିବାରୁ ଆମେ ଖୁସି । ନିଶ୍ଚିତ ଭାବେ, ଆମେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଦେବାକୁ ଚାହିଁବୁ କାରଣ କେବଳ ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ କାରଣରୁ ଏହା ସମ୍ଭବ ହୋଇପାରିଥିଲା । ''ସଂକଟ ସମୟରେ ବିଦେଶ ମାଟିରେ ଫସି ରହିଥିବା ନିଜ ନାଗରିକଙ୍କୁ ଭାରତ ସରକାର ସୁରକ୍ଷିତ ଭାବେ ଫେରାଇ ଆଣିବାର ଏହା ପ୍ରଥମ ଘଟଣା ନୁହେଁ । ଭାରତ ସବୁବେଳେ ନିଜର ପ୍ରତ୍ୟେକ ନାଗରିକଙ୍କ ଜୀବନର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସଂକଟପୂର୍ଣ୍ଣ ପରିସ୍ଥିତିରେ ଫସି ରହିଥିବା ଭାରତୀୟ ନାଗରିକମାନଙ୍କୁ ଉଦ୍ଧାର କରିବା ଓ ସେମାନଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ଲାଗି ସବୁବେଳେ ତ୍ୱରିତ ଓ ନିର୍ଣ୍ଣାୟକ ନିଷ୍ପତ୍ତି ନେବା ସହିତ ଭାରତର କୂଟନୈତିକ ଓ ସାମରିକ ଦକ୍ଷତାକୁ ଯଥାସମ୍ଭବ ଉପଯୋଗ କରିଛନ୍ତି । ବିଶ୍ୱର ପ୍ରମୁଖ ରାଷ୍ଟ୍ରନେତାଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସମୀକରଣ ଏବଂ ଭାରତର ବର୍ଦ୍ଧିତ ଅନ୍ତର୍ଜାତୀୟ ଭାବମୂର୍ତ୍ତି ବିପଦପୂର୍ଣ୍ଣ ଅଞ୍ଚଳରୁ ହଜାର ହଜାର ଭାରତୀୟଙ୍କୁ ନିରାପଦ ଭାବେ ଫେରାଇ ଆଣିବାରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି ।

# ପ.ବଙ୍ଗରେ ବିଜେପିର ୬ ବିଧାୟକ ନିଲମ୍ବିତ

**କୋଲକାତା:** ପଶ୍ଚିମବଙ୍ଗ ବିଧାନସଭା ଗୃହରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସମେତ ୬ ଜଣ ବିଜେପି ବିଧାୟକଙ୍କୁ ଆଜି ପଶ୍ଚିମବଙ୍ଗ ବିଧାନସଭାରୁ ନିଲମ୍ବିତ କରାଯାଇଛି । ଶ୍ରୀ ଅଧିକାରୀଙ୍କ ସମେତ ବିଜେପି ବିଧାୟକ ଅଗ୍ନିମିତ୍ର ପାଲ, ମିହିର ଗୋସ୍ୱାମୀ, ବଙ୍କିମ ଘୋଷ, ତାପସୀ ମଣ୍ଡଳ ଓ ଶଙ୍କର ଘୋଷଙ୍କୁ ଚଳିତ ଅଧିବେଶନର ଅବଶିଷ୍ଟ ଅଂଶ ବା ୩୦ ଦିନ ପାଇଁ ବିଧାନସଭାରୁ ନିଲମ୍ବିତ କରାଯାଇଛି । ଆଜି ପ୍ରଶ୍ନକାଳ ଆରମ୍ଭରୁ ବିଜେପି ବିଧାୟକମାନେ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ସନ୍ଦେଶଖାଲିରେ ଅଶାନ୍ତି ପାଇଁ ତୃଣମୂଳ କଂଗ୍ରେସ ସରକାରଙ୍କ ବିରୋଧରେ ଗୃହରେ ସ୍ଲୋଗାନ ଦେଇଥିଲେ । ବିଜେପି ବିଧାୟକମାନେ ଗୃହ ମଧ୍ୟଭାଗରେ ବସି ନାରାବାଜି କରିଥିଲେ । ଏହାପରେ ବାଚସ୍ପତି ବିମାନ ବାନାର୍ଜୀ ତୃଣମୂଳ କଂଗ୍ରେସ ବିଧାୟକ ଶୋଭନଦେବ ଚାଟାର୍ଜୀଙ୍କୁ ବିଜେପି ବିଧାୟକଙ୍କ ନିଲମ୍ବନ ପାଇଁ ପ୍ରସ୍ତାବ ଆଗତ କରିବାକୁ ଅନୁମତି ଦେଇଥିଲେ ।



ଏହାପରେ ବାଚସ୍ପତି ବିଜେପି ବିଧାୟକମାନଙ୍କୁ ଗୃହରୁ ନିଲମ୍ବିତ କରିଥିଲେ । ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ତୃଣମୂଳ ନେତା ଶେଖ୍ ଶାଜାହାନ ଓ ତାଙ୍କ 'ଗ୍ୟାଙ୍ଗ' ସନ୍ଦେଶଖାଲିରେ ବଳପୂର୍ବକ ଅନେକ ଜମି ଦଖଲ କରିବା ସହ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ କରି ସନ୍ଦେଶଖାଲିରେ ବହୁ ସଂଖ୍ୟକ ମହିଳା ଗତ କିଛି ଦିନ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଗତ ମାସରୁ ଫେରାର ଥିବା ଶାଜାହାନଙ୍କ ଘରେ ଚଢ଼ାଉ କରିବାକୁ ଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଟିମ୍ ଉପରେ ଆକ୍ରମଣ ହେବା ପରେ ତାଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ ।

# ସିସୋଦିଆଙ୍କୁ ମିଳିଲା ୩ ଦିନିଆ ଜାମିନ

**ନୂଆଦିଲ୍ଲୀ:** ତଥାକଥିତ ଅବକାରୀ ନୀତି ଦୁର୍ନୀତି ମାମଲାର ଟଙ୍କା ହେରଫେର ଅଭିଯୋଗରେ ଗିରଫ ହୋଇଥିବା ମନୀଷ ସିସୋଦିଆ ବର୍ତ୍ତମାନ ଦିଲ୍ଲୀର ତିହାଡ ଜେଲରେ ବନ୍ଦ ଅଛନ୍ତି । ଏହାପୂର୍ବରୁ ସେ ୧୧ ନଭେମ୍ବରରେ ନିଜ ଅସୁସ୍ଥ ସ୍ତ୍ରୀ ସୀମାଙ୍କୁ ଭେଟିବା ପାଇଁ ଘରକୁ ଯାଇଥିଲେ । ଆମ୍ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ମିଳିଲା ଆଶ୍ୱସ୍ତିଛ ଦିଲ୍ଲୀ ତଥା କଥିତ ଅବକାରୀ ନୀତି ଦୁର୍ନୀତି ମାମଲାରେ ଏକ ବର୍ଷ ଧରି ଜେଲରେ ବନ୍ଦ ଥିବା ଏହି ଆପ୍ ନେତାଙ୍କୁ ଶେଷରେ ମିଳିଛି ଜାମିନ୍ । କୋର୍ଟ ତାଙ୍କୁ ତିନି ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଆସନ୍ତା ୧୩ରୁ ୧୫ ତାରିଖ ଯାଏଁ ଲକ୍ଷ୍ନୌରେ ହେବାକୁ ଥିବା ତାଙ୍କ ଝିଆରି ବିବାହରେ ଯୋଗ ଦେବା ପାଇଁ କୋର୍ଟ ସିସୋଦିଆଙ୍କୁ ଅନୁମତି ଦେଇଛନ୍ତି ।

ପୁତୁରାଙ୍କ ବିବାହରେ ସାମିଲ ହେବା ପାଇଁ ଦିଲ୍ଲୀ ରାଉଜ ଏଭେନ୍ୟୁ କୋର୍ଟରେ ଫେବ୍ରୁଆରୀ ୧୨ରୁ ୧୬ ଯାଏଁ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ ସିସୋଦିଆ । ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କିନ୍ତୁ ସିସୋଦିଆଙ୍କ ଏହି ଆବେଦନକୁ ବିରୋଧ କରିଥିଲା । କିନ୍ତୁ କୋର୍ଟ ଆପ୍ ନେତାଙ୍କ ଏହି ଆବେଦନକୁ ମଞ୍ଜୁର କରିବା ସହ ତାଙ୍କୁ ୧୩ରୁ ୧୫ ଯାଏ ତିନି ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଅସନ୍ତା ୧୪ ତାରିଖରେ ଲକ୍ଷ୍ନୌରେ ତାଙ୍କ ଝିଆରିଙ୍କ ବିବାହ ଅଛିଛ ତେବେ ଶୁଣାଣି ବେଳେ ପୁଲିସଙ୍କ ସହ ନୁହେଁ ଏକୁଟିଆ ଘରକୁ ଯିବାକୁ କୋର୍ଟକୁ ନିବେଦନ କରିଛନ୍ତି ସିସୋଦିଆ । ବିବାହ ସମୟରେ ପୁଲିସମାନଙ୍କୁ ମୋ ସହ ପଠାଇ ପରିବାର ଲୋକଙ୍କୁ ହଇରାଣ କରନ୍ତୁ ନାହିଁ । ବାହାଘର ବେଳେ ଖୁସିର ମାହୋଲକୁ ଏହା ବେକାର କରିଦେବ ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ, ତଥାକଥିତ ଅବକାରୀ ନୀତି ଦୁର୍ନୀତି ମାମଲାର ଟଙ୍କା ହେରଫେର ଅଭିଯୋଗରେ ଗିରଫ ହୋଇଥିବା ମନୀଷ ସିସୋଦିଆ ବର୍ତ୍ତମାନ ଦିଲ୍ଲୀର ତିହାଡ ଜେଲରେ ବନ୍ଦ ଅଛନ୍ତି ।

# ଏଥର ନିର୍ବାଚନ ଲଢ଼ିବେ ପ୍ରିୟଙ୍କା

**ନୂଆଦିଲ୍ଲୀ:** ରାଜ୍ୟସଭା ନିର୍ବାଚନକୁ ନେଇ ସବୁ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଉଛି । ଏନଡିଟିଭିର ଏକ ରିପୋର୍ଟ ଅନୁଯାୟୀ, ସୋନିଆ ଗାନ୍ଧି ରାଜସ୍ଥାନରୁ ରାଜ୍ୟସଭା ନିର୍ବାଚନ ଲଢ଼ିପାରନ୍ତି । ସୋନିଆ ଗାନ୍ଧି ବର୍ତ୍ତମାନ ଉତ୍ତରପ୍ରଦେଶର ରାଏବରେଲିରୁ ସାଂସଦ ଅଛନ୍ତି । ତେବେ ଆସନ୍ତା ନିର୍ବାଚନରେ ସୋନିଆଙ୍କ ଝିଅ ତଥା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ସୋନିଆ ଗାନ୍ଧୀଙ୍କ ଆସନରୁ ଲୋକସଭା ନିର୍ବାଚନ ଲଢ଼ିପାରନ୍ତି । ସ୍ୱାସ୍ଥ୍ୟଗତ କାରଣରୁ ସୋନିଆ ଆଉ ଲୋକସଭା ନିର୍ବାଚନ ଲଢିବାକୁ ରାଜି ହେଉନଥିବା କୁହାଯାଉଛି । ଏହି କାରଣରୁ ତାଙ୍କୁ ରାଜ୍ୟସଭାରୁ ମନୋନୀତ କରିବାକୁ ଦଳ ବିଚାର କରୁଛି । ରାଏବରେଲି ପାରମ୍ପରିକ ଭାବେ ଗାନ୍ଧି ପରିବାରର ସୁରକ୍ଷିତ ଆସନ ଭାବେ ଜଣାଶୁଣା । ସୂଚନାଯୋଗ୍ୟ, ରାଜସ୍ଥାନର ୩ଟି ଆସନରେ ରାଜ୍ୟସଭା ନିର୍ବାଚନ ହେବାକୁ ଯାଉଛି । ବିଜେପିକୁ ୨ଟି ଓ କଂଗ୍ରେସକୁ ଗୋଟିଏ ଆସନ ମିଳିବାର ସମ୍ଭାବନା ରହିଛି । ମୋଟାମୋଟି ଭାବେ ଚଳିତ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ୧୦ଟି ଆସନ ଜିତିପାରେ । ତେଲେଙ୍ଗାନାରୁ ୨ଟି, କର୍ଣ୍ଣାଟକର ୩ଟି, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ, ଝାଡ଼ଖଣ୍ଡ ଓ ବିହାରରୁ ଗୋଟିଏ ଲେଖାଏଁ ଆସନ କଂଗ୍ରେସ ପାଇବ ବୋଲି ଆକଳନ କରାଯାଇଛି । ଫେବ୍ରୁଆରି ୧୫ ସୁଦ୍ଧା ରାଜ୍ୟସଭାର ୫୬ଟି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯିବ ଏବଂ ଆବଶ୍ୟକ ପଡ଼ିଲେ ଫେବୃଆରି ୨୭ତାରିଖରେ ମତଦାନ ହେବ ।

# ଆସ୍ଥା ଜିତିଲେ ନୀତିଶ

**ନୂଆଦିଲ୍ଲୀ:** ନୀତିଶ କୁମାର ବିହାର ବିଧାନସଭାରେ ଆସ୍ଥା ଭୋଟ୍ ଜିତିଛନ୍ତି । ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସପକ୍ଷରେ ୧୨୯ଟି ଭୋଟ୍ ପଡିଥିଲା । ଆର୍‌ଜେଡିର ୩ ବିଧାୟକ ନୀତିଶଙ୍କୁ ସମର୍ଥନ ଦେଇଥିବା ଜଣାପଡିଛି । ଆସ୍ଥା ଭୋଟ୍ ପୂର୍ବରୁ ବିହାର ବିଧାନସଭାର ବାଚସ୍ପତିଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଅଣାଯାଇଥିଲା । ଫଳରେ ସେ ତାଙ୍କ ପଦବୀରୁ ଓହରି ଜାଇଥିଲେ । ଆର୍‌ଜେଡି ସହ ମେଣ୍ଟ ଭାଙ୍ଗିବା ପରେ ନୀତିଶ ବିଜେପି ସମର୍ଥନରେ ନବମ ଥର ଲାଗି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଏହି ୫ ବର୍ଷରେ ନୀତିଶ କୁମାର ପଚ୍ଛ ପରିବର୍ତ୍ତନ କରି ୩ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେଣି । ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କଡା ଭାଷାରେ ନୀତିଶଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି । ଆସ୍ଥା ଭୋଟ୍ ଜିତିବା ଘୋଷଣା ହେବାପରେ ମହାଗଠବନ୍ଧନର ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ । ତେଜସ୍ୱୀ ଯାଦବ କହିଥିଲେ ଯେ ଆମେ ଏଠି ଆପଣଙ୍କ ମନୋରଞ୍ଜନ ପାଇଁ ନାଚ ଗୀତ ଦେଖିବାକୁ ଆସିନାହୁଁ । ୨୦୨୨ରେ ଆରଜେଡି ସହ ପୁଣି ମେଣ୍ଟ କରି ନୀତିଶ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ନୀତିଶଙ୍କ ସପକ୍ଷରେ ୧୨୯ଟି ଭୋଟ୍ ପଡିଥିଲା । ନୀତିଶ କୁମାର କହିଥିଲେ ଯେ ଆରଜେଡି ରାଜ୍ୟରେ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଥିବାରୁ ସେ ନୂଆ ସରକାର ଗଠନ ପାଇଁ ମନ ବଳାଇଲେ । ଆଇନ୍ ଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଥିଲା । ତେଜସ୍ୱୀଙ୍କୁ ଆକ୍ଷେପ କରି ନୀତିଶ କହିଥିଲେ ଯେ ତାଙ୍କ ବାପ-ମା'ଙ୍କ ସମୟରେ ବିହାରର ସ୍ଥିତି କ'ଣ ଥିଲା ସମସ୍ତେ ଜାଣିଛନ୍ତି । ରାତିରେ କେହି ରାସ୍ତାରେ ଚାଲି ଯାଇପାରୁନଥିଲେ । ଏହି ଲୋକମାନଙ୍କର କାର୍ଯ୍ୟ ହେଉଛି କେବଳ ଅର୍ଥ ରୋଜଗାର କରିବା । ତେଜସ୍ୱୀ ମଧ୍ୟ ନୀତିଶଙ୍କୁ ଟାର୍ଗେଟ କରି କହିଥିଲେ ଯେ ସବୁବେଳେ ନୀତିଶ ତାଙ୍କୁ ପୁତୁରା ବୋଲି ଡାକୁଥିଲେ । ନରେନ୍ଦ୍ର ମୋଦିଙ୍କୁ ରାଜ୍ୟରେ କିଏ ବନ୍ଦ କରିଥିଲା । ବିଜେପି କେଉଁଭଳି ଭାବରେ ନୀତିଶଙ୍କୁ ପଲଟୁ କୁମାର କହିଥିଲା ତାହା ମଧ୍ୟ ସେ ଉଲ୍ଲେଖ କରିଥିଲେ ।



# ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କୁ ଇଡି ସମନ

**ନୂଆଦିଲ୍ଲୀ:** ତାଙ୍କୁ ସମାନ ମାମଲାରେ ଗତ ମାସରେ ମଧ୍ୟ ଇଡି ସମନ କରିଥିଲା । କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସେ ଇଡି ନିକଟରେ ହାଜର ହୋଇ ନଥିଲେ । ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭେଟରାନ ରାଜନେତା ଫାରୁକ ଅବଦୁଲ୍ଲାଙ୍କୁ ଆଜି ଇଡି ସମନ କରିଛି । ଗୋଟିଏ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ସମନ କରାଯାଇଛି ।

୮୬ ବର୍ଷୀୟ ଫାରୁକ ଏବେ ଶ୍ରୀନଗରର ଲୋକସଭା ସଦସ୍ୟ ରହିଛନ୍ତି । ତାଙ୍କୁ ସମାନ ମାମଲାରେ ଗତ ମାସରେ ମଧ୍ୟ ଇଡି ସମନ କରିଥିଲା । କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସେ ଇଡି ନିକଟରେ ହାଜର ହୋଇ ନଥିଲେ । ତେଣୁ ତାଙ୍କୁ ପୁଣିଥରେ ଶ୍ରୀନଗର ଇଡି ଅଫିସରେ ହାଜର ହେବାକୁ ସମନ କରାଯାଇଛି । ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଏବେ ଇଡି ବେଶ ସକ୍ରିୟ ହୋଇ ଉଠିଛି । ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ କିଛି ଦିନ ତଳେ ଇଡି ଗିରଫ କରିଥିଲା । ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲଙ୍କ ପଛରେ ମଧ୍ୟ ଇଡି ପଡ଼ିଛି । ଏବେ ଏହି ତାଲିକାରେ ଫାରୁକ ଯୋଡ଼ି ହୋଇ ଯାଇଛନ୍ତି ।

ଫାରୁକ ଅବଦୁଲ୍ଲାଙ୍କୁ ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏସନର ପାଣ୍ଠି ଘୋଟାଲା ମାମଲାରେ ଇଡି ସମନ କରିଛି । ଆସୋସିଏସନ ପାଇଁ ଆସିଥିବା ଟଙ୍କାକୁ ସଂଘର କର୍ମକର୍ତ୍ତା ଓ ବିଭିନ୍ନ ଲୋକଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିବା ଅଭିଯୋଗ ହୋଇଛି । ୨୦୦୧ରୁ ୨୦୧୨ ମଧ୍ୟରେ ବିସିସିଆଇ ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏସନକୁ ୧୧୨ କୋଟି ଟଙ୍କା ଦେଇଥିଲେ । ଆସୋସିଏସନ ଓ କ୍ରିକେଟର ବିକାଶ ପାଇଁ ପାଣ୍ଠି ଯୋଗାଣ କରାଯାଇଥିଲା ।

## ତାମିଲନାଡୁରେ ତେଜିଲା ବିବାଦ

# ବିଧାନସଭା କକ୍ଷ ତ୍ୟାଗ କଲେ ରାଜ୍ୟପାଳ

**ଚେନ୍ନାଇ:** ତାମିଲନାଡୁ ବିଧାନସଭାର ଅଧିବେଶନ ପୂର୍ବରୁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଅଭିଭାଷଣ ଦେଇଥାନ୍ତେ ରାଜ୍ୟପାଳ । ତେବେ ସରକାରଙ୍କ ଦ୍ୱାରା ଅଭିଭାଷଣରେ ଏମିତି ଅନେକ ଅଂଶରେ ସଠିକ ତଥ୍ୟ ଦିଆଯାଇନଥିଲା । ତେଣୁ ଏହି ଅଭିଭାଷଣରେ ସହମତ ହୋଇନଥିଲେ ଆରଏନ ରବି । ଏହାକୁ ପିବାକୁ ସେ ମନା କରିଦେଇଥିଲେ । ରାଜ୍ୟପାଳ କହିଛନ୍ତି, ମୁଁ ଅନେକଥର ଅଭିଭାଷଣ ଆରମ୍ଭ ଓ ଶେଷରେ ଜାତୀୟ ସଙ୍ଗୀତ ବଜାଇବାକୁ ପରାମର୍ଶ ଦେଇଥିଲି । ଏଭଳି କିରିବା ଦ୍ୱାରା ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ମୋର ଉଦ୍ଦେଶ୍ୟ ଥିଲା । କିନ୍ତୁ ଏହାକୁ ବେଖାତିର କରାଗଲା । ରାଜ୍ୟ ସରକାରଙ୍କ ବିରୋଧରେ ଏଭଳି କିଛି ସଙ୍ଗୀନ ଅଭିଯୋଗ ଆଣି ବିଧାନସଭାରୁ ଓ୍ୱାକ୍‌ଆଉଟ୍ କରିଥିଲେ ରାଜ୍ୟପାଳ । ତେବେ ଗୃହ ଛାଡିବା ପୂର୍ବରୁ ବିଧାନସଭାର ସଠିକ ଢଙ୍ଗରେ ଚାଲିବା ପାଇଁ ଶୁଭକାମନା ଦେଇଥିଲେ । ଏଥିସହ ଲଢ଼େଇ ପାଇଁ ଭଲ ଡିବେଟ୍ ହେଉ ବୋଲି ସେ କହିଥିଲେ । ରାଜ୍ୟପାଳ ଗୃହ ଛାଡିବା ପରେ ବାଚସ୍ପତି ଅପ୍ପାଭୁ ବିଧାନସଭାର ପ୍ରଥମ ଅଧିବେଶନର ଭାଷଣ ପଢ଼ିଥିଲେ । ଗତବର୍ଷ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା । ୯ ଜାନୁଆରୀ ୨୦୨୩ରେ ରାଜ୍ୟପାଳ ଶାସକ ଦଳ ଡିଏମକେ ଦ୍ୱାରା ପ୍ରସ୍ତୁତ ସରକାରୀ ଭାଷଣର କିଛି ଅଂଶକୁ ଛାଡି ଦେଇଥିଲେ । ନିଜ ଭାଷଣରେ ସେ ପେରିୟର୍, ବି.ଆର୍ ଆମ୍ବେଦକର, କେ କାମାରାଜ, ସିଏନ୍ ଅନ୍ନଦୁରାଇ ଏବଂ କେ କରୁଣାନିଧି ଭଳି ନେତାଙ୍କ ନାମକୁ ଉଲ୍ଲେଖ କରିନଥିଲେ । ଏହା ପରେ କେବଳ ସରକାରୀ ଭାଷଣ ରେକର୍ଡ କରିବା ପାଇଁ ଏକ ପ୍ରସ୍ତାବ ପାରିତ କରି ମୁଖ୍ୟମନ୍ତ୍ରୀ ଷ୍ଟାଲିନ ପ୍ରତିକ୍ରିୟା ଦେଇଥିଲେ । ଏହାପରେ ରାଜ୍ୟପାଳ ଆର୍‌ଏନ୍ ରବି ବିଧାନସଭା ଛାଡି ଚାଲି ଯାଇଥିଲେ । ତାମିଲନାଡୁର ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପୂର୍ବରୁ ଅନେକ ଥର ବିବାଦ ଦେଖିବାକୁ ମିଳିଛିଛ ୨୦୨୧ରେ ଆରଏନ ରବି ତାମିଲନାଡୁର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କ୍ୟାବିନେଟ ନିଷ୍ପତ୍ତି ଓ ୧୦ରୁ ଅଧିକ ବିଧେୟକଙ୍କୁ ମଞ୍ଜୁରୀ ଦେବାରେ ରାଜ୍ୟପାଳ ବିଳମ୍ବ କରୁଛନ୍ତି ବୋଲି ଷ୍ଟାଲିନ ସରକାରଙ୍କ ପକ୍ଷରୁ ପୂର୍ବରୁ ଅଭିଯୋଗ କରାଯାଇଥିଲା । ତେଣୁ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବହିଷ୍କାର କରିବା ନେଇ ଘୋଷଣା କରିଥିଲେ । ସେବେଠାରୁ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଲାଗି ରହିଛି ।



# ଦିଲ୍ଲୀରେ ସମାବେଶ ବନ୍ଦ

**ନୂଆଦିଲ୍ଲୀ:** ଦିଲ୍ଲୀରେ ଆଗାମୀ ମାସେ ପର୍ଯ୍ୟନ୍ତ ବିଶାଳ ସମାବେଶ ଉପରେ ଲାଗିଲା ରୋକ୍ । ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ରାଜଧାନୀରେ କୌଣସି ପ୍ରକାର ବିଶାଳ ସମାବେଶର ଆୟୋଜନ ହୋଇପାରିବ ନାହିଁ ବୋଲି ଦିଲ୍ଲୀ ପୁଲିସ କମିଶନର କହିଛନ୍ତି । କୃଷକ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଏପରି କାର୍ଯ୍ୟାନୁଷ୍ଠାନ ନେଇଛି ପୁଲିସ ପ୍ରଶାସନ । ସାଚନା ଅନୁସାରେ, ଆସନ୍ତାକାଲି ଦିଲ୍ଲୀରେ ହଜାର ହଜାର କୃଷକ ବିକ୍ଷୋଭ ସାଙ୍ଗକୁ ଟ୍ରାକ୍ଟର ରାଲି କରିବା ନେଇ ସଜବାଜ ହେଉଥିଲେ । ପଞ୍ଜାବ ଓ ହରିୟାଣାର ୨୦୦ କୃଷକ ସଂଗଠନ 'ଦିଲ୍ଲୀ ଚଲୋ' ଡାକରା ଦେଇ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହୋଇଥିଲେ । ଏପରିକି ରାଜଧାନୀରେ ଟ୍ରାକ୍ଟର ରାଲି କରିବା ନେଇ ହରସେଲ୍ ମଧ୍ୟ କରିଥିଲେ । ପାଖାପାଖି ୨୦,୦୦୦ରୁ ଅଧିକ କୃଷକ ଏକ ସମୟରେ ଆନ୍ଦୋଳନ କରିବାକୁ ଥିବାରୁ ପଞ୍ଜାବ, ହରିୟାଣା ଏବଂ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । କିଛି ସମୟ ପୂର୍ବରୁ ହରିୟାଣା ସରକାର ଦୁଇଟି ଷ୍ଟାଡିୟମରେ ଅସ୍ଥାୟୀ ଜେଲରେ ବ୍ୟବସ୍ଥା କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ କମିଶନର ରାଜଧାନୀରେ ବିଶାଳ ସମାବେଶ ଉପରେ ରୋକ୍ ଲଗାଇଛନ୍ତି । ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରା ଦେଇଥିବା ନିର୍ଦ୍ଦେଶାନାମା ଅନୁସାରେ, ବିଶାଳ ସମାବେଶ ସାଙ୍ଗକୁ ରାଜଧାନୀକୁ ଟ୍ରାକ୍ଟର ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଏଥିସହ ବନ୍ଧୁକ, ଜ୍ୱଳନ୍ତ ପଦାର୍ଥ ବହନ ଏବଂ ଇଟା, ପଥର, ଅସ୍ତ୍ରଶସ୍ତ୍ର, ପେଟ୍ରୋଲ୍ କେନ୍ ଓ ସୋଡା ବୋତଲ ସଂଗ୍ରହ କରିବା ଉପରେ ମଧ୍ୟ ରୋକ୍ ଲଗାଯାଇଛି । କୌଣସି ବ୍ୟକ୍ତି ଏହି ସବୁ ଆପତ୍ତିଜନକ ସାମଗ୍ରୀର ସଂଗ୍ରହ କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦିଲ୍ଲୀ ପୁଲିସ କମିଶନର କହିଛନ୍ତି । ସେହିପରି ଲାଉଡ ସ୍ପିକର ବ୍ୟବହାର ଉପରେ ମଧ୍ୟ ନିଷେଧାଦେଶ ଦିଆଯାଇଛି । ଏହି ସବୁ ଆଦେଶର ଉଲ୍ଲଂଘନ କଲେ ଗିରଫ କରାଯିବ ବୋଲି ପୁଲିସ ଚେତାବନୀ ଦେଇଛି । ପ୍ରକାଶ ଥାଉ କି, ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ତଥା ଏମଏସପି ଉପରେ ଆଇନଗତ ଗ୍ୟାରେଣ୍ଟି ଏବଂ ଏମଏସ ସ୍ୱାମୀନାଥନ ଆୟୋଗର ସୁପାରିଶକୁ କାର୍ଯ୍ୟକାରୀ କରିବାକୁ କୃଷକଙ୍କ ଦାବି ରହିଛି । ଦୀର୍ଘ ୭୫ ବର୍ଷ ହେବ ଏହି ଦାବି ପୂରଣ ହୋଇପାରୁ ନାହିଁ ବୋଲି କୃଷକମାନେ ଅଭିଯୋଗ କରିଛନ୍ତି । ତେଣୁ ଏସବୁ ଦିଗ ଉପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆନ୍ଦୋଳନ କରାଯିବ ବୋଲି ଚାଷୀ ନେତାମାନେ କହିଥିଲେ ।

# ଭାରତୀୟ ଟେନିସ୍ ବଲ କ୍ରିକେଟ୍ ମହାସଂଘର ନୂଆ କର୍ମକର୍ତ୍ତା




ଭୁବନେଶ୍ୱର,୧୨।୨(ସବ୍ୟୁ): ଭାରତୀୟ ଟେନିସ ବଲ କ୍ରିକେଟ ମହାସଂଘର ୨୦୨୪ ରୁ ୨୦୨୮ ପର୍ଯ୍ୟନ୍ତ ନୂତନ କାର୍ଯ୍ୟ କାରି ଦଳର ନିର୍ବାଚନ ଉତ୍ତରପ୍ରଦେଶର ଗୋରଖପୁର ଠାରେ ଭାରତୀୟ ଟେନିସ ବଲ କ୍ରିକେଟ ମହାସଂଘ ତରଫରୁ ଆୟୋଜିତ ହୋଇଯାଇଛି । ନିର୍ବାଚନ ପ୍ରକ୍ରିୟା ସଂଘର ନିର୍ବାଚନ ଅଧିକାରୀ ଆଲୋକ ଦ୍ୱିବେଦୀ, ଯଶବୀର ସିଂ ଓ ଜେ ଅଖତାରଙ୍କର ଅଧ୍ୟକ୍ଷତା ସହିତ ସମସ୍ତ ରାଜ୍ୟ ଓ ଅଂଶଗ୍ରହଣ କରୁଥିବା ସଂଘ ମାନଙ୍କ ଉପସ୍ଥିତିରେ ସମ୍ପର୍ଣ୍ଣ ହୋଇଥିଲା ।

ଏଥିରେ ଓଡିଶା ଟେନିସ ବଲ କ୍ରିକେଟ ଦଳର ମହାସଚିବ ସିଥିଲ କୁମାର ପଣ୍ଡା ଉପ-ସଭାପତି ଭାବେ ଏହି ନିର୍ବାଚନରେ ପାର୍ଥି ହୋଇ ଭାରତୀୟ ଟେନିସ ବଲ କ୍ରିକେଟ ସଂଗଠନର ଉପ-ସଭାପତି ପଦରେ ନିର୍ବାଚିତ ହୋଇଛନ୍ତି । ସେଥିପାଇଁ ଉତ୍ସାହର ସହିତ ଓଡିଶା ଟେନିସ ବଲ କ୍ରିକେଟ ସଙ୍ଘର କର୍ମକର୍ତ୍ତା ଓ ଓଡିଶାର ବହୁ ସଂଗଠନ ତରଫରୁ ଶୁଭେଚ୍ଛାର ବାର୍ତ୍ତା ଦିଆଯାଉଛି ।

## ଟାଟା ଷ୍ଟିଲ୍ ମିଡିଆ ମୈତ୍ରୀ କପ କ୍ରିକେଟ୍

# ଯୋଡା ମିଡିଆ ଚାମ୍ପିଅନ

ଯୋଡା,୧୨।୨(ସବ୍ୟୁ): ଟାଟା ଷ୍ଟିଲ୍ ଲିମିଟେଡ ଆନୁକୂଲ୍ୟରେ ଆୟୋଜିତ ଏକଦିବସୀୟ ମିଡିଆ ମୈତ୍ରୀ କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ରବିବାର ଆୟୋଜିତ ହୋଇଯାଇଛି । ସମୁଦାୟ ୬ଟି ଦଳ କୁ ନେଇ ଆୟୋଜିତ ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟ ରେ କୋଇଡ଼ା ଟିମ କୁ ହରାଇ ଯୋଡା ମିଡିଆ ଦଳ ଚାମ୍ପିଅନ୍ ହୋଇଛି ।ଏହି ଟୁର୍ଣ୍ଣାମେଣ୍ଟ ରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ (ଓ ଏମ୍ କ୍ୟୁ) ର ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ ଯୋଡାର ମୁଖ୍ୟ ରାଜେଶ କୁମାର, କଳମଙ୍ଗ ଓ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ମୁଖ୍ୟ




ରାହୁଲ କିଶୋର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଚିତ୍ତାକର୍ଷକ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି କୋଇଡ଼ା ଦଳ ଦୁଇ ୱିକେଟ ହରାଇ ୫୬ ରନ ସଂଗ୍ରହ କରିଥିଲା ।ଏହି ଟାର୍ଗେଟକୁ ପିଛା କରି ଯୋଡା ଦଳ ଟୁର୍ଣ୍ଣାମେଣ୍ଟ ର ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା।ଏହି ଦିବାରାତ୍ର ମ୍ୟାଚରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିବା ଯୋଗୁଁ ମ୍ୟାନ୍ ଅଫ ଦି ମ୍ୟାଚ ଭାବରେ ଯୋଡା ଦଳର ସମୀର କୁମାର ଦାଶ, ମନୀନ୍ଦ୍ର ସୁନ୍ଦର ବାରିକ ଓ କୋଇଡ଼ା ଦଳ ର ପପୁ ପାତ୍ର ଙ୍କୁ ପୁରସ୍କୃତ କରଯାଇଥିଲା ।କୋଇଡା ଦଳର ଆକାଶ ଶର୍ମା ଙ୍କୁ ବେଷ୍ଟ ବ୍ୟାଟସମ୍ୟାନ୍ ଭାବରେ ଓ ଯୋଡା ଦଳର କ୍ୟାପଟେନ୍ ଦୀପକ ଶତପଥୀ ଙ୍କୁ ମ୍ୟାନ୍ ଅଫ ଦ ସିରିଜ ଭାବେ ପୁରସ୍କୃତ କରଯାଇଥିଲା ।




ମୁମ୍ବାଇରେ ଅନୁଷ୍ଠିତ ସ୍ପୋର୍ଟ୍ସ ଷ୍ଟାର ଆସେସ ଆୱାର୍ଡସ୍-୨୦୨୪ରେ ଟାଟାଷ୍ଟିଲକୁ ମିଳିଛି ବେଷ୍ଟ କର୍ପୋରେଟ୍ ଫର୍ ଦ.ପ୍ରମୋସନ୍ ଅଫ୍ ସ୍ପୋର୍ଟ୍ସ ଆୱାର୍ଡ । ଟାଟାଷ୍ଟିଲ କର୍ପୋରେଟ୍ କମ୍ୟୁନିକେସନ ମୁଖ୍ୟ ସର୍ବେଷ କୁମାର ଓ ଜାମସେଦପୁର ଫୁଟବଲ କ୍ଲବ୍ ସିଇଓ ମୁକୁଲ ଚୌଧୁରୀ ଏହି ପୁରସ୍କାର ଟେବୁଲ ଟେନିସ୍ କିମ୍ବଦନ୍ତୀ କମଲେଶ ମେହେଟ୍ଟାଙ୍କ ଠାରୁ ଗ୍ରହଣ କରୁଛନ୍ତି ।

## ମନୋରଞ୍ଜନ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

କଣାସ,୧୨।୨(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗୋଲାବଜର ବାତ୍ୟା ଆଶ୍ରୟ ସ୍ଥଳଠାରେ ଦଶମ ମନୋରଞ୍ଜନ ସର୍ବ ଭାରତୀୟ ଦିବାରାତ୍ର ଭଲିବଲ୍ ଟୁନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଛଅଟି ଦଳ ଯଥା ବିହାର, ହରିଆନା, ଭଦ୍ରକ, ଭୁବନେଶ୍ୱର କିଟ୍, ରେନବୋ କ୍ଲବ ଭୁବନେଶ୍ୱର, ଜଟଣୀ କ୍ଲବ ଓ କଣାସ ଆଞ୍ଚଳିକ କ୍ରୀଡ଼ା ପ୍ରତିଷ୍ଠାନ ଆଦି ଭାଗ ନେଇଥିଲେ ।ଏଥିରେ ଭଦ୍ରକ ଟିମ୍ କୁ ୨/୧ସେଟ୍ ରେ ଭୁବନେଶ୍ୱର କିଟ୍ ପରସ୍ଥ କରି ବିଜୟ ହୋଇଥିଲା । ବୀରବର ଭଞ୍ଜ,ଶ୍ରୀକାନ୍ତ ନାୟକ,ତ୍ରିଲୋଚନ ଦାସ,ବିଦ୍ୟୁ ଭୂଷଣ ଦାସ ରେଫରି ଭାବେ କାର୍ଯ୍ୟ କରୁଥିଲେ ।

## ପେନସକ ସିଲଟ ଚାମ୍ପିଅନ୍‌ସିପ୍: ଖୋର୍ଦ୍ଧା ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ

ଭୁବନେଶ୍ୱର,୧୨।୨(ସବ୍ୟୁ): ଭୁବନେଶ୍ୱରର ପଟିଆରେ ଅନୁଷ୍ଠିତ ହେଇ ଯାଇଛି ପ୍ରଥମ ଖୋର୍ଦ୍ଧା ଜିଲ୍ଲା ପେନସକ୍ ସିଲଟ ଚାମ୍ପିଅନସିପ । ଏହି ପ୍ରତିଯୋଗିତା ଫେବୃଆରି ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି ଚାମ୍ପିଅନସିପରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ପାଇଛନ୍ତି ଖୋର୍ଦ୍ଧାର ଖେଳାଳି ମାନେ । ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଖୋର୍ଦ୍ଧାରୁ ୭୨ଜଣ ପ୍ରତିଭାବାନ ପିଲାମାନେ ଅଂଶ ଗ୍ରହଣ କରିଥଲେ । ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଖେଳାଳିମାନେ ୨୪ ଟି ସ୍ୱର୍ଣ୍ଣ, ୯ ଟି ରୌପ୍ୟ ଓ ୧୦ ଟି କାଂସ୍ୟ ପଦକ ଜିତିଛନ୍ତି । ଖେଳାଳିମାନେ ଆଗକୁ ଓଡ଼ିଶା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ମେଡାଲ ଆଣିବେ ବୋଲି ଦୃଢ଼ ଆଶା ରଖିଛନ୍ତି । ଏହି ପ୍ରତିଯୋଗିତାରେ ଅନନ୍ଦିତା ପାତ୍ର, ପ୍ରକାଶ ବେହେରା, ରଞ୍ଜିତ ନାୟକ, ଶ୍ରୀତମ ସାହୁ, ସିଦ୍ଧାର୍ଥ ସାହୁ ରେଫ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ ଓ ପେନସକ୍ ସିଲଟ ଆସୋସିଏସନ



ଖୋର୍ଦ୍ଧାର ସଭାପତି ସାରଦା ପ୍ରସନ୍ନ ଦାସ, ଉପସଭାପତି ଦେବାଶିଷ ମହାପାତ୍ର, ସୁବ୍ରଜିତ୍ ଜେନା, ସତ୍ୟ ପ୍ରିୟ ପାତ୍ର, ବିମଳ କୁମାର ସାହୁ , ନବ କିଶୋର ପାଇକରାୟ , ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସହ ସମ୍ପାଦକ ପ୍ରକାଶ ବେହେରା ଓ ପୂର୍ଣ୍ଣ ଚନ୍ଦ୍ର ମହାରଣା, ମୁଖ୍ୟ ଉପଦେଷ୍ଟା ତଥା ଜୟ ଓଡ଼ିଶା ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ, ଶ୍ରିତାଂଶୁ ଦିୱେଦି, ଦେବାଶିଷ ସୁନ୍ଦରାୟ, କ୍ୟାସିୟର ଜଗନ୍ନାଥ ସାହୁ, ଆଲୋକ ଗୋଛାୟତ,ସିଦ୍ଧାର୍ଥ ସାହୁ, ବୁଲୁ ଚମ୍ପତି, ପ୍ରତ୍ୟୁଷ ଭଞ୍ଜ, ଜିତେନ୍ଦ୍ର ନନ୍ଦ , ଜଗନ ଲେଙ୍କା ଆଦି ସମସ୍ତ ପ୍ରତିଯୋଗୀଙ୍କୁ ଶୁଭକାମନା ଜଣାଇଛନ୍ତି ।




Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541,